



ଦିବ୍ୟା ମହିଳା ଚେସ୍ ବିଶ୍ୱକପ୍ ଚାମ୍ପିଅନ୍

▶କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-35 ◆TUESDAY ◆29 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୫ ◆ମଙ୍ଗଳବାର ◆୨୯ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**ସାହାରା ଇଣ୍ଡିଆ ଜମି ଦୁର୍ନୀତି**

## ୧୦୦୦ କୋଟିର ଜମିକୁ ୧୨୦ କୋଟିରେ ବିକିଦେଲେ

■ **ଭୋପାଳ,୨୮।୭ (ଏଜେନ୍ସି):** ମଧ୍ୟପ୍ରଦେଶରେ ସାହାରା ଇଣ୍ଡିଆର ଜମି ବିକ୍ରି କ୍ଷେତ୍ରରେ ହୋଇଛି ବଡ଼ ଧରଣର ଦୁର୍ନୀତି । ଏଥିରେ ସାହାରାର ୫୦୦ ଏକର ଜମିରେ ୭୩ କୋଟି ଟଙ୍କାର ଠକେଇ ମାମଲା ସାମ୍ନାକୁ ଆସିଛି । ଏହି ମାମଲାରେ, ଇଓଡବ୍ଲ୍ୟୁ ସାହାରାର ପୂର୍ବତନ ମୁଖ୍ୟ ସୁବ୍ରତ ରୟଙ୍କ ପୁଅ ସୀମାନ୍ତ ରୟଙ୍କ ବିରୋଧରେ ମାମଲା ରୁଜୁ କରିଛି । ଏଥିରେ ସାହାରା ପରିଚାଳନାର ଅନେକ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି । କୁହାଯାଉଛି ଯେ ଏଥିରେ ପାଖାପାଖି ୧୦୦୦ କୋଟି ଟଙ୍କା ମୂଲ୍ୟର ଜମିକୁ

**ସୁବ୍ରତ ରୟଙ୍କ ପୁଅ ବିରୋଧରେ ମାମଲା ରୁଜୁ କଲା ଇଓଡବ୍ଲ୍ୟୁ**

୧୨୦ କୋଟି ଟଙ୍କାରେ ବିକ୍ରି କରିଦିଆଯାଇଛି । ଏହି ଜମି ବିକ୍ରି ଭୋପାଳ, ଜବଲପୁର, କଟନୀ, ସାଗର ଏବଂ ଗ୍ୱାଲିଅରରେ ହୋଇଛି । ଜମି ବିକ୍ରି ବାବଦ ଅର୍ଥକୁ ସାହାରା ଗ୍ରୁପର ବିଭିନ୍ନ ସହଯୋଗୀ କମ୍ପାନୀର ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହୋଇଛି ।

ଏହି ଘଟଣାରେ ଆଇପିସିର ଧାରା ୪୨୦ ଏବଂ ୧୨୦ବି ଅଧୀନରେ ସାହାରା ଇଣ୍ଡିଆ, ସାହାରା ପ୍ରାଇମ୍ ସିଟି ଲିମିଟେଡ୍, ସୀମାନ୍ତୋ ରୟ (କର୍ପୋରେଟ୍ କେନ୍ଦ୍ରାଲ ମ୍ୟାନେଜମେଣ୍ଟ), ଜେବି ରୟ(ଡିଜିଏମ୍-ଡିଏମ୍ଡବ୍ଲ୍ୟୁ) ଓପି ଶ୍ରୀବାସ୍ତବ (ଡେପୁଟି ମ୍ୟାନେଜିଂ ୱାର୍କର) ଏବଂ ▶ପୃଷ୍ଠା-୭

**ଅପରେସନ ମହାଦେବ**

## ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ମୁସା ନିହତ

■ **ଶ୍ରୀନଗର, ୨୮।୭ (ଏଜେନ୍ସି):** ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି ଭାରତୀୟ ସେନା । ଶ୍ରୀନଗର ଲିଡବାସ ଅଞ୍ଚଳରେ ଲୁଚିଥିବା ୩ ପାକିସ୍ତାନୀ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି । ମୃତ ଆତଙ୍କବାଦୀଙ୍କ ମଧ୍ୟରେ ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ସୁଲେମାନ ଶାହା ଓରଫ ହାସିମ ମୁସା ସାମିଲ ରହିଛି । 'ଅପରେସନ ମହାଦେବ' ଜରିଆରେ ଭାରତୀୟ ସେନାକୁ ଏହି ସଫଳତା ମିଳିଛି ବୋଲି ସେନା ଅଧିକାରୀମାନେ କହିଛନ୍ତି । ଅନ୍ୟ ଆତଙ୍କବାଦୀଙ୍କୁ ଚିହ୍ନଟ ପାଇଁ ପ୍ରୟାସ କରାଯାଉଛି । ଜଣେ ଆତଙ୍କବାଦୀ ୨୦୨୪ର ସୋନମାର୍ଗ ସୁଡ଼ଙ୍ଗ ପ୍ରକଳ୍ପ ଉପରେ ହୋଇଥିବା ଆକ୍ରମଣରେ ସାମିଲ ଥିବା କୁହାଯାଉଛି । ଆତଙ୍କବାଦୀଙ୍କ ନିକଟରୁ ଆମେରିକାର ଏମ୍-୪ କାର୍ବାଇନ, ଏକେ-୪୭, ୧୭ ରାଇଫଲ ଏବଂ ଗ୍ରେନେଡ ମିଳିଛି । ଆଉ କିଛି ସନ୍ଦେହଜନକ ସାମଗ୍ରୀ ମଧ୍ୟ ଜବତ କରାଯାଇଛି । ସୁଲେମାନ ଶାହା ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବାର ସଦସ୍ୟ ଥିଲା । ସେ ପାକିସ୍ତାନ ସେନାର ଏଲିଟ ୟୁନିଟ ସ୍ପେସିଆଲ ସର୍ଭିସ ଗ୍ରୁପ ▶ପୃଷ୍ଠା-୭



**ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ମାମଲା**

# ଇସିଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

### ଆଧାର କାର୍ଡ, ଭୋଟର ପରିଚୟପତ୍ରକୁ ପ୍ରମାଣ ରୂପେ ଗ୍ରହଣ କରିବାକୁ ନିର୍ଦ୍ଦେଶ

■ **ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ସ୍ପେସିଆଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର)କୁ ନେଇ ବିବାଦ ଥମିବାର ନାଁ ଧରୁନାହିଁ । ସଂସଦରେ ଏହାକୁ ନେଇ ଅଚଳାବସ୍ଥା ଲାଗି ରହିଥିବା ବେଳେ ଏହି ମାମଲା ଉପରେ ଆଜି ସୁପ୍ରିମ କୋର୍ଟରେ ଶୁଣାଣି ହୋଇଛି । ନିର୍ବାଚନ କମିସନ ଚଳାଇଥିବା ଏହି ପ୍ରକ୍ରିୟା ଉପରେ ରୋକ୍ ଲଗାଇବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି । ତେବେ ସଂଶୋଧନ ପ୍ରକ୍ରିୟାରେ ଆଧାର କାର୍ଡ, ଭୋଟର ଆଇଡି ଏବଂ ରାସନ କାର୍ଡକୁ ପ୍ରମାଣପତ୍ର ରୂପେ ଗ୍ରହଣ କରିବା ଲାଗି କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କମିସନଙ୍କ ଆଭିମୁଖ୍ୟରେ ଉଦ୍‌ବେଗ ପ୍ରକାଶ କରି କୋର୍ଟ କହିଛନ୍ତି ଯେ ଏହି ପ୍ରକ୍ରିୟାରେ



**ଜାଲିଆତି ସଂପର୍କରେ ନିର୍ବାଚନ କମିସନଙ୍କ ଯୁକ୍ତି ଅଗ୍ରାହ୍ୟ**

**ଭୋଟର ତାଲିକା ସଂଶୋଧନକୁ ବି ରଦ୍ଦ କରିପାରିବେ କୋର୍ଟ**

ଭୋଟରଙ୍କୁ କାଟିବା ଅପେକ୍ଷା ଅଧିକ ଭୋଟରଙ୍କୁ ସାମିଲ କରାଯିବା ଉଚିତ ।

ଆଜି ଶୁଣାଣି ବେଳେ କୋର୍ଟ ପ୍ରଶ୍ନ କରିଥିଲେ ଯେ ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ଏହାର ଉତ୍ତର ଦେଇ ନିର୍ବାଚନ କମିସନଙ୍କ ପକ୍ଷରୁ କୁହାଯାଇଥିଲା ଯେ ରାସନ କାର୍ଡ ଉପରେ ବିଚାର କରାଯାଇପାରିବ ନାହିଁ । କାରଣ ବହୁସଂଖ୍ୟାରେ ରାସନ କାର୍ଡ ରହିଛି । ଏହାର ଜାଲିଆତି ହେବାର ସମ୍ଭାବନା ଅଧିକ । ମାମଲାର ଶୁଣାଣି କରୁଥିବା ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କମିସନଙ୍କ ଏଭଳି ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ କହିଲେ ଯେ ବିଶ୍ୱରେ ଏମିତି କୌଣସି ପ୍ରମାଣପତ୍ର ନାହିଁ ଯାହାର ନକଲ ହୋଇପାରିବନାହିଁ । ଏପରି ସ୍ଥଳେ ୧୧ ପ୍ରମାଣପତ୍ରକୁ ତାଲିକାଭୁକ୍ତ କରିବାର ଆଧାର କ'ଣ ବୋଲି ସେ ପଚାରିଥିଲେ । ଆଧାର କାର୍ଡ ଏବଂ ଭୋଟର ଆଇଡି କାର୍ଡ (ଇପିଆଇସି)କୁ ବୈଧ ପ୍ରମାଣପତ୍ର ଭାବେ ଅନୁମତି ଦେବାର ଆବଶ୍ୟକତା ରହିଥିବା କୋର୍ଟ କହିଛନ୍ତି । ଏ ନେଇ ବିଚାର କରିବାକୁ ଇସିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହା ଉପରେ ମଙ୍ଗଳବାର ୧୦.୩୦ ସୁଦ୍ଧା ନିଷ୍ପତ୍ତି ଜଣାଇବାକୁ କହିଛନ୍ତି । କୋର୍ଟ କହିଥିଲେ ଯେ ଭୋଟର ପରିଚୟ ପତ୍ର ସ୍ୱୟଂ କମିସନ ଜାରି କରିଛନ୍ତି । ଏହା କେମିତି ଜାଲ୍ ହୋଇପାରିବ ?

ଶୁଣାଣି ସମୟରେ କମିସନଙ୍କ ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ ଆଧାର କାର୍ଡ ନାଗରିକତାର ପ୍ରମାଣ ନୁହେଁ । ଜାଲ୍ ରାସନ କାର୍ଡ କଥା ମଧ୍ୟ ଉଠାଇଥିଲେ । ତେବେ ଆଧାରକୁ ପରିଚୟ ପ୍ରମାଣପତ୍ର ଭାବେ ବ୍ୟବହାର କରିହେବ ବୋଲି କହିଥିଲା । ଏହି ନମ୍ବର ପଞ୍ଜୀକରଣ ଫର୍ମରେ ଥିବା ଦର୍ଶାଇଥିଲେ । ଏହି ଯୁକ୍ତିରେ ବିସଙ୍ଗତି ଦର୍ଶାଇ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି କମିସନଙ୍କ ନିଜସ୍ୱ ତାଲିକାରେ ଥିବା କୌଣସି ▶ପୃଷ୍ଠା-୭

**ଲୋକସଭାରେ ପହଲଗାମ, ଅପରେସନ ସିନ୍ଦୂର ବିତର୍କ**

# ବିରୋଧୀ-ଶାସକ ମୁହାଁମୁହିଁ

■ **ନୂଆଦିଲ୍ଲୀ, ୨୮।୭:** ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଏହାର ଜବାବରେ ପାକିସ୍ତାନ ବିରୋଧରେ ହୋଇଥିବା ଅପରେସନ ସିନ୍ଦୂର ଅନ୍ୟପକ୍ଷରେ ସରକାରଙ୍କୁ ଟାର୍ଗେଟ କରି ବିରୋଧୀ ପହଲଗାମ ଆକ୍ରମଣ ପାଇଁ ସରକାରଙ୍କୁ ଦାୟୀ କରିଛନ୍ତି ।



**ଗୃହରେ ୧୬ ଘଣ୍ଟିଆ ଆଲୋଚନା ଆରମ୍ଭ**

**୨୨ ମିନିଟରେ ସଫଳତା ମିଳିଲା: ରାଜନାଥ**

**ମୋଦୀ-ଟ୍ରମ୍ପ ଆଲୋଚନା ହୋଇନି: ଜୟଶଙ୍କର**

**ଆକ୍ରମଣ ରୋକିବାରେ ସରକାର ବିଫଳ ହେଲେ କାହିଁକି: ଗୋଗୋଇ**

ଉପରେ ଆଜି ଲୋକସଭାରେ ୧୬ ଘଣ୍ଟିଆ ସ୍ୱତନ୍ତ୍ର ଆଲୋଚନା ଆରମ୍ଭ ହୋଇଛି । ଆଲୋଚନା ବେଳେ ସରକାର ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଅପରେସନ ସିନ୍ଦୂର ସଫଳ ହୋଇଛି ଏବଂ କାହାରି ଚାପରେ ଏହାକୁ ବନ୍ଦ କରାଯାଇ ନାହିଁ ।

ଆଲୋଚନା ଆରମ୍ଭ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଲେ ଯେ ମେ ୭ ତାରିଖରେ ପାକିସ୍ତାନ ବିରୋଧରେ ଅପରେସନ ସିନ୍ଦୂର ନାମରେ ହୋଇଥିଲା ସାମରିକ କାର୍ଯ୍ୟାନୁଷ୍ଠାନ । ୨୨ ମିନିଟ ମଧ୍ୟରେ ଭାରତୀୟ ସେନାକୁ ମିଳିଥିଲା ସଫଳତା । ପାକିସ୍ତାନରେ ଥିବା ୯ଟି ଆତଙ୍କବାଦୀ ▶ପୃଷ୍ଠା-୭

**ମୁଖ୍ୟମନ୍ତ୍ରୀଙ୍କୁ ଉପବାଚସ୍ପତିଙ୍କ ଚିଠି**

## ରାଜ୍ୟରେ ବଢୁଛି ସଂଗଠିତ ଅପରାଧ

■ **ଭୁବନେଶ୍ୱର,୨୮।୭ (ସମିସ):** ରାଜ୍ୟରେ ବଢୁଥିବା ସଂଗଠିତ ଅପରାଧକୁ ନେଇ ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଚିନ୍ତା ପ୍ରକଟ କରିଛନ୍ତି । ଜମି ହଡ଼ପ, ଚାନ୍ଦା ଆଦାୟ, ସୁପାରୀ ହତ୍ୟା, ବେଆଇନ ଖଣି କାରବାର, ନିଶାଦ୍ରବ୍ୟ ଚାଲାଣ ଭଳି ଅପରାଧକୁ ରୋକିବା ପାଇଁ

**ଜମି ହଡ଼ପ, ଚାନ୍ଦା ଆଦାୟ, ସୁପାରୀ ହତ୍ୟା, ବେଆଇନ ଖଣି କାରବାର, ନିଶାଦ୍ରବ୍ୟ ଚାଲାଣ ବଢୁଛି**

**ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ପରି ଗ୍ୟାଙ୍ଗଷ୍ଟର୍ ନିରୋଧ ଭଳି ଆଇନ ଆଣିବାକୁ ଦେଲେ ଲିଖିତ ପ୍ରସ୍ତାବ**



ରାଜ୍ୟରେ ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ଭଳି ଗ୍ୟାଙ୍ଗଷ୍ଟର୍ ନିରୋଧ ଆଇନ ଆଣିବା ପାଇଁ ଶ୍ରୀ ଭୋଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି । ▶ପୃଷ୍ଠା-୭

## ଖସୁଛି ପାଣି; ବଢୁଛି ଦୁର୍ଦ୍ଦଶା

■ **ଭୁବନେଶ୍ୱର, ୨୮।୭ (ସମିସ):** ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା, ବୈତରଣୀ ଓ ଜଳକା ନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ଫଳରେ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରଭାବିତ ହୋଇଛି । ତେବେ ଦୁଇ ଦିନ ହେବ ରାଜ୍ୟରେ ବର୍ଷା କମିବା ଯୋଗୁଁ ନଦୀରେ ଜଳସ୍ତର କମୁଥିଲେ

**ଖସୁଛି ସବୁ ନଦୀର ଜଳସ୍ତର**

**ଗାଁରୁ ସମ୍ପୂର୍ଣ୍ଣ ପାଣି ଛାଡ଼ିବାକୁ ଆହୁରି ୪୮ ଘଣ୍ଟା ଲାଗିବ**

**ପାଣି ଛାଡ଼ିବା ପରେ କ୍ଷୟକ୍ଷତି ଆକଳନ: ରାଜସ୍ୱ ମନ୍ତ୍ରୀ**

ମଧ୍ୟ ବଢ଼ିପାଣି ଯୋଗୁଁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି । ସୁବର୍ଣ୍ଣରେଖା ନଦୀରେ ବନ୍ୟା ଯୋଗୁଁ ମୁଖ୍ୟତଃ ▶ପୃଷ୍ଠା-୭

## ଉଚ୍ଚଶିକ୍ଷା ବିଭାଗରେ ହ୍ୟାକର୍ ଆତଙ୍କ

### ରେଭେନ୍ସା ପରେ ବିଭାଗର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ହ୍ୟାକ୍

■ **ଭୁବନେଶ୍ୱର, ୨୮।୭(ସମିସ):** ଉଚ୍ଚଶିକ୍ଷା ବିଭାଗକୁ ଘାରିଛି ହ୍ୟାକର୍ ଆତଙ୍କ । ରବିବାର ଐତିହାସିକ ରେଭେନ୍ସା ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିବାବେଳେ ସୋମବାର ଉଚ୍ଚଶିକ୍ଷା ବିଭାଗର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ହ୍ୟାକ୍ କରି ଏକାଧିକ ଅଶ୍ଳୀଳ ଓ ବେଟିଂ ଭିଡିଓ ପୋଷ୍ଟ କରିବାରେ ସଫଳ ହୋଇଛନ୍ତି ହ୍ୟାକର୍ । ତେବେ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ପୋଷ୍ଟଗୁଡ଼ିକୁ ଡିଲିଟ୍ କରାଯାଇଛି ।



ବିଭିନ୍ନ ସମୟରେ ୱେବସାଇଟ୍ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମ ସାଇଟ୍ ହ୍ୟାକ୍ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ତଥ୍ୟ କେତେ ସୁରକ୍ଷିତ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ସୋମବାର ସକାଳ ପ୍ରାୟ ୬.୩୦ରେ ବିଭାଗର ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଅଶ୍ଳୀଳ ଭିଡିଓ ସହ ବେଟିଂ ସାଇଟ୍ ଭିଡିଓ ପୋଷ୍ଟ ହୋଇଥିଲା । ଏହାର ୫ ମିନିଟ୍ ମଧ୍ୟରେ ମୋଟ୍ ୪ଟି ବେଟିଂ ସାଇଟ୍ ପ୍ରୋମୋସନ୍ ▶ପୃଷ୍ଠା-୭

## ଅଗ୍ନିକାଣ୍ଡରେ ଜିଅନ୍ତା ଜଳିଗଲେ ଯୁବକ

■ **ଅନୁଗୋଳ,୨୮।୭(ସମିସ):** ଅନୁଗୋଳ ଟାଉନ୍ ଥାନା ଅନ୍ତର୍ଗତ ଗୀତା ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ଜଣେ ଯୁବକ ଜିଅନ୍ତା ଜଳିଯାଇଛନ୍ତି । ମୃତକ ହେଲେ, ଜୟପୁର ଅଞ୍ଚଳର ରାଧାମୋହନ ସାହୁଙ୍କ ପୁଅ ସରୋଜ ସାହୁ(୩୫) । ସୂଚନାନୁଯାୟୀ, ରବିବାର ସରୋଜ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା । ସରୋଜ ଘରେ ଏକାକୀ ଥିବା ବେଳେ ଛୁଆକୁ ନେଇ ସ୍ତ୍ରୀ କେଉଁଆଡ଼େ ଚାଲିଯାଇଥିଲେ । ସୋମବାର ଭୋର୍ ୪ଟାରେ ସରୋଜଙ୍କ ଘରେ ନିଆଁ ଲାଗିଥିବା ଦେଖି ପଡ଼ୋଶୀଘର ଲୋକେ ପୁଲିସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ସାଢ଼େ ୪ଟାରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରି ସରୋଜଙ୍କୁ ଉଦ୍ଧାର କରିଥିଲା । ତେବେ ସେତେବେଳକୁ ସରୋଜଙ୍କ ମୃତ୍ୟୁ ହୋଇସାରିଥିଲା । ତେବେ କେଉଁ ପରିସ୍ଥିତିରେ ସରୋଜଙ୍କ ମୃତ୍ୟୁ ଘଟିଲା ତାହା ଜଣାପଡ଼ିନାହିଁ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଏସିଡ୍ ଆକ୍ରମଣରେ ଜୀବନ ହାରିଲା ଗାଈ

■ **ବ୍ରହ୍ମପୁର, ୨୮।୭ (ସମିସ):** ଏସିଡ୍ ଆକ୍ରମଣରେ ଆହତ ଗାଈ ଶେଷରେ ଛଟପଟ ହୋଇ ଜୀବନ ହାରିଛି । ଏନେଇ ମୃତ ଗାଈର ମାଲିକ ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ବିଜିପୁର

**ମାଲିକ ଥାନାର ଦ୍ୱାରସ୍ଥ**

କେନାଲ ସାହିର ରୁନୁ ସେଠୀ ନିଜ ଫାର୍ମରେ କିଛି ଗାଈଙ୍କୁ ପାଳିଛନ୍ତି । କିଛି ଦିନ ପୂର୍ବରୁ ରୁନୁ ସେଠୀଙ୍କ ଗୋଟିଏ ଗାଈ ଓ ଏମ.ରାମକ୍ରିଷ୍ଣାଙ୍କ ୪ଟି ଗାଈ ମାରୁତିବିହାର ଅଞ୍ଚଳରେ ଚରୁଥିବା ବେଳେ ରାକେଶ କୁମାର ପଣ୍ଡାଙ୍କ ବାଡ଼ି ଭିତରେ ପଶିଯାଇଥିଲେ । ଏଥିରେ ରାଗିଯାଇ ରାକେଶ ଗାଈମାନଙ୍କ ଉପରେ ଏସିଡ୍ ଫୋପାଡ଼ି ଦେଇଥିଲେ । ଆକ୍ରମଣରେ ୫ଟି ଗାଈଙ୍କ ଶରୀରରେ ଗଭୀର କ୍ଷତ ହୋଇଥିଲା । ଉଭୟ ଗାଈ ▶ପୃଷ୍ଠା-୭





# ମହିଳା ଡାକ୍ତରଙ୍କୁ ଡିଜିଟାଲ ଆରେଷ୍ଟ: ୧୯ କୋଟି ଟଙ୍କା ଲୁଟିନେଲେ ସାଇବର ଠକ



ଗାନ୍ଧୀନଗର, ୨୮।୭(ଏଜେନ୍ସି): ଗୁଜରାଟର ଗାନ୍ଧୀନଗରରେ ଜଣେ ୭୦ ବର୍ଷୀୟ ମହିଳା ଡାକ୍ତରଙ୍କୁ ସାଇବର ଅପରାଧୀମାନେ ୧୯.୨୪ କୋଟି ଟଙ୍କାର ଚୂନା ଲଗାଇଛନ୍ତି। ଏହାକୁ ଦେଶର ସବୁଠାରୁ ବଡ଼ ଡିଜିଟାଲ ଆରେଷ୍ଟ ବୋଲି କୁହାଯାଉଛି। ଗିରଫ୍ କରିବାର ଭୟ ଦେଖାଇ ଜଣେ ବ୍ୟକ୍ତିଙ୍କୁ ଧମକାଇବା ସହ ଘରେ ବନ୍ଦୀ କରିବା ପ୍ରକ୍ରିୟାକୁ ଡିଜିଟାଲ ଆରେଷ୍ଟ କୁହାଯାଇଥାଏ। ସାଇବର ଅପରାଧିମାନେ ଭିଡିଓ କଲ୍‌କରି ନିଜ ପଦ ପଦବୀ କୌଣସି ଥାନ ଅଧିକାରୀଙ୍କ ଭଳି ଦେଖାଇଥାନ୍ତି। ବ୍ୟାଙ୍କ ଏକାଉଣ୍ଟ ସିଜ୍ ଏବଂ ଗିରଫ ଧମକ ଦେଇଥାନ୍ତି। ଆପ୍ ଡାଉନ୍‌ଲୋଡ କରି ନକଲି ଡିଜଟାଲ ଫର୍ମ ପୂରଣ କରିଥାନ୍ତି ଅପରାଧିମାନେ। ଜାଲ ଆକାଉଣ୍ଟ ସୂଚାଇ ସେଥିରେ ଟଙ୍କ ନେଣଦେଶ କରିଥାନ୍ତି। ଏହିପରି ଭାବେ ସାଇବର ଅପରାଧୀମାନେ ମହିଳା ଡାକ୍ତରଙ୍କୁ ଗିରଫଦାରୀର ଭୟ ଦେଖାଇ ମାତ୍ର ୩ ମାସ ମଧ୍ୟରେ ୧୯ କୋଟି ୨୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଗତ ମାର୍ଚ୍ଚ ମାସରେ ଠକାମୀର ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମହିଳା ଡାକ୍ତରଙ୍କୁ ଫେମା (ବିଦେଶୀ ମୁଦ୍ରା ପ୍ରବନ୍ଧନ) ନିୟମ ଉଲ୍ଲଂଘନ ଅଭିଯୋଗ ଗିରଫ କରିବାକୁ ଅପରାଧୀମାନେ ପୁଲିସ ଇନିସପେକ୍ଟର, ସରକାରୀ ଓକିଲର ପରିଚୟ ଦେଇ ଧମକ ଦେଇଥିଲେ। ଯେତେବେଳେ ମହିଳା ଡାକ୍ତରଜଣକ ସାଇବର ସ୍କାମ୍‌ର ଶିକାର ହୋଇଛନ୍ତି ବୋଲି ଜାଣିବାକୁ ପାଇଥିଲେ ସେତେବେଳେ ଏହା ଜଣାପଡ଼ିଥିଲା। ଏହି ମାମଲାରେ ପୁଲିସ ସୁରତର ଲାଲଜିଭାଇ ବଲଦାନିଆକୁ ଗିରଫ କରିଛି। ପଇସା ଯୋଗାଡ କରିବାକୁ ମହିଳା ଡାକ୍ତର ଜଣକ ସୁନା ଋଣ ମଧ୍ୟ କରିଥିଲେ। ଏହି ଠକାମୀରେ ଏତେ ଡରିଯାଇଥିଲେ ଯେ, ସେ ବିଭିନ୍ନ ସ୍ଥାନରେ ଥିବା ବେଳେ ନିଜ ଲୋକେଶନ ସେୟାର କରିବାକୁ ପଛାଇ ନଥିଲେ।

# ସଂଜୟ ଦତ୍ତଙ୍କୁ ୭୨ କୋଟି ଦାନକଲେ ମହିଳା ପ୍ରଶଂସକ



ମୁମ୍ବାଇ, ୨୮।୭ (ଏଜେନ୍ସି): ନିଜ ପ୍ରିୟ ସେଲିବ୍ରିଟିଙ୍କ ଗୋଟିଏ ଝଲକ୍ ପାଇବା ପାଇଁ ପ୍ରଶଂସକ (ଫ୍ୟାନ)ମାନେ ପାଗଳ ପ୍ରାୟ ହୋଇ ଯାଉଛନ୍ତି। କିଏ ହାତରେ ଟାଟୁ କରି ତ ଆଉ କିଏ କ୍ଷୀରାଭିଷେକ ପୁଣି କେହି ପ୍ରିୟ ସେଲିବ୍ରିଟିଙ୍କ ଶୈଳୀ ଅନୁକରଣ କରି ଚାଲୁଥିବା ଦେଖାଯାଉଛି। ଏପରି ଅନେକ ପ୍ରଶଂସକ ଅଛନ୍ତି ଯିଏ ନିଜ ପ୍ରିୟ କଳାକାରଙ୍କୁ ଭେଟିବା ପାଇଁ ଚାଲି ଚାଲି ତାଙ୍କ ପାଖରେ ପହଞ୍ଚିଛନ୍ତି। ଏବେ ଜଣେ ନିଆରା ପ୍ରଶଂସକ କାହାଣୀ ସାରା ଦେଶରେ ଚର୍ଚ୍ଚାରେ ରହିଛି। ସେ ନିଜର ସମସ୍ତ ସମ୍ପତ୍ତିକୁ ପ୍ରିୟ ଅଭିନେତା ସଞ୍ଜୟ ଦତ୍ତଙ୍କ ନାମରେ କରି ସଂସାରରୁ ବିଦାୟ ନେଇଛନ୍ତି। ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏହି ସମ୍ପତ୍ତି ଲକ୍ଷେ କି କୋଟିଏ ଟଙ୍କାର ନୁହେଁ, ପ୍ରାୟ ୭୨ କୋଟିର। ମୃତ୍ୟୁ ପୂର୍ବରୁ ପରିବାର ବଦଳରେ ଏହି ସମସ୍ତ ସମ୍ପତ୍ତିକୁ ନିଜ ପ୍ରିୟ ଅଭିନେତାଙ୍କୁ ପ୍ରଦାନ କରିବା ପାଇଁ ସେ ବ୍ୟାଙ୍କକୁ କହି ଯାଇଥିଲେ।

ଏହି ମହିଳାଙ୍କ ନାମ ହେଉଛି ନିଶା ପଟେଲ। ସେ ମୁମ୍ବାଇର ବାସିନ୍ଦା ଏବଂ ଜଣେ ଗୃହିଣୀ ଥିଲେ। ସେ ଦୂରାରୋଗ୍ୟରେ ପୀଡ଼ିତ ହୋଇ ୨୦୧୮ ରେ ପ୍ରାଣ ହରାଇ ଥିଲେ। ସେ ସମୟରେ ଏହି ଖବର ଖୁବ୍ ଚର୍ଚ୍ଚାରେ ଥିଲା। ଲୋକେ ଏହା ଶୁଣିବା ପରେ ମିଛ ବୋଲି କହିଥିଲେ। ମାତ୍ର ନିକଟରେ ସଞ୍ଜୟ ଦତ୍ତ ଏହି ଘଟଣାକୁ ସତ ବୋଲି କହିଛନ୍ତି। ସେ ଏକ ସାକ୍ଷାତକାରରେ ଏ ବିଷୟରେ ସୂଚନା ଦେଇଛନ୍ତି। ସେ ମହିଳାଙ୍କ ୭୨ କୋଟି ଟଙ୍କାର ସମ୍ପତ୍ତିକୁ ତାଙ୍କ ପରିବାର ଲୋକଙ୍କୁ ଫେରାଇ ଦେଇଥିବା ସୂଚନା ଦେଇଛନ୍ତି। ଏହା ଅଭିନେତାଙ୍କ ବ୍ୟକ୍ତିତ୍ୱକୁ ଦର୍ଶାଉଛି। ଖଳନାୟକ ଷ୍ଟାରଙ୍କ କ୍ୟାରିୟର ବିବାଦଭରା ରହିଛି। ସେ ଆତଙ୍କବାଦ ସହ ଜଡ଼ିତ ଏବଂ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ ୫ ବର୍ଷ ଜେଲ୍ ଯାଇଥିଲେ।

# କେନାଲକୁ ଖସିଲା ପିକ୍‌ଅପ୍ ଭ୍ୟାନ; ୮ ମୃତ, ୩ ନିଖୋଜ

ଲୁଧିଆନା, ୨୮।୭(ଏଜେନ୍ସି): ପଞ୍ଜାବର ଲୁଧିଆନାରେ ରବିବାର ବିଳମ୍ବିତ ରାତିରେ ମଲୋରକୋଟଲା ରୋଡ୍‌ରେ ଜଗୋଡା କେନାଲର ପୋଲ ଉପରୁ ଏକ ମହିନ୍ଦ୍ରା ପିକ୍‌ଅପ୍ ତଳକୁ ଖସିପଡ଼ିଛି। ଏଥିରେ ମୋଟ୍ ୨୯ ଜଣ ଯାତ୍ରା କରୁଥିବାବେଳେ ଦୁର୍ଘଟଣାରେ ୩ ଶିଶୁ ଓ ୪ ମହିଳାଙ୍କ ସମେତ ୮ ଜଣ ପ୍ରାଣ ହରାଇଛନ୍ତି। ୨ ଜଣ କେନାଲରେ ଭାସି ଯାଇ ନିଖୋଜ ଅଛନ୍ତି। ଉଭୟଙ୍କୁ ଖୋଜିବା ପାଇଁ ତଲାସୀ ଅଭିଯାନ ଜାରି ରହିଛି। ହିମାଚଳର ମାତା ନୈନା ଦେବୀ ମନ୍ଦିର ଦର୍ଶନ କରି ଲୋକେ ଏହି ପିକ୍‌ଅପ୍‌ରେ ଘରକୁ ଫେରୁଥିଲେ। ଗାଡ଼ି ଓଭରଲୋଡ ଥିଲା। ଅନ୍ୟ ଏକ ଗାଡ଼ିକୁ ଓଭରଟେକ କରିବାକୁ ଯାଇ ଡ୍ରାଇଭର ନିୟନ୍ତ୍ରଣ ହରାଇବା ଯୋଗୁଁ ଦୁର୍ଘଟଣା ଘଟିଥିଲା।

# ଯୁଦ୍ଧବିରତି ଘୋଷଣା କଲେ ଥାଇଲାଣ୍ଡ- କାମ୍ବୋଡିଆ

ବ୍ୟାଙ୍କକ/ ନୋମ ପେହ୍ନ, ୨୮।୭(ଏଜେନ୍ସି): ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ଚାଲିଥିବା ସଂଘର୍ଷର ପୂର୍ଣ୍ଣଚ୍ଛେଦ ପଡ଼ିଛି।



ଅସ୍ତ୍ରବିରତି ନେଇ ଦୁଇ ଦେଶ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଆମେରିକା ଓ ଚୀନ୍‌ର ମଧ୍ୟସ୍ଥତା ପରେ ଦୁଇଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ମାଲେସିଆ ରାଜଧାନୀ କୁଆଲାଲମପୁରରେ ସୋମବାର ଶାନ୍ତିବାର୍ତ୍ତା ଅନୁଷ୍ଠିତ ହୋଇଛି। ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଥାଇଲାଣ୍ଡ ତରଫରୁ କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ଫୁମ୍‌ଥମ ବେଚୟଚାଇ ଓ କାମ୍ବୋଡିଆ ପ୍ରଧାନମନ୍ତ୍ରୀ ହୁନ୍ ମାନେଟ ଯୋଗ ଦେଇଥିଲେ। ଉଲ୍ଲେଖଥାଉ କି, ଏକ ହଜାର ବର୍ଷର ଦୁଇଟି ଶିବ ମନ୍ଦିର ପାଇଁ ଦୁଇ ଦେଶ ମୁହାଁମୁହିଁ ହୋଇଥିଲେ। ୩ ଦିନ ବ୍ୟାପୀ ଚାଲିଥିବା ଭୀଷଣ ସଂଘର୍ଷରେ ୩୩ଜଣ ମୃତ୍ୟୁବରଣ କରିଥିଲେ।

# ଆଇସିୟୁକୁ ବନ୍ଦ ହୋଇଗଲା ଅମ୍ଳଜାନ ଯୋଗାଣ; ୩ ମୃତ

ଜଳନ୍ଧର, ୨୮।୭ (ଏଜେନ୍ସି): ପଞ୍ଜାବ ଜଳନ୍ଧରର ସିଭିଲ ହସ୍ପିଟାଲରୁ ମେଡିକାଲ ଅବହେଳାର ନଗ୍ନ ଚିତ୍ର ସାମ୍ନାକୁ ଆସିଛି। ଟ୍ରମା ସେଣ୍ଟରର ଆଇସିୟୁକୁ ରବିବାର ରାତିରେ ଅମ୍ଳଜାନ ଯୋଗାଣ ବନ୍ଦ ହୋଇଯିବାରୁ ତିନି ରୋଗୀଙ୍କ ମୃତ୍ୟୁ ହୋଇଛି। ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଛି। ମାତ୍ର ଉଭୟଙ୍କ ଜୀବନ ବଞ୍ଚି ଯାଇଛି। ଏହି ଘଟଣାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ହସ୍ପିଟାଲରେ ହଙ୍ଗାମା କରିଛନ୍ତି। ମେଡିକାଲ ପ୍ରଶାସନର ଅବହେଳାରୁ ରୋଗୀଙ୍କ ଜୀବନ ଗଲା ବୋଲି ଅଭିଯୋଗ କରିଛନ୍ତି। ଏହାର ସୂଚନା ପାଇବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ବଲବୀର ସିଂହ ହସ୍ପିଟାଲରେ ପହଞ୍ଚି ବୈଠକ କରିଥିଲେ। ସେ ସକାଳେ ପୀଡ଼ିତ ପରିବାରକୁ ଭେଟିଥିଲେ। ଯାଞ୍ଚରୁ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ୨୦ରୁ ୨୫ ମିନିଟ ପର୍ଯ୍ୟନ୍ତ ଅମ୍ଳଜାନ ଯୋଗାଣ ବନ୍ଦ ଥିଲା ବୋଲି ଜଣାପଡ଼ିଛି। ଏହି ସମୟରେ ନିୟମିତ ଅପରେଟର ଛୁଟିରେ ଥିଲେ। ଅନ୍ୟ ଜଣେ କର୍ମଚାରୀଙ୍କୁ ତାଙ୍କ ସ୍ଥାନରେ ନିୟୋଜିତ କରାଯାଇଥିଲା।

# ମଦରେ କର୍କଟର ଉପାଦାନ

ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): ଅଲ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ (ଏଆଏଆଇଏମ୍‌ସ)ର ଗବେଷକମାନେ ଏକ ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି। ମଦରେ ଦୂରାରୋଗ୍ୟ କର୍କଟ ରୋଗ ସୃଷ୍ଟିକାରୀ ଉପାଦାନ ରହିଛି ବୋଲି ଗବେଷଣାରୁ ଜଣାପଡ଼ିଛି। ତମାଖୁ ପରି ମଦରେ ମଧ୍ୟ ରହିଛି କର୍କଟ ସୃଷ୍ଟିକାରୀ ଉପାଦାନ। କିନ୍ତୁ ଏ ନେଇ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ରହିଛି। ଏପରିସ୍ଥଳେ ତମାଖୁ ପରି ମଦ ଉପରେ ମଧ୍ୟ ଚେତାବନୀ ସଂକେତ ଲେଖାଯିବାର ଆବଶ୍ୟକାତା ରହିଛି ବୋଲି କୁହାଯାଉଛି। ଏମ୍ସର ଗବେଷକ ଦ୍ୱାରା ଲିଖିତ ଏକ ରିସର୍ଚ୍ଚ ପେପରରେ ଏହା ଉଲ୍ଲେଖ କରାଯାଇଛି। ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ୨୦୧୨ରୁ ୨୦୨୨ ପର୍ଯ୍ୟନ୍ତ ଏଥିରେ ୩୬ ପ୍ରତିଶତ ବୃଦ୍ଧି ପାଇଛି ବୋଲି ଜଣାପଡ଼ିଛି। କେବଳ ମଦ୍ୟପାନ ଯୋଗୁଁ ୨୦୨୦ର ରିପୋର୍ଟ ଅନୁଯାୟୀ ଭାରତରେ ଏକ ଲକ୍ଷ ଲୋକଙ୍କ ମଧ୍ୟରୁ ୪.୭ ପ୍ରତିଶତ ମୃତ୍ୟୁ ବରଣ କରୁଛନ୍ତି।

# ୬ଟି ଯୁଦ୍ଧକୁ ଅଟକାଇଛି: ଟ୍ରମ୍ପ

ଲଣ୍ଡନ, ୨୮।୭ (ଏଜେନ୍ସି): ଭାରତୀୟ ସଂସଦରେ 'ଅପରେସନ ସିନ୍ଦୂର'କୁ ନେଇ ଚର୍ଚ୍ଚା ଜାରି ରହିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ନିଜ ଦାବିକୁ ଦୋହରାଇଛନ୍ତି। ପାକିସ୍ତାନ ସହ ଅସ୍ତ୍ରବିରତି ପଛରେ ଟ୍ରମ୍ପଙ୍କ ହାତ ନ ଥିବା ଭାରତ ସରକାର କହୁଥିବାବେଳେ ଆମେରିକା ରାଷ୍ଟ୍ରପତି ବାରମ୍ବାର ସଂଘର୍ଷ ବନ୍ଦ କରିଥିବା ଦାବି କରୁଛନ୍ତି। ଯଦି ସେ ରାଷ୍ଟ୍ରପତି ହୋଇ ନ ଥାଆନ୍ତେ ତେବେ ବିଶ୍ୱରେ ୬ଟି ବଡ଼ ଯୁଦ୍ଧ ହୋଇଥାଆନ୍ତା ବୋଲି ସ୍କଟଲାଣ୍ଡରେ ଟ୍ରମ୍ପ କହିଛନ୍ତି। ଭାରତ ଏବଂ ପାକିସ୍ତାନ ପରସ୍ପର ବିରୋଧରେ ଲଢୁଥାନ୍ତେ। ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମରଙ୍କ ସହ ଆଲୋଚନା ସମୟରେ ସେ ଏହି ଟିପ୍ପଣୀ ଦେଇଛନ୍ତି। ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହୋଇଥିବାବେଳେ ଟ୍ରମ୍ପ ଏଭଳି ମନ୍ତବ୍ୟ ଦେଇଛନ୍ତି। ଏଥିରେ ଆମେରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବାଣିଜ୍ୟ ମାଧ୍ୟମରେ ଏହି ଯୁଦ୍ଧକୁ ଟ୍ରମ୍ପ ଅଟକାଇଥିବା କହିଛନ୍ତି।

## ଜଷ୍ଟିସ ବର୍ମାଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# ଏତେ ଦିନ ପାଇଁ ଅପେକ୍ଷା କାହିଁକି?

ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି): ଦିଲ୍ଲୀ ସ୍ଥିତ ବାସଭବନରୁ ବିପୁଳ ଟଙ୍କା ଜବତ ମାମଲାକୁ ନେଇ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କୁ ହଟାଇବା ପାଇଁ ସଂସଦରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ମଧ୍ୟରେ ସେ ଦାଏର କରିଥିବା ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ତାଙ୍କୁ ପ୍ରଶ୍ନବାଣ ମାରିଛନ୍ତି। ଯାଞ୍ଚ କମିଟି ରିପୋର୍ଟକୁ ରଦ୍ଦ କରିବା ଲାଗି ଜଷ୍ଟିସ ବର୍ମାଙ୍କ ପିଟିସନ ଉପରେ ପ୍ରଶ୍ନ ଉଠାଇଛନ୍ତି କୋର୍ଟ। କୋର୍ଟ ପ୍ରଶ୍ନ କରିଛନ୍ତି ଯେ ଏତେ ଦିନ ପର୍ଯ୍ୟନ୍ତ ସେ କାହିଁକି ଅପେକ୍ଷା କରିଥିଲେ। ଯଦି କମିଟି ଉପରେ ଭରସା ନାହିଁ, ତାହାହେଲେ ଯାଞ୍ଚ କମିଟି ସାମ୍ନାରେ ଆପଣ କାହିଁକି ଉପସ୍ଥିତି ହେଲେ? ତଦନ୍ତ ଶେଷ ହେବା ଏବଂ ରିପୋର୍ଟ ଜାରି ହେବା ପର୍ଯ୍ୟନ୍ତ କାହିଁକି ଅପେକ୍ଷା କରିଥିଲେ? ଏହି ନିଷ୍ପତ୍ତିକୁ ନିଜ ସପକ୍ଷରେ ନେବାକୁ ପ୍ରୟାସ କରିଥିଲେ କି ବୋଲି ଜଷ୍ଟିସ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ ଏଜି ମସିହଙ୍କ ଖଣ୍ଡପୀଠ ପଚାରିଛନ୍ତି। ପୁଣି ଏହି ପିଟିସନରେ ଜଷ୍ଟିସ ବର୍ମା କାହିଁକି ନିଜର ପରିଚୟ ଲୁଚାଇବାକୁ ଚେଷ୍ଟା କରିଛନ୍ତି। କୋର୍ଟ କହିଥିଲେ ଯେ କେବଳ ନାବାଳକ ଅପରାଧୀ, ଯୌନ ଅପରାଧର ଶିକାର ମହିଳା/ଯୁବତୀ ସେମାନଙ୍କର ପରିଚୟ ଗୁପ୍ତ ରଖିପାରିବେ।



**ଯାଞ୍ଚ କମିଟି ସାମ୍ନାରେ କାହିଁକି ଉପସ୍ଥିତ ହୋଇଥିଲେ**

ଆହ୍ଲାବାଦ ହାଇକୋର୍ଟର ବିଚାରପତି ବର୍ମାଙ୍କ ପକ୍ଷରୁ ଯୁକ୍ତି କରି ବରିଷ୍ଠ ଓକିଲ କପିଲ ସିବଲ କହିଲେ ଯେ ଜଣେ ହାଇକୋର୍ଟ ବିଚାରପତିଙ୍କୁ ନେଇ ସାର୍ବଜନୀନ ବିତର୍କର ବିଷୟ ହୋଇପାରିବେ ନାହିଁ। ଏଥିପାଇଁ ସମ୍ବିଧାନର ଧାରା ୧୨୪ ପାଳନ କରାଯିବା ଉଚିତ ବୋଲି ସେ ଉଲ୍ଲେଖ କରିଥିଲେ। ଏହାକୁ ନେଇ ସିବଲଙ୍କୁ ସୁପ୍ରିମକୋର୍ଟ ପାଲଟା ପ୍ରଶ୍ନ ପଚାରିଥିଲେ ଯେ ଜଷ୍ଟିସ ବର୍ମା ତଦନ୍ତ କମିଟି ସାମ୍ନାରେ କାହିଁକି ଉପସ୍ଥିତ ହୋଇଥିଲେ?

ଘରୁ ଟଙ୍କା ଜବତ ମାମଲାରେ ଭାରତର ପ୍ରଧାନ ବିଚାରପତିଙ୍କ ସୁପାରିସରେ ଚାଲିଥିବା ମହାଭିଯୋଗ ପ୍ରକ୍ରିୟା ଏବଂ ଇନ-ହାଉସ କମିଟିର ରିପୋର୍ଟକୁ ରଦ୍ଦ କରିବା ପାଇଁ ଜଷ୍ଟିସ ବର୍ମା ତାଙ୍କ ପିଟିସନରେ ନିବେଦନ କରିଛନ୍ତି। ଆସନ୍ତା ୩୦ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଗତ ୨୩ ତାରିଖରେ ଏହି ମାମଲାର ମଧ୍ୟ ଶୁଣାଣି ହୋଇଥିଲା। ଏହି ସମୟରେ ମାମଲାରେ କିଛି ସାମ୍ବିଧାନିକ ପ୍ରସଙ୍ଗ ରହିଥିବା ଦର୍ଶାଇ ସେ ତ୍ୱରିତ ଶୁଣାଣି ଲାଗି ଯଥାଶୀଘ୍ର ଖଣ୍ଡପୀଠ ଗଠନ କରିବାକୁ ନିବେଦନ କରିଥିଲେ। ଅନ୍ୟପଟେ ଜଷ୍ଟିସ ବର୍ମାଙ୍କୁ ହଟାଇବା ପାଇଁ ୧୫୨ ସାଂସଦ ଗତ ୨୧ ତାରିଖରେ ବାଚସ୍ପତି ଓମ ବିର୍ଲାଙ୍କୁ ଦାବିପତ୍ର ଦେଇଥିଲେ। ରାଜ୍ୟସଭାର ୫୦ରୁ ଅଧିକ ସାଂସଦ ମଧ୍ୟ ଏହି ପ୍ରସ୍ତାବରେ ସ୍ୱାକ୍ଷର କରିଥିଲେ। ଏହା ପରେ ତାଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା।

# ହରିୟାଣାରେ ସିଆର୍‌ପି ଯବାନଙ୍କୁ ହତ୍ୟା



ସୋନିପତ, ୨୮।୭(ଏଜେନ୍ସି): ହରିୟାଣା ସୋନିପତରେ ଜଣେ ସିଆରପିଏଫ୍ ଯବାନଙ୍କୁ ଗୁଳିକରି ହତ୍ୟା କରାଯାଇଛି। ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଙ୍କୁ ଘରୁ ଡାକିନେଇ ଏହି କାଣ୍ଡ ଘଟାଇଛନ୍ତି। ଗୁଳିର ଶବ୍ଦ ଶୁଣି ଘରଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ ଓ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଦେଖିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ପୁଲିସ୍ ପୋଷ୍ଟମର୍ଟମ ପାଇଁ ପଠାଇଛି। ମୃତ ଜବାନ ହେଉଛନ୍ତି ଖେଡି ଦମକନ ଗାଁର କୃଷ୍ଣ। ସେ ଛତିଶଗଡ଼ରେ ନିୟୋଜିତ ଥିଲେ ଓ ଏକମାସ ଛୁଟିରେ ଆସିଥିଲେ। ସେ ଦୁଇଟି ସନ୍ତାନର ପିତା ଥିଲେ। ସେ ମାତ୍ର ୩ ଦିନ ତଳେ ଦ୍ୱିତୀୟ ସନ୍ତାନର ପିତା ହେବାର ସୌଭାଗ୍ୟ ଲାଭ କରିଥିଲେ। କିଛିଦିନ ତଳେ ସେ ହରିଦ୍ୱାର କାଉଡି ଯାତ୍ରାରେ ଯାଇଥିଲେ ଓ ସେଠାରେ କିଛି ଯୁବକଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଏହି କାରଣରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ପୁଲିସ ସନ୍ଦେହ କରୁଛି ବୋଲି କହିଛି।

# ବାରାବଙ୍କିର ଅବସାନେଶ୍ୱର ମନ୍ଦିରରେ ଦଳାଚକଟା; ୨ ମୃତ

ବାରାବଙ୍କି, ୨୮।୭(ଏଜେନ୍ସି): ଉତ୍ତରପ୍ରଦେଶର ବାରାବଙ୍କି ଜିଲ୍ଲାର ଅବସାନେଶ୍ୱର ମନ୍ଦିରରେ ଶ୍ରାବଣମାସର ତୃତୀୟ ସୋମବାରରେ ଦଳାଚକଟା ହୋଇଛି। ଏଥିରେ ୨ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିବା ବେଳେ ୨୯ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ମହିଳା ଓ ଛୋଟପିଲା ସାମିଲ ରହିଛନ୍ତି। ମୃତକଙ୍କ ପରିବାରକୁ ରାଜ୍ୟ ସରକାର ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ରବିବାର ରାତି ଅଢ଼େଇଟାରେ ଜଳାଭିଷେକ ଅବସରରେ ଭିଡ଼ କାରଣରୁ କେତେକ ଶ୍ରଦ୍ଧାଳୁ ଇଲେକ୍ଟ୍ରିକ ତାର ସଂସ୍ପର୍ଶରେ ଆସି କରେଣ୍ଟ ଖାଇବା ପରେ ଆତଙ୍କ ସୃଷ୍ଟି ହୋଇଥିଲା। ଏହା ଦେଖି ଲୋକେ ଭୟରେ ଏଣେତେଣେ ଦୌଡ଼ିବାରୁ ଦଳାଚକଟା ହୋଇଥିଲା। ଏହି ଘଟଣାରେ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କଠାରୁ ରିପୋର୍ଟ ମାଗିଛନ୍ତି। ଘଟଣା ପରେ ଆମ୍ବୁଲାନ୍ସରେ ୨୯ ଜଣ ଲୋକଙ୍କୁ ହାଇଦରଗଡ଼ କମ୍ୟୁନିଟ ହେଲଥ ସେଣ୍ଟରରେ ପୁଲିସ ଭର୍ତ୍ତି କରିଥିଲା। ଜିଲ୍ଲା ମୁଖ୍ୟାଳୟଠାରୁ ଅବସାନେଶ୍ୱର ମନ୍ଦିର ୪୦ କିମି ଦୂରରେ ଅବସ୍ଥିତ। ଘଟଣା ବେଳେ ୩ ହଜାର ଶ୍ରଦ୍ଧାଳୁ ମହାଦେବଙ୍କ ଦର୍ଶନ ପାଇଁ ଧାଡିରେ ଛିଡା ହୋଇଥିଲେ। ମାଙ୍କଡମାନେ ଡେଇଁବା କାରଣରୁ ଇଲେକଟ୍ରିକ ତାର ଛିଡିଥିଲା। ଫଳରେ ଏହି ଘଟଣା ଘଟିଥିଲା ବୋଲି ମନ୍ଦିର କମିଟି ଅଧ୍ୟକ୍ଷ କହିଛନ୍ତି। ଅବଶ୍ୟ ଘଟଣା ପରେ ବିଜୁଳି କାଟି ଦିଆଯାଇଥିଲା ଓ ମନ୍ଦିରର ଗର୍ଭଗୃହ ଅନ୍ଧାର ହୋଇଯାଇଥିଲା। ଏହା ପୂର୍ବରୁ ରବିବାର ହରିଦ୍ୱାରର ମନସା ଦେବୀ ମନ୍ଦିରରେ ହୋଇଥିବା ଦଳାଚକଟାରେ ୮ ଜଣ ଶ୍ରଦ୍ଧାଳୁଙ୍କ ଜୀବନ ଯାଇଥିଲା।

## କର୍ଣ୍ଣେଲ ସୋଫିଆଙ୍କ ଉପରେ ଟିପ୍ପଣୀ

# ମନ୍ତ୍ରୀ ବିଜୟ ଶାହାଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି): 'ଅପରେସନ ସିନ୍ଦୂର' ବିଷୟରେ ସୂଚନା ଦେଉଥିବା କର୍ଣ୍ଣେଲ ସୋଫିଆଙ୍କ ପ୍ରତି ବିବାଦୀୟ ଟିପ୍ପଣୀ ଦେଇ ଅନ୍‌ଲାଇନରେ କ୍ଷମା ମାଗିଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କୁ ସୁପ୍ରିମକୋର୍ଟ ସୋମବାର ତୀବ୍ର ଭର୍ତ୍ସନା କରିଛନ୍ତି। ମନ୍ତ୍ରୀଙ୍କ କ୍ଷମା



ପ୍ରାର୍ଥନାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। କ୍ଷମା ପ୍ରାର୍ଥନାରେ ଆନ୍ତରିକତା ନ ଥିବା କହିଛନ୍ତି। କ୍ଷମା ପ୍ରାର୍ଥନାର ଭିଡିଓରେ ଲୋକଙ୍କ ଭାବନାକୁ ଆଘାତ ଦେଇଥିବା କଥାକୁ ସ୍ୱୀକାର କରାଯାଇ ନାହିଁ। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ମନ୍ତ୍ରୀ ନିଜେ ଆତ୍ମଚିନ୍ତନ କରନ୍ତୁ। ଦୋଷର ଦଣ୍ଡ କେମିତି ଭୋଗିବେ ବିଚାର କରନ୍ତୁ। କୁଆଡେ ଗଲା ଆପଣଙ୍କ ସାର୍ବଜନୀନ କ୍ଷମା ପ୍ରାର୍ଥନା? ବାରମ୍ବାର ସୁପ୍ରିମକୋର୍ଟଙ୍କ ଧୈର୍ଯ୍ୟର ପରୀକ୍ଷା ନିଅନ୍ତୁ ନାହିଁ। ଯାଞ୍ଚ ନାମରେ କ'ଣ କରାଗଲା? ଏହାର ଉତ୍ତରରେ ମନ୍ତ୍ରୀଙ୍କ ଓକିଲ କହିଥିଲେ ଯେ ଅନ୍‌ଲାଇନରେ କ୍ଷମା ମଗା ଯାଇଛି। ଆଜି ଏହାର ରେକର୍ଡ କରାଯିବ। ଏହାକୁ ନେଇ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ଏଥିରୁ ମନ୍ତ୍ରୀଙ୍କ ଆଭିମୁଖ୍ୟ କ'ଣ ତାହା ଜଣାପଡୁଛି। ତାଙ୍କ ସଚ୍ଚୋଟତା ଉପରେ ସନ୍ଦେହ ସୃଷ୍ଟି ହେଉଛି। ତାଙ୍କ ବୟାନ ରେକର୍ଡ କରିବାର ଆବଶ୍ୟକତା କ'ଣ ଥିଲା? ଯେଉଁ ଲୋକଙ୍କୁ ଉତ୍ପୀଡ଼ନ ଦେଇଛନ୍ତି ତାଙ୍କର ବୟାନ ରେକର୍ଡ ହେବା ଉଚିତ ବୋଲି ସୁପ୍ରିମକୋର୍ଟ କହିଥିଲେ।

# ମହିଳାଙ୍କ ସହ ସମ୍ପର୍କ ରଖି ଶାଓଲିନ୍ ବୌଦ୍ଧ ମନ୍ଦିର ମହନ୍ତ ବହିଷ୍କୃତ

ଝେଙ୍ଗଝୋଉ, ୨୮।୭(ଏଜେନ୍ସି): ଚୀନର ଝେଙ୍ଗଝୋଉ ସହରରେ ଥିବା ପ୍ରସିଦ୍ଧ ଶାଓଲିନ ବୌଦ୍ଧ ମନ୍ଦିରର ପ୍ରମୁଖ ମହନ୍ତ ଶି ୟଙ୍ଗଜିନଙ୍କୁ ପଦରୁ ବହିଷ୍କାର କରାଯାଇଛି। ଏକାଧିକ ମହିଳାଙ୍କ ସହ ସମ୍ପର୍କ ରଖିବା ଓ କେତେକ ଅବୈଧ ସନ୍ତାନର ପିତା ହେବା ସହିତ ମନ୍ଦିର ସମ୍ପତ୍ତି ଆଉ ପାଣ୍ଠି ହଡପ କରିବା ଅଭିଯୋଗରେ ତାଙ୍କୁ ବରଖାସ୍ତ କରାଯାଇଛି। ଚାଇନା ଡେଲି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ସରକାରୀ ଏଜେନ୍ସିଗୁଡିକ ମାମଲାର ତଦନ୍ତ ଆରମ୍ଭ କରିଛନ୍ତି। ଇତିମଧ୍ୟରେ ଚୀନର ବୌଦ୍ଧ ସଂଘ ଶି ୟଙ୍ଗଜିନଙ୍କଠାରୁ ତାଙ୍କ ଦୀକ୍ଷା ପ୍ରମାଣପତ୍ର ଛଡାଇନେଇଛନ୍ତି। ୟଙ୍ଗଜିନ୍



କାର୍ଯ୍ୟ ବୌଦ୍ଧ ସମୁଦାୟର ପ୍ରତିଷ୍ଠା ଓ ଭିକ୍ଷୁଙ୍କ ଛବିକୁ ଗମ୍ଭୀର ଭାବେ କ୍ଷତି ପହଞ୍ଚାଇବା ସହ କଳଙ୍କିତ କରିଛି ବୋଲି ସଂଘ ତରଫରୁ କୁହାଯାଇଛି। ସେ ବୌଦ୍ଧ ଧର୍ମର ମୌଳିକ ସିଦ୍ଧାନ୍ତକୁ ଉଲ୍ଲଂଘନ କରିଛନ୍ତି। ୟଙ୍ଗଜିନ ୧୯୯୯ରୁ ସାଓଲିନ୍ ମନ୍ଦିରର ମଠାଧିଶ ପଦ ଅଳଙ୍କୃତ କରିଥିଲେ। ସେ ଏହି ମନ୍ଦିରକୁ ଆଧୁନିକ ବ୍ୟବସାୟ ମଡେଲରେ ପରିଣତ କରିଥିଲେ। ଏଥିପାଇଁ 'ସିଇଓ ମଙ୍କ୍' ଭାବେ ସେ ପ୍ରସିଦ୍ଧି ଲାଭ କରିଥିଲେ। ପୂର୍ବରୁ ମଧ୍ୟ ସେ ବିଭିନ୍ନ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖିବାର ଅଭିଯୋଗ ହୋଇଥିଲା। ଏହି ମନ୍ଦିର ବୌଦ୍ଧ ଆସ୍ଥା ଓ ମାର୍ଶାଲ ଆର୍ଟର କେନ୍ଦ୍ର ଭାବେ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିଲା, କିନ୍ତୁ ସେ ଏହାକୁ ବଦନାମ କରିଛନ୍ତି।

# ଜୈସାଲମେରରେ ସ୍କୁଲ ଗେଟ୍ ପଡ଼ି ଛାତ୍ରଙ୍କ ମୃତ୍ୟୁ

ଜୈସାଲମେର, ୨୮।୭(ଏଜେନ୍ସି): ରାଜସ୍ଥାନ ଜୈସାଲମେରର ପୁନମ ନଗରରେ ଏକ ସରକାରୀ ସ୍କୁଲ୍‌ରେ ଗେଟ୍ ପଡ଼ିବା ଫଳରେ ଜଣେ ଛାତ୍ରଙ୍କର ମୃତ୍ୟୁ ଘଟିଛି। ଜଣେ ଶିକ୍ଷକ ଓ ୫ ବର୍ଷର ଛୋଟ ଝିଅ ଏଥିରେ ଆହତ ହୋଇଛନ୍ତି। ରାଜକୀୟ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମେନ୍ ଏଣ୍ଟ୍ରିଗେଟ୍ ପଡ଼ିବା ଫଳରେ ଏହି ଘଟଣା ଘଟିଥିଲା। ସେପଟେ ଉଦୟପୁରରେ ଏକ ସ୍କୁଲ କୋଠରୀର ପ୍ଲାଷ୍ଟର ପଡ଼ିବା ଫଳରେ ୪୫ ଜଣ ପିଲା ଅଳ୍ପକେ ବର୍ତ୍ତିଯାଇଥିଲେ। ମୃତ ଛାତ୍ର ହେଉଛନ୍ତି ଅରବାଜ ଖାନ୍ (୭)। ଆରବାଜଙ୍କ ମୃତଦେହକୁ ନେଇ ପରିବାର ଓ ଗାଁ ଲୋକେ ଧାରଣାରେ ବସିଛନ୍ତି। ଏହି ଘଟଣାରେ ଗ୍ରାମ ବିକାଶ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି।

# କେମିତି ଥିଲା ୩ ଘଣ୍ଟିଆ 'ଅପରେସନ ମହାଦେବ'

ଶ୍ରୀନଗର, ୨୮।୭ (ଏଜେନ୍ସି): ସୁରକ୍ଷାବାହିନୀ ସୋମବାର ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ସୁଲେମାନ ଶାହା ଓରଫ ହାସିମ ମୁସାକୁ ଖୋଜି ନିପାତ କରିଛି। ଏହି ଆତଙ୍କବାଦୀ ପୂର୍ବରୁ ପାକିସ୍ତାନ ସେନାର ଏସଏସଜି କମାଣ୍ଡୋ ଥିଲା। ତା'କୁ ନିପାତ କରିବା ପାଇଁ ଅପରେସନ ମହାଦେବ ଆରମ୍ଭ କରାଯାଇଥିଲା। ଶ୍ରୀନଗରରେ ଥିବା ମହାଦେବ ପର୍ବତ ନାମରେ ଏହି ଅଭିଯାନର ନାମ ରଖାଯାଇଥିଲା। ଏହି ମହାଦେବ ପାହାଡ଼ର ପାଦଦେଶରେ ଥିବା ଘଞ୍ଚ ଜଙ୍ଗଲରେ ଆତଙ୍କବାଦୀ ଲୁଚି ରହିଥିଲେ। ସୁରକ୍ଷାବାହିନୀ ଆତଙ୍କବାଦୀଙ୍କ ଉପରେ ତୀକ୍ଷଣ ଦୃଷ୍ଟି ରଖିଥିଲା। ଇଲେକ୍‌ଟ୍ରୋନିକ ମାଧ୍ୟମରେ ଏବଂ ପ୍ରତ୍ୟକ୍ଷ ଭାବେ ଆତଙ୍କବାଦୀଙ୍କ ପ୍ରତ୍ୟେକ କାର୍ଯ୍ୟକଳାପର ନଜର ରଖା ଯାଉଥିଲା। ଜୁଲାଇ ପ୍ରାରମ୍ଭରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସେନାକୁ ସୂଚନା ମିଳିଥିଲା। ଏକ 'ଚାଇନିଜ୍ ଅଲ୍‌ଟ୍ରା ରେଡିଓ କମ୍ୟୁନିକେସନ' ସକ୍ରିୟ ହୋଇଥିବାର ସୂଚନା ମିଳିବା ପରେ ଅପରେସନ ମହାଦେବ ଆରମ୍ଭ କରାଯାଇଥିଲା। ବାର୍ତ୍ତା ହଟାଇବା ପାଇଁ ଲସ୍କର ଆତଙ୍କବାଦୀ ଚୀନ୍ ରେଡିଓ ବ୍ୟବହାର କରୁଥିଲେ। ପହଲଗାମ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳ ବୋଲି ସନ୍ଦେହ କରାଯାଉଥିବା ଡାଚିଗାମ ଜଙ୍ଗଲରେ ସେନା ନଜର ରଖିଥିଲା। ଏହି ଶିଖରଟି ବହୁତ ଉଚ୍ଚରେ ଅବସ୍ଥିତ। ଏଠାରେ ଥିବା ଆତଙ୍କବାଦୀ ଗରିଲା ଯୁଦ୍ଧର ତାଲିମ ନେଇଥିଲେ। ସୁରକ୍ଷା ବାହିନୀ ମାତ୍ର ୧୪ ଦିନ ତଳେ ଲସ୍କର ଏବଂ ଜୈସ ଆତଙ୍କବାଦୀଙ୍କୁ ଟ୍ରାକ୍ କରିଥିଲା। ଲସ୍କର ଏନକ୍ରିପ୍ଟେଡ୍ ମେସେଜ୍ ପାଇଁ ଚୀନ୍ ରେଡିଓ ବ୍ୟବହାର କରେ ଏବଂ ୨୦୧୬ ରେ ଏହାକୁ ଡବ୍ଲୁୱାଇ ଏସଏମଏସ ମଧ୍ୟ କୁହାଯାଉଥିଲା। ଜାଣିବାକୁ ମିଳିଥିଲା ଯେ ସମସ୍ତ ଆତଙ୍କବାଦୀ ବିଦେଶୀ ନାଗରିକ ଥିଲେ। ରିପୋର୍ଟ ଅନୁସାରେ, ସୁରକ୍ଷା ବାହିନୀ ଏକ ଗୁଇନ୍ଦା ସୂଚନା ଉପରେ କାର୍ଯ୍ୟ କରି ହରୱାନର ମୁଲନାର ଅଞ୍ଚଳରେ ଅପରେସନ୍ ଆରମ୍ଭ କରିଥିଲେ। ସେହି ଅଞ୍ଚଳରେ ଏବେ ତଲାସୀ ଅଭିଯାନ ଜାରି ରହିଛି।

ଗତ କିଛି ଦିନ ଧରି ଏହି ଆତଙ୍କବାଦୀଙ୍କୁ ଟ୍ରାକ୍ କରାଯାଉଥିଲା ଏବଂ ରାତି ୨ ଟାରେ ସେମାନେ ଟି୮୨ ଅଲଟ୍ରାସେଟ୍ ଯୋଗାଯୋଗ ଡିଭାଇସ୍ ସକ୍ରିୟ କରିଥିଲେ। ଏହା ଦ୍ୱାରା ଦାଚିଗାମ୍ ଜଙ୍ଗଲରେ ଲୁଚିଥିବା ଆତଙ୍କବାଦୀଙ୍କ ସଠିକ୍ ସ୍ଥାନର ସୂଚନା ସେନା ପାଇଥିଲା। ଆତଙ୍କବାଦୀଙ୍କ ପ୍ରଥମ ଫୁଟେଜ ଆଣିବା ପାଇଁ ସକାଳ ୮ଟାରେ ଡ୍ରୋନ୍ ପଠା ଯାଇଥିଲା। ସକାଳ ୯ଟା୩୦ରେ ରାଷ୍ଟ୍ରୀୟ ରାଇଫଲ୍ସ (ଆରଆର), ପାରା ସ୍ପେଶାଲ୍ ଫୋର୍ସର କମାଣ୍ଡୋମାନେ ସକାଳ ୧୦ଟାରେ ମହାଦେବ ପାହାଡ଼ ଉପରେ ଚଢ଼ିଥିଲେ। ମାତ୍ର ୩୦ ମିନିଟ୍ ମଧ୍ୟରେ ପାରା କମାଣ୍ଡୋମାନେ ଆତଙ୍କବାଦୀଙ୍କୁ ଚିହ୍ନଟ କରିଥିଲେ। ସକାଳ ୧୧ଟାରେ ଆତଙ୍କବାଦୀଙ୍କ ଉପରେ ଆକ୍ରମଣ କରାଯାଇଥିଲା। ଏଥିରେ ଦୁଇ ଜଣ ନିହତ ହୋଇଥିଲେ। ଆଉ ଜଣେ ଆହତ ଆତଙ୍କବାଦୀ ପଳାଇବାକୁ ପ୍ରୟାସ କରୁଥିଲା। ତାକୁ ମଧ୍ୟ ନିପାତ କରାଯାଇଥିଲା। ପରେ ଆଖପାଖର ୨ କିମି ଭିତରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ୧୨ଟା ୪୫ରେ ଆତଙ୍କବାଦୀଙ୍କ ମୃତଦେହ ଚିହ୍ନଟ କରାଯାଇଥିଲା। ୩ ଘଣ୍ଟାରେ ଅଭିଯାନ ଶେଷ ହୋଇଥିଲା।

**ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲା**

# ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କଲା କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର,୨୮ ।୭ (ସମିସ): ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ଆଜି କ୍ରାଇମବ୍ରାଞ୍ଚ ପକ୍ଷରୁ ବ୍ରହ୍ମପୁର ଜେଏମ୍ଏଫ୍ସି (ଗ୍ରାମାଞ୍ଚଳ) ରିତିକା ଜେନାଙ୍କ କୋର୍ଟରେ ୫୭୪ପୃଷ୍ଠାର ଫାଇନାଲ ଚାର୍ଜସିଟ୍ ଦାଖଲ କରାଯାଇଛି । ଏଥିରେ ୫ଜଣ ସାବାଳକ ଯଥା ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ ଓ ୪ଜଣ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି । ଅନ୍ୟତମ ଅଭିଯୁକ୍ତ ଓଁ ପ୍ରଧାନଙ୍କ ନାମକୁ ଚାର୍ଜସିଟରୁ ବାଦ୍ ଦିଆଯାଇଥିବା ଜଣାପଡ଼ିଛି । ଖୁବ୍ଶୀଘ୍ର ଏହି ମାମଲାର ଚାର୍ଜଫ୍ରେମ ହେବ ବୋଲି ଜଣାପଡ଼ିଛି । ଏହାସହ ଘଟଣାରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଏହି ମାମଲାରେ ସାକ୍ଷୀ ଭାବେ ଗ୍ରହଣ କରାଯାଇଛି ।

- ୫୭୪ପୃଷ୍ଠାର ଚାର୍ଜସିଟରେ ଗିରଫ ୧୦ ମଧ୍ୟରୁ ୯ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି
- ଘଟଣାର ୪୩ ଦିନରେ ଦାଖଲ ଚାର୍ଜସିଟରେ ରହିଛି ୫୦ରୁ ଊର୍ଦ୍ଧ୍ୱ ସାକ୍ଷୀଙ୍କ ନାମ
- ସମ୍ପୃକ୍ତି ନଥିବା ଦର୍ଶାଇ ମାମଲାରୁ ଓମ୍'ର ନାମକୁ ବାଦ ଦେଇଛି କ୍ରାଇମବ୍ରାଞ୍ଚ

ସୂଚନାଯୋଗ୍ୟ, ଗତ ଜୁନ୍ ୧୫ ତାରିଖରେ ବ୍ରହ୍ମପୁରର ଏକ ପ୍ରେମୀଯୁଗଳ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିଲେ । ସନ୍ଧ୍ୟା ପ୍ରାୟ ୬ଟାରେ ସେମାନେ ପାନ୍ଥନିବାସ ପଛପଟ ବେଳାଭୂମିରେ ବସିଥିବା ବେଳେ ରାତି ପ୍ରାୟ ୮ଟାରେ କିଛି ଯୁବକ ସେଠାରେ ପହଞ୍ଚି ଯୁବତୀଙ୍କୁ ଅସଦାଚରଣ କରିବା ସହ ପ୍ରେମିକକୁ ମାରପିଟ୍ କରିଥିଲେ । ପରେ ୧୦ଜଣଙ୍କ ମଧ୍ୟରୁ ୩ଜଣ ଯୁବକ ସମ୍ପୃକ୍ତ ଯୁବତୀଙ୍କୁ ସେଠାରୁ କିଛି ଦୂରକୁ ନେଇ ଏକ ନିକାଞ୍ଚନ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ । ଅନ୍ୟ ୭ଜଣ ଯୁବକ ଗଣଦୁଷ୍କର୍ମରେ ସହଯୋଗ କରିବା ସହ ପ୍ରେମିକକୁ ମାରପିଟ୍ କରିଥିଲେ । ଗଣଦୁଷ୍କର୍ମ ପରେ ଯୁବତୀଙ୍କଠାରୁ ନଗଦ ଏକ ହଜାର ଟଙ୍କା ଓ ଅନଲାଇନରେ ୩୦୦ଟଙ୍କା ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁ ଗୋପାଳପୁର ଥାନାରେ ରାତି ପ୍ରାୟ ୧୦ଟା ପରେ ପହଞ୍ଚି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ଦେଇଥିଲେ । ଏହି ଘଟଣାରେ ପୁଲିସ୍ ପର୍ଯ୍ୟାୟକ୍ରମେ ମୋଟ ୧୦ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କ ମଧ୍ୟରେ ୪ ନାବାଳକଙ୍କୁ ଜେଜେବିରେ ହାଜର କରାଯାଇଥିଲା ।

ଏହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଗତ ଜୁନ୍ ୧୭ ତାରିଖରେ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ହାତକୁ ଯାଇଥିଲା । କ୍ରାଇମବ୍ରାଞ୍ଚ ଆଇଜି ଏସ.ସାଇନିଙ୍କ ନେତୃତ୍ୱରେ ଏକ ଟିମ ଗୋପାଳପୁରରେ ରହି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିଲା । ପରେ କୋର୍ଟଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ନେଇ ଜେରା କରିଥିଲା । ଜେଲରେ ଥିବା ୬ଜଣ ଅଭିଯୁକ୍ତଙ୍କର ଓ ପରେ ବାଳସୁଧାର ଗୃହରେ ୪ଜଣ ନାବାଳକଙ୍କ ଟିଆଇ ପରେଡ୍ କରାଯାଇଥିଲା । ଏପରିକି ଅଭିଯୁକ୍ତଙ୍କର ଡିଏନଏ ପରୀକ୍ଷା ମଧ୍ୟ କରାଯାଇଥିଲା । ତେବେ ଘଟଣାର ୪୩ଦିନ ପରେ ଆଜି ସୋମବାର କ୍ରାଇମବ୍ରାଞ୍ଚ ଡିଏସପି ସରିତା ମହାପାତ୍ର ଓ ତାଙ୍କ ଟିମ ୫୭୪ ପୃଷ୍ଠା ସମ୍ବଳିତ ଫାଇନାଲ ଚାର୍ଜସିଟ କୋର୍ଟରେ ଦାଖଲ କରିଛନ୍ତି । ଦାଖଲ ଚାର୍ଜସିଟ୍ରେ ଓମ୍ ପ୍ରଧାନଙ୍କର ଏହି ଘଟଣାରେ ସମ୍ପୃକ୍ତି ନଥିବା ଦର୍ଶାଇ ମାମଲାରୁ ବାଦ ଦିଆଯାଇଛି ।

# ବଦଳୁଛି ରଙ୍ଗ; ପିଲାଙ୍କୁ ମିଳୁନି ପୋଷାକ

ଭୁବନେଶ୍ୱର, ୨୮ ।୭ (ସମିସ): ସରକାରଙ୍କ ରଙ୍ଗ ରାଜନୀତିର ଶିକାର ହୋଇଛି ଶିକ୍ଷାନୁଷ୍ଠାନ । ପ୍ରଥମେ ସ୍କୁଲ ଗୃହର ରଙ୍ଗ ପରିବର୍ତ୍ତନ କରାଯିବାକୁ କୁହାଗଲା, ପରେ ପିଲାମାନଙ୍କ ୟୁନିଫର୍ମର ରଙ୍ଗ ବଦଳାଇବାକୁ ନିଷ୍ପତ୍ତି ହେଲା । ଏବେ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଆଇକାର୍ଡ, ସାର୍ଟ ଓ ଟୋପିର ରଙ୍ଗ ବି ପରିବର୍ତ୍ତନ ହେବ । ଛାତ୍ରଛାତ୍ରୀମାନେ ଏଣିକି ଗେରୁଆ ରଙ୍ଗର ଆଇ-କାର୍ଡ ପକାଇବେ । ଅନୁରୂପ ଭାବରେ ସାର୍ଟ ଓ ଟୋପିରେ ଲାଗୁଥିବା ଧଳା ଲୋଗୋକୁ ପରିବର୍ତ୍ତନ କରାଯାଇ ଗେରୁଆ କରାଯାଇଛି ଏବଂ ଛାତ୍ରଛାତ୍ରୀ ଏହାକୁ ବ୍ୟବହାର କରିବେ । କେବଳ ସେତିକି ନୁହେଁ, ପୂର୍ବରୁ ଲୋଗୋରେ ଲେଖାଥିବା 'ଆମେ ଗଢ଼ିବୁ - ନୂଆ ଓଡ଼ିଶା'କୁ ମଧ୍ୟ ପରିବର୍ତ୍ତନ କରାଯାଇଛି । ଏବେ ଲୋଗୋରେ ଗେରୁଆ ରଙ୍ଗରେ 'ବିଦ୍ୟାବନ୍ତ ବିଦ୍ୟାର୍ଥୀ - ବିକଶିତ ଓଡ଼ିଶା' ଲେଖା ରଖାଯାଇଛି । ମାତ୍ର ବିଡ଼ମ୍ବନା ହେଉଛି, ଏତେ ସବୁ ରଙ୍ଗ ପରିବର୍ତ୍ତନ ସତ୍ତ୍ୱେ ପିଲାମାନଙ୍କୁ ଠିକ୍ ସମୟରେ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରିବାରେ ସରକାର ବିଫଳ ହୋଇଛନ୍ତି । ଜୁଲାଇ ୧୫ ତାରିଖ ମଧ୍ୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ପରିବର୍ତ୍ତିତ ରଙ୍ଗର ପୋଷାକ ପ୍ରଦାନ କରିବାକୁ ଗତ ଜୁନ୍ ୨୬ ତାରିଖରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ କାହାକୁ ମିଳିନି ପୋଷାକ । ଗୋଟିଏ ପଟେ ରଙ୍ଗ ପରିବର୍ତ୍ତନ କରାଯାଉଥିବା ବେଳେ ଅନ୍ୟପଟେ ଠିକ୍ ସମୟରେ ପୋଷାକ ପ୍ରଦାନ ନକରି ପାରିବା ସରକାରଙ୍କ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

- ବଣ୍ଟନ ପାଇଁ ଅବଧି ଥିଲା ଜୁଲାଇ ୧୫
- ଆରମ୍ଭ ହୋଇନି ପୋଷାକ କିଣା ପ୍ରକ୍ରିୟା
- ଏଯାଏଁ ଅନୁଦାନ ଦେଇ ନାହାନ୍ତି ସରକାର

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ପ୍ରଥମ ଠାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଜୋତା ଓ ମୋଜା ପ୍ରଦାନ କରିବାକୁ ଓସେପା ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପିଲାଙ୍କୁ ପୂର୍ବ ପରି ହଳେ ଜୋତା ଓ ୨ ହଳ ମୋଜା, ଗୋଟିଏ ଟି-ସାର୍ଟ, ଗୋଟିଏ ଟ୍ରାକ୍ ପ୍ୟାଣ୍ଟ, ଗୋଟିଏ ଟୋପି ଏବଂ ଆଇ-କାର୍ଡ ଜୁଲାଇ ୧୫ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ଓସେପା କଡ଼ା ତାଗିଦ୍ କରିଥିଲା । ମାତ୍ର ଜୁଲାଇ ମାସ ଶେଷ ହେବାକୁ ବସିଥିଲେ ହେଁ ପୋଷାକ ବଣ୍ଟନ ତ ଦୂର କଥା, ପୋଷାକ କିଣିବା ପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇନାହିଁ । ଗତବର୍ଷ ପୋଷାକ ବଣ୍ଟନରେ ପ୍ରାୟ ଦୁଇମାସ ବିଳମ୍ବ ହୋଇଥିବାବେଳେ ଚଳିତବର୍ଷ ଆଉ କେତେଦିନ ଲାଗିବ ବୋଲି ଅଭିଭାବକ ଓ ଶିକ୍ଷାବିତ୍ମାନେ ପ୍ରଶ୍ନ କରିଛନ୍ତି । ସରକାର ରଙ୍ଗ ପରିବର୍ତ୍ତନ ନୁହେଁ, ବରଂ ସଠିକ୍ ସମୟରେ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କଲେ ଛାତ୍ରଛାତ୍ରୀମାନେ ଉପକୃତ ହେବେ ବୋଲି ବହୁ ଶିକ୍ଷକ ମତବ୍ୟକ୍ତ କରିଛନ୍ତି । ଶିକ୍ଷକଙ୍କ କହିବା କଥା, ବଣ୍ଟନ ପ୍ରକ୍ରିୟା ସାରି ଜୁଲାଇ ୩୧ ତାରିଖ ସୁଦ୍ଧା ବିନିଯୋଗ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି । ହେଲେ ଏବେଯାଏଁ ସରକାର ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମ୍ସି)କୁ ଏନେଇ ଅନୁଦାନ ଦେଇନାହାନ୍ତି । ତାହେଲେ ବିନିଯୋଗ ପ୍ରମାଣପତ୍ର କେମିତି ଦାଖଲ କରିବୁ ବୋଲି ଓଲଟା ସରକାରଙ୍କୁ ପ୍ରଶ୍ନ କରିଛନ୍ତି ।

**ବିଜେଡି ନେତ୍ରୀ ଡ. ଲେଖାଶ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ**

# ଜାତୀୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲା ବିଜେଡି

ଭୁବନେଶ୍ୱର,୨୮ ।୭ (ସମିସ): ବିଜେଡିର ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ବିରୋଧରେ ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ, ମହିଳା ବିରୋଧୀ ଓ କୁତ୍ସିତ ମନ୍ତବ୍ୟ ବିରୋଧରେ ଜାତୀୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛି ବିଜେଡି । ଦଳର ରାଜ୍ୟସଭା ପ୍ରତିନିଧି ମଣ୍ଡଳୀଙ୍କ ସହ ଡ. ସାମନ୍ତସିଂହାର ନିଜେ କମିଶନ ଅଧ୍ୟକ୍ଷାଙ୍କୁ ଭେଟି ଶ୍ରୀ ଖଟୁଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ବିଭିନ୍ନ ଫୋରମରେ ପ୍ରତିବାଦ ସତ୍ତ୍ୱେ ସମ୍ପୂର୍ଣ୍ଣ ଘଟଣାରେ ରାଜ୍ୟ ବିଜେପି ସରକାର ଓ ପୁଲିସର ନିରବତା ସମ୍ପର୍କରେ ସ୍ମାରକପତ୍ରରେ ଦଳ ଉଲ୍ଲେଖ କରିଛି ।

ସ୍ମାରକ ପତ୍ରରେ କୁହାଯାଇଛି ଯେ ଜୁଲାଇ ୨ ତାରିଖରେ ବାଲେଶ୍ୱରର ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଓ ବରିଷ୍ଠ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତ ସିଂହାର ଦଳୀୟ କାର୍ଯ୍ୟାଳୟ ଶଙ୍ଖ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ତେଲିପାଳ ଗ୍ରାମରେ ଏକ ଦନ୍ତା ହାତୀ ହତ୍ୟା ଓ ଏହାର ଦାନ୍ତ ଲୁଟ ଘଟଣା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ ଉଦ୍ଦିଷ୍ଟ ଥିଲା । ଦଳର ନିର୍ଦ୍ଦେଶ ଅନୁଯାୟୀ ଡ଼. ସାମନ୍ତସିଂହାର ଏହି ସାମ୍ବାଦିକ ସମ୍ମିଳନୀର ନେତୃତ୍ୱ ନେଇଥିଲେ । ଉପରୋକ୍ତ ହାତୀ ମୃତ୍ୟୁ ଘଟଣାରେ



ସ୍ଥାନୀୟ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ସଂପୃକ୍ତି ଥିବାନେଇ ଏଥିରେ ଅଭିଯୋଗ ହୋଇଥିଲା । ସମ୍ବାଦପତ୍ରରେ ପ୍ରକାଶିତ ନ୍ୟୁଜ, ଅଡିଓ କ୍ଲିପ ଓ ଶ୍ରୀ ଖଟୁଆଙ୍କ ଫାର୍ମ ହାଉସରୁ ୩ ଜଣ ଅଭିଯୁକ୍ତ ଗିରଫ ହୋଇଥିବାରୁ ବିଜେଡି ପକ୍ଷରୁ ଏହି ଅଭିଯୋଗ ଅଣାଯାଇଥିଲା ଏବଂ ଘଟଣାର ତ୍ୱରିତ୍ ଅନୁସନ୍ଧାନ ଦାବି କରାଯାଇଥିଲା । ମାତ୍ର ଏହି ସାମ୍ବାଦିକ ସମ୍ମିଳନୀର ମାତ୍ର ଘଣ୍ଟାଏ ମଧ୍ୟରେ ଶ୍ରୀ ଖଟୁଆ ଏକ ସାମ୍ବାଦିକ ସମ୍ମିଳନୀରେ ଡ଼. ସାମନ୍ତସିଂହାରଙ୍କ ପ୍ରତି ଅଶାଳୀନ ଓ ଅପଶବ୍ଦ ପ୍ରୟୋଗ କରିଥିଲେ । ତାଙ୍କର କୁତ୍ସିତ ଓ ଅଶାଳୀନ ଭାଷାର ଭିଡିଓ ଫୁଟେଜ ରାଜ୍ୟବାପୀ ଗଣମାଧ୍ୟମରେ ପ୍ରସାରିତ ହେବା ସହ ଜାତୀୟ ଗଣମାଧ୍ୟମରେ ଶୀର୍ଷକ ପାଲଟିଥିଲା । ଶ୍ରୀ ଖଟୁଆଙ୍କ ଏପରି ବୟାନ ଡ. ସାମନ୍ତସିଂହାରଙ୍କ ମର୍ଯ୍ୟାଦା, ପ୍ରତିଷ୍ଠା କ୍ଷୁର୍ଣ୍ଣ କରିବା ସହ ତାଙ୍କୁ ଗଭୀର ମାନସିକ ଆଘାତ ଦେଇଛି ।

**ସନ୍ତୋଷ ଖଟୁଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି**

ଶ୍ରୀ ଖଟୁଆଙ୍କ ଏପରି ମନ୍ତବ୍ୟ ଅତ୍ୟନ୍ତ ନିମ୍ନ ସ୍ତରର ରାଜନୀତି ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି । ଏଥିରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ବିଜେଡି ଏହି ଘଟଣାକୁ ନେଇ ଡ. ସାମନ୍ତସିଂହାରଙ୍କୁ ଦୃଢ଼ ଭାବେ ସମର୍ଥନ କରି ଆସିଛି ଏବଂ ତାଙ୍କ ପଛରେ ଛିଡ଼ା ହୋଇଛି । ଦଳର ଆଉ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମହିଳା କମିଶନଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା ବେଳେ ୧୫ ଦିନ ମଧ୍ୟରେ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କମିଶନ ବାଲେଶ୍ୱର ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିଜେ ଡ. ସାମନ୍ତସିଂହାର ଭୁବନେଶ୍ୱର ମହିଳା ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି । ମାତ୍ର ପୁଲିସ ଏହି ଘଟଣାରେ ସମ୍ପୂର୍ଣ୍ଣ ନିରବ ରହିଛି, ତେଣୁ ଏପରି ସମୟରେ ଜାତୀୟ ମହିଳା କମିଶନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି । ଘଟଣାର ତଦନ୍ତ ପାଇଁ କମିଶନ ତୁରନ୍ତ ଏକ ପ୍ରତିନିଧି ମଣ୍ଡଳୀକୁ ବାଲେଶ୍ୱର ନୀଳଗିରି ପଠାଇବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଛି । ସେହିପରି ଡ. ସାମନ୍ତ ସିଂହାର ଦାୟର କରିଥିବା ମାମଲା ଉପରେ ଶ୍ରୀ ଖଟୁଆଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କମିଶନ ରାଜ୍ୟ ସରକାର ଏବଂ ପୁଲିସକୁ ନିର୍ଦ୍ଦେଶ ଦେବାକୁ ମଧ୍ୟ ଅନୁରୋଧ କରିଛି । ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡ. ସସ୍ମିତ ପାତ୍ର, ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ ଓ ନିରଞ୍ଜନ ବିଶି ପ୍ରମୁଖ ଥିଲେ ।

# ଦୁର୍ଘଟଣାରେ ବାପା-ପୁଅ ମୃତ

କଣ୍ଟାବାଞ୍ଜି, ୨୮ ।୭ (ସମିସ): ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଥାନା ଜାମଖୁଣ୍ଟା ବୁଲାଣି ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାପ-ପୁଅଙ୍କ ଘଟଣାସ୍ଥଳ ମୃତ୍ୟୁ ହୋଇଛି । ମୃତକଦ୍ୱୟ ହେଲେ, ନୂଆପଡ଼ା ଜିଲ୍ଲା ଖଡିଆଳ ଥାନା ଅନ୍ତର୍ଗତ ଖାସବାହାଲ ଗାଁର ଅପିନ୍ଦ୍ର ଶବର (୩୬) ଓ ତାଙ୍କ ପୁଅ ହରିଓଁମ ଶବର(୧୨) । ଦୁହେଁ, ଭାବନୀପାଟଣା ପଟୁ ଖାସବାହାଲ ଗାଁକୁ ଫେରୁଥିବା ବେଳେ ଜାମଖୁଣ୍ଟା ବୁଲାଣି ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଥିଲା । ପରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଖଡ଼ିଆଳ-ଭାବନୀପାଟଣା ୧୬ନଂ ରାଜ୍ୟ ରାଜପଥକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ । ଫଳରେ ଶହଶହ ଯାନବାହନ ଜାମ ହୋଇଥିବା ବେଳେ ଯାତାୟାତ ଠପ ହୋଇଯାଇଥିଲା । ଘଟଣାସ୍ଥଳରେ ବଙ୍ଗୋମୁଣ୍ଡା ତହସିଲଦାର ସହ ସିନ୍ଧେକେଲା ପୁଲିସ ପହଞ୍ଚି ପରିବାରଲୋକଙ୍କୁ ବୁଝାସୁଝା କରି ବଙ୍ଗୋମୁଣ୍ଡା ତହସିଲଦାର ରେଡ୍କ୍ରସ ପାଣ୍ଠିରୁ ପରିବାରଙ୍କୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ପରେ ଆନ୍ଦୋଳନରୁ ଓହରି ଯାଇଥିଲେ । ଏନେଇ ସିନ୍ଧେକେଲା ପୁଲିସ ଅଧିକ ତଦନ୍ତ ଆରମ୍ଭ କରିଛି ।

**କ୍ଷତିପୂରଣ ଦାବିରେ ୧୬ ନଂ ରାଜ୍ୟ ରାଜପଥର ଅବରୋଧ**

# ବସ୍ ଧକ୍କାରେ ୨ ଯୁବକ ମୃତ

ଜଗତସିଂହପୁର/ନାଉଗାଁ,୨୮ ।୭ (ସମିସ): ଗୋରେଖନାଥଙ୍କ ଦର୍ଶନ ସାରି ଫେରୁଥିଲେ । ବସ୍ ଧକ୍କାରେ ଚାଲିଗଲା ଜୀବନ । ଜଗତସିଂପୁର ଜିଲ୍ଲା ନାଉଗାଁ ବ୍ଲକ୍ ପାଳସାହି ଛକ ନିକଟରେ ଆଜି ଏଭଳି ଏକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି । ମୃତକଦ୍ୱୟ ହେଲେ, ପୁରୀ ଜିଲ୍ଲା ବାସେଲୀସାହିର ଅମିତ ସାହୁ ଓ ଚିତ୍ତରଞ୍ଜନ ରାଉତରାୟ । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତ୍ୟକ୍ତ ସ୍ଥାନୀୟ ଗ୍ରାମବାସୀ ରାସ୍ତାରେ ଅମିତଙ୍କ ମୃତଦେହ ରଖି ରାସ୍ତାରୋକ କରିଥିଲେ । ନାଉଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରି ଅମିତି ସାହୁଙ୍କ ମୃତଦେହକୁ ଥାନାକୁ ଆଣି ଅଧିକ ତଦନ୍ତ ଆରମ୍ଭ କରିଥିଲେ ।





ଅମିତଙ୍କ ସମ୍ପର୍କୀୟ ମାମୁଁ ଲକ୍ଷ୍ମୀଧର ସାହୁ ନାଉଗାଁ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି ।

ଶ୍ରାବଣ ତୃତୀୟ ସୋମବାର ଥିବାରୁ ପୁରୀ ଜିଲ୍ଲା ବାସେଲୀସାହିରୁ ଚାରିଜଣ ସାଙ୍ଗ ଦୁଇଟି ବାଇକ୍ରେ ଗୋରେଖନାଥଙ୍କ ଦର୍ଶନ କରିବାକୁ ଆସିଥିଲେ । ରାତି ଅଧାରୁ ଆସି ଦର୍ଶନ ସାରି ଘରକୁ ସକାଳୁ ସକାଳୁ ଫେରୁଥିବା ବେଳେ ପାଳସାହି ନିକଟରେ ସାଇକ୍ରିଷ୍ଟା ବସ୍ ସହ ଗୋଟିଏ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଅମିତଙ୍କ ଘଟଣାସ୍ଥାରେ ମୃତ୍ୟୁ ଘଟିଥିଲା । ଅନ୍ୟ ଜଣେ ସାଙ୍ଗ ଚିତ୍ତରଞ୍ଜନ ଗୁରୁତର ଭାବେ ଜଗତସିଂହପୁର ଜିଲ୍ଲା ମେଡ଼ିକାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ଚିତ୍ତରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ ।

# ପୁରୀରେ ଚାଷୀଙ୍କ ଟ୍ରାକ୍ଟର୍ ଶୋଭାଯାତ୍ରା

**ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଗର୍ଜିଲେ; ଆମ ଧାନ କିଣ ସରକାର**

ପୁରୀ/ବ୍ରହ୍ମଗିରି,୨୮ ।୭ (ସମିସ): "ସରକାର ଆମ ଧାନ କିଣ । ଚାଷୀଙ୍କୁ ସବୁପ୍ରକାର ସୁବିଧା ଦେବ କହିଥିଲ, ହେଲେ ଧାନକିଣାରେ ଠକିଦେଲ । ଧାର୍ଯ୍ୟ ପରିମାଣର ଧାନ ଉଠିଲା ନାହିଁ । ହେ! ସରକାର କୁଆଡ଼େ ଗଲା ଆପଣଙ୍କ ଚାଷୀ ଓ ଚାଷ ପ୍ରୀତି । ଆଜି ଧାନର ଅଭାବୀ ବିକ୍ରି ନେଇ ଚାଷୀକୁଳ କାନ୍ଦୁଛି । ରବି ଋତୁରେ ଧାନ ଟୋକନ ପାଇ ମଧ୍ୟ ୫୦ ପ୍ରତିଶତ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି । ସରକାର ଏହାର ଜବାବ ଦିଅ । ନଚେତ୍ ରାଜରାସ୍ତାରେ ଆନ୍ଦୋଳନ ହେବ ।" ବ୍ରହ୍ମଗିରିରୁ ପ୍ରାୟ ୭୫ରୁ ଊର୍ଦ୍ଧ୍ୱ ଟ୍ରାକ୍ଟରରେ ଆସିଥିବା ଶହଶହ ଚାଷୀ ଆଜି ପୁରୀରେ ଗର୍ଜିବା ସହ ଏପରି ଚେତାବନୀ ଦେଇଛନ୍ତି । ଏହି ଅବସରରେ ଚାଷୀମାନେ ମୁଣ୍ଡରେ ଧାନବସ୍ତା ରଖି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ପରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ତୁରନ୍ତ ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ ।



ଶ୍ରୀ ଦାସବର୍ମା କହିଛନ୍ତି, ବ୍ରହ୍ମଗିରିରେ ପ୍ରାୟ ୭୦ ପ୍ରତିଶତ ଲୋକ ଧାନ ଚାଷ ଉପରେ ନିର୍ଭର କରନ୍ତି । ଗତ ରବି ଋତୁରେ ଚାଷୀମାନଙ୍କର ସମସ୍ତ ବଳକା ଧାନ କିଣିବା ପାଇଁ ସରକାର ଘୋଷଣା କରିଥିଲେ । କିନ୍ତୁ ସରକାର ଟାଳଟୁଳ ନୀତି ଅବଲମ୍ବନ କରି ସମିତିଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଟାର୍ଗେଟ୍ ନଦେଇ ଚାଷୀଙ୍କ ସହ ଖେଳିଲେ । ଗୁରୁତ୍ୱପୂର୍ଣ୍ଣ ବିଷୟ, ଧାନ ସଂଗ୍ରହ ଅବଧି ଜୁନ୍ ୩୦ ତାରିଖ ରାତି ୧୨ଟାରେ ଶେଷ ହେଉଥିବା ବେଳେ ରାତି ୯ଟା ୪୫ରେ ବ୍ରହ୍ମଗିରି ଏବଂ ପୁରୀ ସଦର ବ୍ଲକର ସମସ୍ତ ସମିତିକୁ ଟାର୍ଗେଟ୍ ପ୍ରଦାନ କରାଗଲା । ଫଳରେ ସମସ୍ତ ପଞ୍ଜିକୃତ ହୋଇଥିବା ଚାଷୀ ଭାଇଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହିତ ଏକ ବିଷମ ପରିସ୍ଥିତି ସୃଷ୍ଟି ହୋଇଥିଲା । ବର୍ତ୍ତମାନ ସୁଦ୍ଧା ପଞ୍ଜିକୃତ କରିଥିବା ପ୍ରାୟ ୫୦ ପ୍ରତିଶତ ଚାଷୀ ନିଜର ଉତ୍ପାଦିତ ଧାନ ସରକାରୀ ବ୍ୟବସ୍ଥାରେ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି ।

ଏ ବାବଦରେ ବ୍ରହ୍ମଗିରିର ଚାଷୀକୁଳ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲେ । ଏହି ସମୟରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ବ୍ରହ୍ମଗିରି ଆସି ବିଭିନ୍ନ ମଣ୍ଡି ପରିଦର୍ଶନ କରି ଚାଷୀମାନଙ୍କର ସମସ୍ତ ବଳକା ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଇ ମଣ୍ଡିରେ ଧାନ ଥୋଇ ଏ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ମଧ୍ୟ ସମ୍ବେଦନହୀନ ସରକାର ପ୍ରତିଶ୍ରୁତି ମୁତାବକ ଧାନ କିଣିଲେ ନାହିଁ । ଫଳରେ ହଜାରହଜାର ଚାଷୀ ମଣ୍ଡିରେ ଧାନ ରଖି କାନ୍ଦୁଛନ୍ତି । ଚାଷୀଙ୍କର ସମସ୍ତ ସ୍ୱପ୍ନ ଧୂଳିସାତ୍ ହୋଇଛି । ଗଚ୍ଛିତ ଧାନକୁ କ'ଣ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି ।

ଏହିଅବସରରେ ଶ୍ରୀ ଦାସବର୍ମା ଜିଲ୍ଲାପାଳଙ୍କ ନିକଟରେ ୩ ଦଫା ଦାବି ରଖିଥିଲେ । ସେଗୁଡ଼ିକ ମଧ୍ୟରେ ଚାଷୀମାନଙ୍କର ପଞ୍ଜୀକରଣ ମୁତାବକ ସମସ୍ତ ଧାନ କିଣାଯାଉ ନଚେତ୍ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ । ଖରିଫ ଧାନ କ୍ରୟ କରିବା ପାଇଁ ନୂଆ ପଞ୍ଜୀକରଣ ପଲିସିକୁ ବାତିଲ କରି ପୁରୁଣା ପଦ୍ଧତିରେ ଧାନ କ୍ରୟ ଏବଂ ବ୍ରହ୍ମଗିରିର ସମସ୍ତ କେନାଲ ଓ ନଦୀ ସଫେଇ ସହିତ ରାଜଦଳ ମୁକ୍ତ କରାଯାଉ । ଜିଲ୍ଲାପାଳ ସମସ୍ତ ପ୍ରସଙ୍ଗ ଶୁଣି ଦାବିଗୁଡ଼ିକ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ବିକ୍ଷୋଭରେ ବ୍ରହ୍ମଗିରି ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁ, ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ୍ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ଜିଲ୍ଲା ପରିଷଦ ସଦସ୍ୟ ଜମ୍ବେଶ୍ୱର ସାହୁ, ପୁରୀ ସଦର ବ୍ଲକ୍ ଉପାଧ୍ୟକ୍ଷଙ୍କ ପ୍ରତିନିଧି ନିରଞ୍ଜନ ପରିଡ଼ା, ଭାଇଲପୁର ସମିତିସଭ୍ୟ କାର୍ତ୍ତବୀର୍ଯ୍ୟ ସ୍ୱାଇଁ, ସରପଞ୍ଚ ରମେଶ ପ୍ରଧାନ, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଷଡ଼ଙ୍ଗୀ, ଚାଷୀ ନେତା ଭଗବାନ ନାୟକ, ପ୍ରଫୁଲ୍ଲ ଜେନା, ସୁର ପ୍ରସାଦ ମହାନ୍ତି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟ, ଯୁଧିଷ୍ଠିର ନାୟକଙ୍କ ସମେତ ହଜାର ହଜାର ଚାଷୀ ଉପସ୍ଥିତ ଥିଲେ ।




## ପଟ୍ଟାମୁଣ୍ଡାଇ କଲେଜରେ ଆଇସିସି କର୍ମଶାଳା

**ପଟ୍ଟାମୁଣ୍ଡାଇ, ୨୮।୭ (ସମିସ):** ପଟ୍ଟାମୁଣ୍ଡାଇ କଲେଜ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡଃ ଦୁଃଶାସନ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ଯୋଗଦେଇ ଛାତ୍ରୀଙ୍କ ଆତ୍ମସୁରକ୍ଷା, ସଶକ୍ତିକରଣ ଓ ଆଇନଗତ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଡଃ ପରିଡ଼ା ଛାତ୍ରୀ ଯେକୌଣସି ସମସ୍ୟାକୁ ଅତ୍ୟନ୍ତ ସାହସ ଓ ବୁଦ୍ଧିମତ୍ତାର ସହ ମୁକାବିଲା କରିବା ଓ କୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ହୋଇ ଭୁଲ ନିଷ୍ପତ୍ତି ନନେବାକୁ ପରାମର୍ଶ ଦେଇଥିଲେ। ଆଇସିସି ପ୍ରିଜାଇଡିଂ ଅଫିସର ପ୍ରାଧ୍ୟାପିକା ଡଃ ଅଞ୍ଜଳି ଦାଶ ପକ୍‌ସୋ ଆଇନର ବିଭିନ୍ନ ଧାରା ଉପରେ ଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଆଇସିସି ସଭ୍ୟ ପ୍ରାଧ୍ୟାପକ ଡଃ ସୁନୀଲ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ଆଇସିସି ସଭ୍ୟ ପ୍ରମୋଦ ପରିଡ଼ା, ଲକ୍ଷ୍ମୀପ୍ରିୟା ବେହେରା, ଆପୁଆ ନିର୍ଦ୍ଦେଶକ ବିଜୟ କବି, ଛାତ୍ରୀ ପ୍ରତିନିଧି ମୋନାଲିସା ପ୍ରଧାନ, ରାଜେଶ୍ୱରୀ ମିଶ୍ର, ମୋନାଲିସା ଦାଶଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରାଧ୍ୟାପକ କ୍ୟାପଟେନ ମନୋଜ ପରିଡ଼ା ଧନ୍ୟବାଦ ଦେଇଥିଲେ। କର୍ମଶାଳାକୁ ଆଇସିସି ସଦସ୍ୟ ଅଧ୍ୟାପକ ଜିତେନ୍ଦ୍ର ମଲ୍ଲିକ ଓ ଅଧ୍ୟାପିକା ଆରଏନ ମଧୁସ୍ମିତା ପରିଡ଼ା ପରିଚାଳନା କରିଥିଲେ।

### ବ୍ରାହ୍ମଣୀରେ ପୁଣି ବନ୍ୟା

# ପଟ୍ଟାମୁଣ୍ଡାଇର ବ୍ୟାପକ ଅଞ୍ଚଳ ଜଳମଗ୍ନ



**ପଟ୍ଟାମୁଣ୍ଡାଇ, ୨୮।୭ (ସମିସ)**

ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ସାଙ୍ଗକୁ ଫସଲହାନୀ ଘଟି ଗରିବ ଖଟିଖିଆ ଓ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ଚାଷଜମିରୁ ବନ୍ୟା ପାଣି ଶୁଖି ନ ଥିବାବେଳେ ବ୍ରାହ୍ମଣୀ ନଦୀରେ ପୁଣି ବନ୍ୟା ଆସିଛି। ବାରମ୍ବାର ବନ୍ୟା ଆସିବା ଫଳରେ କ୍ଷୟକ୍ଷତି ଓ ଫସଲହାନୀ ଆଶଙ୍କାରେ ଗରିବ ଖଟିଖିଆ ଓ ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି। କୁମ୍ଭୀର ଭୟ ଲୋକଙ୍କ ମନରୁ ଲିଭି ନ ଥିବାବେଳେ ପୁନରାୟ ବନ୍ୟା ଆସିବା ଯୋଗୁଁ କୁମ୍ଭୀର ଭୟରେ ସମଗ୍ର ଧୋୟାଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ପେଣ୍ଠପାଳ ପଞ୍ଚାୟତର କୋଳଥିଆ ଜେନାସାହି ନିକଟରେ ଆରଡି ରାସ୍ତାରେ ଘାଇ ହୋଇଛି।

ବ୍ରାହ୍ମଣୀ ଓ କାଣୀ ନଦୀରେ ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ହଜାର ହଜାର ଏକର ଜମି ଜଳମଗ୍ନ ହୋଇପଡ଼ିଛି। ପଟ୍ଟାମୁଣ୍ଡାଇ ବ୍ଲକର ସବୁଠାରୁ ଦୁର୍ଗମ ଅଞ୍ଚଳ ସିଂହଗାଁ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର, ରାଉଳିଆଡିଆ, ପାଣିସାଉଁଳିଆ ଆଦି ଜଳମଗ୍ନ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଅଳପୁଆ ପଞ୍ଚାୟତର ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ସେଠୀସାହି, ଜେନାସାହି, ପାହାନ୍ତାସିଂହସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳସାହି, ନାଥସାହି, ମଲିକସାହି, ଘାଗରାଡିଆ ପେଣ୍ଠପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି, ଅଣ୍ଡରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର

- **କୁମ୍ଭୀର ଯୋଗୁଁ ଧୋୟାଞ୍ଚଳରେ ଆତଙ୍କ**
- **କୋଳଥିଆ ଆରଡି ରାସ୍ତାରେ ଘାଇ**

ନୂଆଡିଆ, ଜଗନ୍ନାଥପୁର, ଶାନ୍ତିପଡ଼ା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ଆଦି ଅଞ୍ଚଳର ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇପଡ଼ିଛି। କୋଳଥିଆ ଜେନାସାହି ନିକଟରେ ଆରଡି ରାସ୍ତାରେ ୫୦ ଫୁଟ ଘାଇ ହୋଇ ବନ୍ୟା ସୁଅ ଛୁଟିବା ଯୋଗୁଁ ଯାତାୟାତରେ ବାଧା ସୃଷ୍ଟି ହୋଇଛି।

ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ପଟ୍ଟାମୁଣ୍ଡାଇ ବ୍ଲକରେ ପୁନଃରାୟ ଦେଖା ଦେଇଥିବା ବନ୍ୟା ପରିସ୍ଥିତି ସଫଳ ମୁକାବିଲା ପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ କରାଯାଇ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯିବା ସହିତ ସମସ୍ତ ପଦକ୍ଷେପ ନେବାକୁ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଅଶୋକ ମହାନ୍ତି ଆବଶ୍ୟକ ସମସ୍ତ ପଦକ୍ଷେପ ନେବାକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାଛରା ପଞ୍ଚାୟତର ମଣ୍ଡପଡ଼ା-ବାଛରା ରାସ୍ତା ବୁଡ଼ିଯାଇଥିବାରୁ ବାଛରା ମଣ୍ଡପଡ଼ା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଷଣଅଣ୍ଟା, ନୂଆଗାଁ, କାକୁଡିପଲ୍ଲୀ, ତନୁପୁର, ନନ୍ଦିନୀନଗର, ଷଣ୍ଢପଲ୍ଲୀ, ଅଳଭା ଆଦି ବିଭିନ୍ନ ଗ୍ରାମ ଓ ୧୧ଟି ୱାର୍ଡ ଜଳମଗ୍ନ ହୋଇପଡ଼ିବା ସହିତ ଶହ ଶହ ଏକର ଚାଷଜମି ମଧ୍ୟ ବୁଡି ରହିଛି। ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ ପ୍ରମୁଖ ଦୁର୍ବଳ ନଦୀବନ୍ଧ ପରିଦର୍ଶନ କରି ବିଭାଗୀୟ କର୍ମଚାରୀ ସହାୟତାରେ ବାଲିବସ୍ତା ପକାଇ ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି।

## ବନ୍ୟାରେ ବୁଡ଼ିଥିବା କନପୁର ଗାଁରେ ପହଞ୍ଚିଲା ପ୍ରଶାସନ



**ରାଜକନିକା, ୨୮।୭ (ସମିସ):** କାଲିଠୁ ବନ୍ୟାରେ ଉବୁଟୁବୁ ହେଉଥିବା କନପୁର ଓ ଗୁଣ୍ଠଳ ଗାଁର ବନ୍ୟା ସ୍ଥିତି ସଙ୍ଗୀନ ନେଇ ଖବର ପ୍ରକାଶ ପରେ ଆଜି ସକାଳେ ପ୍ରଶାସନ ସେମାନଙ୍କ ନିକଟରେ ପହଞ୍ଚିଛି। ରାଜକନିକା ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ଭାନୁମତୀ ମାଝୀ ଆଜି କନପୁର ଗ୍ରାମରେ ପହଞ୍ଚି ଲୋକଙ୍କ ଅବସ୍ଥା ପଚାରି ବୁଝିବା ସହ ବନ୍ୟା ସମ୍ପର୍କିତ ଖବର ଜିଲ୍ଲାକୁ ଅବଗତ କରାଇଛନ୍ତି। ଗାଁ ଦାଣ୍ଡରେ ବୁଡ଼ିଥିବା ବନ୍ୟା ପାଣିରେ ପଶି ବିଡିଓ, ପିଇଓ, ନହୁଣୀ ଆରଆଇ ଲୋକଙ୍କୁ ଭେଟୁଛନ୍ତି। ବନ୍ୟା ଦାଉରେ ଥିବା ଦୁର୍ଗତଙ୍କୁ ପିଇବା ପାଣି, ଶୁଖିଲା ଖାଦ୍ୟ ସହ ଗୋଖାଦ୍ୟ ଯୋଗାଇ ଦେବାକୁ ଏହି ଗ୍ରାମର ଲୋକେ ଦାବି କରିଛନ୍ତି।

ଗତକାଲିଠୁ ବନ୍ୟାରେ ବୁଡିଥିବା କନପୁର ଗ୍ରାମର ଖବର ପ୍ରକାଶ ପାଇବା ପରେ ପ୍ରଶାସନ ଡେରି ନ କରି ସକାଳୁ ପହଞ୍ଚିଥିଲା। ବାର୍‌ହା କନପୁର ଓ କଏମା କନପୁର ଗ୍ରାମର କିଛି ଘରକୁ ଯାଇ ସମସ୍ୟା ଅବଗତ ହେବା ପରେ ଏହି ଟିମ ଗୁଣ୍ଠଳ ଗାଁକୁ ଯାଇଥିଲା। ସେଠାରୁ ମାନପୁର ଘାଟ ଯାଏ ଯିବାକୁ ଥିବାବେଳେ ଆଜି କାଉଡିଆଙ୍କ ଭିଡ଼ରେ ନଦୀ ସଂଲଗ୍ନ ରାସ୍ତା ଜାମ ଥିବାରୁ ଫେରି ଆସିଥିଲେ। ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ବନ୍ୟା ଆସିବା ଯୋଗୁଁ ଏହାର ଶାଖା ପେଟା ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ଫଳରେ ଆଜି ସନ୍ଧ୍ୟା ସୁଦ୍ଧା ରାଜକନିକା ବ୍ଲକ ବାରହାଦୋମଣ୍ଡା ପଞ୍ଚାୟତର ବାରହା କନପୁରର ୧ ଓ ୨ ନମ୍ବର ୱାର୍ଡ, କାଏମା କନପୁରର ୩ ଓ ୪ ନମ୍ବର ୱାର୍ଡର ୨୫୩ ପରିବାର ପ୍ରଭାବିତ ହୋଇଛନ୍ତି।

## ଅଳପୁଆରେ 'ମନ କି ବାତ୍' କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୨୮।୭ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ଅଳପୁଆ ପଞ୍ଚାୟତରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦ୍ରାପଡ଼ା ୧୫ନଂ ଜୋନ୍‌ର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭ୍ୟ କିଶୋର ରାଉତ, ଅଳପୁଆ ପଞ୍ଚାୟତ ସଭାପତି ବ୍ରଜବିହାରୀ ଧଳ, ରାଜକିଶୋର ବିଶ୍ୱାଳ, ଆଲୋକ ଧଳ, ରାଜେନ୍ଦ୍ର ନାଥଶର୍ମା, ବଳରାମ ଜେନା, ଅମିନ ସାହୁ, ବାଞ୍ଛାନିଧି ମହାନ୍ତି, ନିରାକାର ବିଶ୍ୱାଳ, ଅବିନାଶ ଧଳଙ୍କ ସମେତ ପଞ୍ଚାୟତ ଓ ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଭିଡିଓ ଭାଇରାଲ ଧମକ ଅଭିଯୋଗ

**ରାଜକନିକା, ୨୮।୭ (ସମିସ):** ରାଜକନିକା ଥାନା ଅନ୍ତର୍ଗତ ସିହୋପଡ଼ା ଗାଁରୁ ଆସିଛି ଏକ ଅଭାବନୀୟ ଘଟଣା। ସିହୋପଡ଼ା ଗ୍ରାମର ଜଣେ ୧୭ ବର୍ଷର ଝିଅକୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଅନୈତିକ ସମ୍ପର୍କ ରଖିଥିବା ଓ ଭିଡିଓ ଭାଇରାଲ ଧମକ ନେଇ ରାଜକନିକା ଥାନାରେ ଅଭିଯୋଗ ହୋଇଛି। ଛଦେଶ ଗ୍ରାମର ରବୀନ୍ଦ୍ର ଜେନାଙ୍କ ପୁଅ ସୁଶାନ୍ତ ଜେନା (୨୫) ପୀଡ଼ିତାଙ୍କୁ ଭଲ ପାଉଥିଲେ ଓ ବିବାହ ପ୍ରତିଶ୍ରୁତି ଦେଇଥିଲେ। ଏହାର ସୁଯୋଗ ନେଇ ସୁଶାନ୍ତ ଅନୈତିକ ସମ୍ପର୍କ ରଖିଥିଲେ। ୨୫ ତାରିଖ ଦିନ ପୁନର୍ବାର ଅନୈତିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲା। ପୀଡ଼ିତା ରାଜି ନ ହେବାରୁ ଅସଜ୍ଜିତ ବେଳର ଫଟୋ ଭିଡିଓ ଭାଇରାଲ ବୋଲି ଧମକ ଦେଇଥିବା ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ୩୯୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ଅସଦାଚରଣ ଅଭିଯୋଗରେ ପ୍ରେମିକ ଗିରଫ

**ରାଜକନିକା, ୨୮।୭ (ସମିସ):** ରାଜକନିକା ଥାନା ଅନ୍ତର୍ଗତ ଘରଭଞ୍ଜାକୋହ୍ଲା ଗ୍ରାମର ଜଣେ ୧୭ ବର୍ଷର ଝିଅକୁ ଶିଶୁଆ ଗାଁର ଜଣେ ଯୁବକ ଏକପାଖିଆ ପ୍ରେମ କରି କରିଥିବା ଅସଦାଚରଣ ଅଭିଯୋଗ ହୋଇଛି।



ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ ଶିଶୁଆ ଗାଁର ବନମାଳୀ ମଲିକଙ୍କ ପୁଅ ବିଚିତ୍ର ମଲିକ(୨୩)କୁ ରାଜକନିକା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗକୁ ଆଧାର କରି ୩୯୨/୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକ ସୂଚନା ଦେଇଛନ୍ତି।

## ଲାଓସରେ ଓଡ଼ିଆ ଯୁବକ ନିର୍ଯାତିତ

**ରାଜକନିକା, ୨୮।୭ (ସମିସ):** ବେକାର ସମସ୍ୟା ବୃଦ୍ଧି ପାଉଥିବାବେଳେ ବାହାର ଦେଶରେ ଦାଦନ ଖଟିବାକୁ ଯାଇ ଜଣେ ଯୁବକ ନିର୍ଯାତନାର ଶିକାର ହେଉଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରି ପୁଅର ମୁକ୍ତି ପାଇଁ ନିବେଦନ କରିଛନ୍ତି। ରାଜକନିକା ଥାନା ସଂଗ୍ରାମପୁର ଗ୍ରାମର ପଞ୍ଚାନନ ନାୟକ ରାଜକନିକା ଥାନାରେ ଦେଇଥିବା ଏତଲା ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ପୁଅ ପବିତ୍ର ନାୟକ ଲାଓସର ଅଷ୍ଟମାଇ ଟ୍ରେଡିଂ ଇଣ୍ଟରନ୍ୟାସନାଲ ସୋସାଇଟି କୋଅପରେଟିଭ ଲିମିଟେଡ଼ କମ୍ପାନୀରେ କାମ କରୁଛି। ଦୁଇମାସ କାମ କରିବା ପରେ ପାରିଶ୍ରମିକ ନ ଦେଇ ମାନସିକ ନିର୍ଯାତନା ଦିଆଯାଉଛି। ତାଙ୍କ ବୃଦ୍ଧ ଅବସ୍ଥାରେ ଭରସା ଥିବା ପୁଅକୁ ଉଦ୍ଧାର ପାଇଁ ଅନୁରୋଧ କରିଛନ୍ତି।

## ସ୍ୱପ୍ନେଶ୍ୱରଙ୍କୁ ଜଳଲାଗି କଲେ କୁନି କାଉଡ଼ିଆ

**କେନ୍ଦ୍ରାପଡ଼ା, ୨୮।୭ (ସମିସ):** ଆଜି ଶ୍ରାବଣ ତୃତୀୟ ସୋମବାରରେ ଆୟବା ସ୍ୱପ୍ନେଶ୍ୱର ମହାଦେବଙ୍କୁ ଜଳଲାଗି କରିଛନ୍ତି କୁନି କାଉଡ଼ିଆ। ଆୟବା ଗାଁର କୁନିକୁନି ପିଲା ଗଣ୍ଡାଖିଆ ମଣି ମନ୍ଦିର ନିକଟ ଗୋବରୀ ନଦୀରୁ ପାଣି ଉଠାଇ ନରଣପୁର, ମଧୁରକୂଳ, କେଉଟଗଡ଼ ଓ ବାଲିଗୋଠ ଗାଁ ଅତିକ୍ରମ କରି ଆୟବା ଗ୍ରାମରେ ପହଞ୍ଚିଥିଲେ। ସେଠାରେ ବାବା ସ୍ୱପ୍ନେଶ୍ୱର ମହାଦେବଙ୍କୁ ଜଳାଭିଷେକ କରିଥିଲେ। ଏହି ଆଧ୍ୟାତ୍ମିକ ଯାତ୍ରାରେ ପ୍ରାୟ ୬୦ ଜଣ ଶ୍ରଦ୍ଧାଳୁ ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ। ସମାଜସେବୀ ବୀରେନ୍ଦ୍ର ଦାସ, କାର୍ତ୍ତିକ ପରିଡ଼ା, ବିମଳ ସାହୁ, ସୁରେଶ ସ୍ୱାଇଁ, ଶରତ ସ୍ୱାଇଁ, ହେମନ୍ତ ସୂତାର, ଅନନ୍ତ ଜେନା, ସରୋଜକାନ୍ତ ପାଣି, ଅଯୋଧ୍ୟା ବିଶ୍ୱାଳ, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଅମରନାଥଙ୍କ ପୀଠରେ କୁନି କାଉଡ଼ିଆଙ୍କ ଜଳଲାଗି

**ଗୋବିନ୍ଦପୁର, ୨୮।୭ (ସମିସ):** ଆଜି ଶ୍ରାବଣ ମାସର ତୃତୀୟ ସୋମବାରରେ ଏରଡଙ୍ଗ ନାଟରାର ଅମରନାଥ ଶିବ ମନ୍ଦିରରେ ଛୋଟ ଛୋଟ ପିଲା ଜଳଲାଗି କରିଛନ୍ତି। ସେମାନେ କାଣୀ ନଦୀରୁ ପାଣି ଉଠାଇ ଅମରନାଥ ଶିବ ମନ୍ଦିର ପହଞ୍ଚି ଜଳଲାଗି କରିଥିବା ଦେଖିବାକୁ ମିଳିଥିଲା।



## ମଙ୍ଗଳେଶ୍ୱର ପୀଠରୁ ମହାବିନାୟକ ପୀଠକୁ କାଉଡ଼ିଆଙ୍କ ଯାତ୍ରା

**ପଞ୍ଚୁପାଣ୍ଡବ, ୨୮।୭ (ସମିସ):** ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଗ୍ରାମର ଶତାଧିକ କାଉଡ଼ିଆ ମାନସିକ ପୂରଣ କରିବା ପାଇଁ ବୋଲବମ୍ ଯାତ୍ରା ଆରମ୍ଭ କରିଥିଲେ। ବିରୂପା ନଦୀର ମଙ୍ଗଳେଶ୍ୱର ପୀଠରୁ ପାଣିଭାର ନେଇ ଯାଜପୁର ଜିଲ୍ଲାର ମହାବିନାୟକ ପୀଠରେ ଜଳଲାଗି କରିଛନ୍ତି। ସରୋଜ ସାହୁ, ସୌଭାଗ୍ୟ ସାହୁ, ଅମିତ ପୃଷ୍ଟି, ରଞ୍ଜନ ସାହୁ, ଜିତେନ୍ଦ୍ର ମଲିକ, ମଳୟ ସାହୁ, ଉତ୍ତମ ମଲିକ, ଶ୍ରୀଧର କବି, ସର୍ବେଶ୍ୱର ମଲିକ, ତ୍ରିଲୋଚନ ମଲିକ ଓ କୁନା ଜେନା ପ୍ରମୁଖ ବୋଲବମ୍ ଯାତ୍ରାରେ ସାମିଲ ହୋଇଥିଲେ।



## ପୌର ପରିଷଦ ୧୯ ନଂ ୱାର୍ଡ ମଙ୍ଗଳା ସ୍କୁଲ ରାସ୍ତା ଶୋଚନୀୟ

**ପଟ୍ଟାମୁଣ୍ଡାଇ, ୨୮।୭ (ସମିସ):** ପଟ୍ଟାମୁଣ୍ଡାଇ ପୌର ପରିଷଦର ସବୁଠୁ ସମ୍ବେଦନଶୀଳ ୱାର୍ଡ ଭାବେ ପରିଗଣିତ ୧୯ନଂ ୱାର୍ଡ ମଙ୍ଗଳା ସ୍କୁଲ ରାସ୍ତା ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷାରେ ରାସ୍ତାରେ ପାଣି ଜମି ରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ପାଣି ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା କରାଯାଇଥିଲେ ହେଁ ଏହା କୌଣସି କାମରେ ଲାଗୁନାହିଁ। ଏହି ରାସ୍ତାର ଆରମ୍ଭରୁ ମାତ୍ର ୨୦୦ ଶହ ଫୁଟ ପର୍ଯ୍ୟନ୍ତ ଫେଭର୍ ଟାଇଲ ପକାଯାଇଥିଲେ ହେଁ ଅବଶିଷ୍ଟ ୫୦୦ ଶହ ଫୁଟରୁ ଅଧିକ ଦୈର୍ଘ୍ୟ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାବେଳେ ଖାଲଖମାରେ ପରିଣତ ହୋଇ ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି। ଏହି ରାସ୍ତା ଉପରେ ମଙ୍ଗଳା ପ୍ରାଥମିକ ବିଦ୍ୟାଳୟର



ଛାତ୍ରଛାତ୍ରୀଙ୍କ ସମେତ ୧୯ନଂ ୱାର୍ଡର ଲୋକେ ନିର୍ଭର କରନ୍ତି। ୨୦ନଂ ୱାର୍ଡର ଲୋକେ ମଧ୍ୟ ଯାତାୟାତ ପାଇଁ ନିର୍ଭର କରନ୍ତି। ଏହି ରାସ୍ତା ନୂତନ ପୌର ପରିଷଦ କାର୍ଯ୍ୟାଳୟର ଅନତି ଦୂରରୁ ସହରର ମୁଖ୍ୟ ରାସ୍ତାରୁ ବାହାରିଥିଲେ ହେଁ ଦୀପତଳ ଅନ୍ଧାର ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଡା. କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଘର ନିକଟ ରାସ୍ତା ପାର୍ଶ୍ୱରୁ ବାହାରିଥିବା ଓ ୨୦ନଂ ୱାର୍ଡର ମାଝୀ ସାହି ନିକଟ ୧୫ନଂ କେନାଲ ପାର୍ଶ୍ୱ ପର୍ଯ୍ୟନ୍ତ ସଂଯୋଗ କରୁଥିବା ପାଣି ନିଷ୍କାସନ ଡ୍ରେନ ପୋତି ହୋଇପଡ଼ିବା, ଜଳ ନିଷ୍କାସନ ପଥ ଅବରୋଧ କରାଯିବା କାରଣରୁ ରାସ୍ତାରେ ଜମି ରହୁଥିବା ବର୍ଷା ପାଣି ନିଷ୍କାସନ ହୋଇପାରୁ ନ ଥିବା ୱାର୍ଡର ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଉଭୟ ପାର୍ଶ୍ୱ ଘରର ନର୍ଦ୍ଦମା ପାଣିକୁ ପାଣି ପାଇପ୍ ଲଗାଇ ଲୋକେ ଡ୍ରେନକୁ ଛାଡୁଥିବାରୁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିବା ସଙ୍ଗେ ସଙ୍ଗେ ପରିସ୍ଥିତିକୁ ସଙ୍ଗୀନ କରିଛି। ରାସ୍ତାରେ ଖାଲଖମା ସୃଷ୍ଟି ହେବା କାରଣରୁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ପାଣି ନିଷ୍କାସନ ସମସ୍ୟାକୁ ବ୍ୟବସ୍ଥିତ କରିବାପାଇଁ ୱାର୍ଡବାସୀ ଦାବି କରିଛନ୍ତି। ପଟ୍ଟାମୁଣ୍ଡାଇ ବିକାଶ ପରିଷଦର ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ପୌର ପରିଷଦର ଦୃଷ୍ଟି ଆକର୍ଷଣ କରିଥିବାବେଳେ ୧୯ନଂ ୱାର୍ଡ କାଉନସିଲର ଗୋପୀବଲ୍ଲଭ ନାୟକ ଆଗାମୀ ପୌର ପରିଷଦ ବୈଠକରେ ଏହି ପ୍ରସଙ୍ଗ ଉଠାଇବେ ବୋଲି କହିଛନ୍ତି।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର | ୩୦୧ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

**ରାଜନଗର, ୨୮।୭ (ସମିସ):** ରାଜନଗର ବ୍ଲକ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଭାବେ ରଘୁରାମ ଆର ଆୟାର ଯୋଗଦେବା ପରେ ଆଜି ତାଙ୍କର ପ୍ରଥମ ଜନଶୁଣାଣି ଶିବିର ଥିଲା। ଏହି ଶିବିରରେ ୨୬ଟି ସାମୂହିକ ଓ ୨୭୫ଟି ବ୍ୟକ୍ତିଗତ ଅଭିଯୋଗର ଶୁଣାଣି କରାଯାଇଥିଲା। ଉକ୍ତ ଶିବିରରେ ଏସପି ସିଦ୍ଧାର୍ଥ କଟାରିଆ, ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପିଡି ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ସାହୁ, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ତହସିଲଦାର ଯୀଶୁଖ୍ରୀଷ୍ଟ ଦାସ, ବିଡିଓ ଅନିରୁଦ୍ଧ ବେହେରା, ଏସଡିପିଓ ସରୋଜ ସାହୁ, ଆଇଆଇସି ନରେଶ ସାହୁଙ୍କ ସହିତ ସମସ୍ତ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

ଉକ୍ତ ଜନଶୁଣାଣି ଶିବିରରେ ଅଧିକାଂଶ ଅଭିଯୋଗ ଭତ୍ତା, ରାସନ କାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନରେ ଘର ପାଇଁ ସର୍ବାଧିକ ଅଭିଯୋଗ ଆସିଥିଲା। ସମସ୍ତ ଯୋଗ୍ୟ କଚାଘର, ବାସହରା ଲୋକଙ୍କୁ ସରକାରୀ ଘର ଯୋଗାଇଦେବାକୁ ସରକାର ଘୋଷଣା କରାଯାଇଥିଲା। ଏ ନେଇ ପ୍ରଶାସନ ପକ୍ଷରୁ ସର୍ଭେ କରାଯାଇ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏଥିରେ ଅଧିକାଂଶ ଗରିବ ଓ ଯୋଗ୍ୟ ଲୋକଙ୍କ ନାଁ ନାହିଁ। ଏ




ନେଇ ଡେରା ସରପଞ୍ଚ ନିରଞ୍ଜନ ରାଉତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। କିଏ ସର୍ଭେ ତାଲିକାରୁ ହିତାଧିକାରୀଙ୍କ ନାଁ କାଟିଲା, ସେ ନେଇ ତଦନ୍ତ କରି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇଦେବାକୁ ଦାବି କରିଥିଲେ। ରାଜନଗର ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ଯୋଜନାର ଫାଇଲ ମିଳୁନାହିଁ। ଲୋକମାନେ କାମ କରିବା ପରେ ଫାଇଲ ମିଳୁ ନ ଥିବାରୁ ପେମେଣ୍ଟ ହୋଇପାରୁ ନ ଥିବାବେଳେ ଆଉ କିଛି ଫାଇଲ ମିଳୁ ନ ଥିବାରୁ କାମ ଆରମ୍ଭ ହୋଇପାରୁନାହିଁ। ବିଭିନ୍ନ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ଫାଇଲ ନିଜ ପାଖରେ ରଖିଥିବାରୁ ଏଭଳି ଅଭାବନୀୟ ସ୍ଥିତି ରାଜନଗର ବ୍ଲକ କାର୍ଯ୍ୟାଳୟରେ ସୃଷ୍ଟି ହୋଇଛି। ତୁରନ୍ତ ଫାଇଲ ଖୋଜି କାମ ଆରମ୍ଭ କରିବା ଓ ପେମେଣ୍ଟ କରିବା ପାଇଁ କେରେଡାଗଡ଼ ଗାଁର ଅରୁଣ କୁମାର ସାହୁ ଅଭିଯୋଗ କରିଥିଲେ। ଜନଶୁଣାଣିରେ ନିଜ ଦୁଖ ଜଣାଇବାକୁ ଆସିଥିବା ଦିବ୍ୟାଙ୍ଗ ସରସ୍ୱତୀ ମାନ୍ନା ବେହୋସ ହୋଇପଡ଼ିଥିଲେ। ସେ ଦିବ୍ୟାଙ୍ଗ ଭତ୍ତା ପାଉ ନ ଥିବାରୁ ଭତ୍ତା ପାଇଁ ଗୁହାରି କରିବାକୁ ୫୦ କିଲୋମିଟର ଦୂର ରଙ୍ଗଣୀ ପଞ୍ଚାୟତ ଚାଆଁରାକୋଲାରୁ ଆସି ଶିବିରରେ ପହଞ୍ଚିଥିଲେ। ବାହାରେ ପଡ଼ିଥିବା ଚେୟାରରେ ବସିଥିବାବେଳେ ବେହୋସ ହୋଇଯାଇଥିଲେ। ସେଠାରେ ଉପସ୍ଥିତ ଥିବା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ଏସଡିପିଓଙ୍କ ଗାଡ଼ିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

## ବିଶ୍ୱ ହେପାଟାଇଟିସ ଦିବସ ପାଳିତ

**କେନ୍ଦ୍ରାପଡ଼ା, ୨୮।୭ (ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସୋମବାର ଅପରାହ୍ନରେ ଜିଲ୍ଲାସ୍ତରୀୟ ବିଶ୍ୱ ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡ. ମନୋରଞ୍ଜନ ରାଉତ ପୌରୋହିତ୍ୟ କରିଥଲେ। ପାଞ୍ଚ ପ୍ରକାର ହେପାଟାଇଟିସ




ଏ, ବି, ସି, ଡି ଓ ଇ ଉପରେ ଉପସ୍ଥିତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଶ୍ୟାମସୁନ୍ଦର ଟୁଡୁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡ. ସଚ୍ଚିଦାନନ୍ଦ ମିଶ୍ର, ଏଡିଏମ ଓ ମେଡିକାଲ ଡ. ପ୍ରମୋଦ ପ୍ରହରାଜ, ଡିପିଏମ ମନୋରଞ୍ଜନ ସାହୁ, ଏପିଡେମିଓଲୋଜିଷ୍ଟ ଡ. ଅଶୋକ କୁମାର ସାହୁ, ଆକାଉଣ୍ଟସ୍ ଅଫିସର ଆଶୁତୋଷ ତ୍ରିପାଠୀ, ମାଇକ୍ରୋ ବାୟୋଲୋଜିଷ୍ଟ ବିଜେତା ନନ୍ଦ ଓ ସତ୍ୟନାରାୟଣ ସିଂହ, ଡିପିଏଚସିଓ ସତ୍ୟନାରାୟଣ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଏଏନଏମ ଟ୍ରେନିଂ ସେଣ୍ଟର ଛାତ୍ରୀଙ୍କ ମଧ୍ୟରେ ରଚନା ପ୍ରତିଯୋଗିତା ଆୟୋଜିତ ହୋଇ ବିଜେତାଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଟାଟୋ କରିବା ଦ୍ୱାରା ହେପାଟାଇଟିସ ବ୍ୟାପିଥାଏ। ସେଥିପାଇଁ ଯୁବ ସମାଜ ଟାଟୋ ନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଜନ୍ମ ସମୟରେ ହେପାଟାଇଟିସ ଟିକା ପ୍ରଦାନ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ମଧ୍ୟ ହେପାଟାଇଟିସ ଟିକା ପ୍ରଦାନ କରାଯାଉଛି। ସମସ୍ତେ ସଚେତନ ରହିଲେ ହେପାଟାଇଟିସକୁ ଆମେ ଦୂରେଇ ପାରିବା ବୋଲି ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ ମ୍ୟାନେଜର ମମତା ଦାସ, ଶ୍ୟାମସୁନ୍ଦର ବରାଳ, ଜ୍ୟୋତ୍ସ୍ନା ନାୟକ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡ଼ା ଓ ଏଏନଏମ ଟ୍ରେନିଂ ସେଣ୍ଟରର ପ୍ରିନ୍ସିପାଲ ଭାରତୀ ସ୍ୱାଇଁ, ଟ୍ୟୁଟୋର, ସମସ୍ତ ଛାତ୍ରୀ ଓ ଆଶା କର୍ମୀ ଉପସ୍ଥିତ ଥିଲେ। ଡେପୁଟି ମ୍ୟାନେଜର ସୁକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଡଃ ସରୋଜ କୁମାର ସାମନ୍ତ
ଅଧ୍ୟକ୍ଷ ତଥା ସଂପାଦକ
ଗଞ୍ଜାମ ଆଇନ ମହାବିଦ୍ୟାଳୟ, ଆମ୍ବପୁଆ, ବ୍ରହ୍ମପୁର
ଆବିର୍ଭାବ - ତା. ୨୧. ୦୩. ୧୯୭୯ / ତିରୋଧାନ - ତା. ୧୮. ୦୭.୨୦୨୫

ହେ ପୁଣ୍ୟାତ୍ମା, ଆପଣ ଆମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ। ଆପଣଙ୍କ ଅମଳିନ ସ୍ନେହ, ଶ୍ରଦ୍ଧା ଓ ମାର୍ଗଦର୍ଶନରୁ ଏବେ ଆମେ ବଞ୍ଚିତ। ଅଶ୍ରୁସିକ୍ତ ନୟନରେ ଆପଣଙ୍କ ସ୍ମୃତିକୁ ଝୁରିବା ବ୍ୟତିରେକେ ଅନ୍ୟ ଉପାୟ ନାହିଁ। ଈଶ୍ୱରଙ୍କ ଏ ଚରାଚର ସୃଷ୍ଟିରେ ଆପଣ ଯେଉଁଠି ଥିଲେ ବି ଆଲୋକବର୍ତ୍ତିକା ହୋଇ ଆମକୁ ଆଶୀର୍ବାଦ କରୁଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ଚିର ଶାନ୍ତି ଲାଭ କରୁ, ଆଜି ଏକାଦଶାହ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଆପଣଙ୍କର ଶୋକସନ୍ତପ୍ତ

ଗଭୀର ଶ୍ରଦ୍ଧାଞ୍ଜଳି ସହ ମାନସ ମୋହିନୀ ସାମନ୍ତ (ମା), ସଂଜିପ ସାମନ୍ତ (ଭାଇ), ସରିତା ଓ ସୁନିତା (ଭଉଣୀ), ନମିତା (ଧର୍ମପତ୍ନୀ), ଶ୍ରଦ୍ଧା (ଝିଅ), ତନୁଶ୍ରୀ, ସୋନାକ୍ଷୀ, ମାନିକଲାଲ, ଆନନ୍ଦ, ମୁକେଶ, ମନୋଜ, ମାନସୀ ଓ ମିନତୀଙ୍କ ସମେତ ସାମନ୍ତ ପରିବାର ସଦସ୍ୟ ଓ ବନ୍ଧୁ ବର୍ଗ

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ ସୁମନ୍ତ ନାରାୟଣ ଆଚାର୍ଯ୍ୟ
ଆବିର୍ଭାବ: ୦୬.୦୬.୧୯୬୨
ତିରୋଧାନ: ୦୯.୦୮.୨୦୨୪

✓ ରୀନା ଦାଶ
ଆବିର୍ଭାବ: ୧୧.୦୭.୧୯୭୩
ତିରୋଧାନ: ୨୫.୦୧.୨୦୨୫

ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ପୁତ୍ର - ରାଜା, ଝିଅ- ମାମୁନି, ଜ୍ୱାଇଁ- ନିଳାଦ୍ରି,
ନାତି- ଈଶାନ, ଆତ୍ମୀୟ ସ୍ୱଜନ

## ଡକାୟତି ଘଟଣାର ପର୍ଦ୍ଦାଫାଶ: ୮ ଗିରଫ



ତାଳଚେର,୨୮ ।୭ (ସମିସ): ଜୁଲାଇ ୯ ତାରିଖ ବିଳମ୍ବିତ ରାତିରେ ବାଘୁଆବୋଲ ଏବଂ ନବମିଶ୍ର କଲୋନୀର ତିନିଜଣଙ୍କଠାରୁ ଡକାୟତି ହୋଇଥିଲା । ଅଭୟ ପାଲ, ସେବକ ମିଶ୍ର ଓ ରାଜେଶ ସିଂହଙ୍କ ଅଭିଯୋଗ ଅନୁସାରେ ତାଳଚେର ଥାନାରେ ୩ଟି ମାମଲା ରୁଜୁହୋଇ ତଦନ୍ତ ଜାରି ରହିଥିଲା । ଏହି ଘଟଣାରେ ସମ୍ପୃକ୍ତ ୮ ଅଭିଯୁକ୍ତଙ୍କୁ ସୋମବାର ପୁଲିସ ଗିରଫ କରିଛି । ସେମାନେ ହେଲେ ଚାଳିଆକୁଟା ଅଞ୍ଚଳର ପ୍ରସନ୍ନ ଦାସ, ରେମୁଁଆର ରାହୁଲ ନାଏକ, ସିଦ୍ଧାର୍ଥ ଭୋଇ, ଅଙ୍ଗୁରୁଆର ଆଶିଷ ନାଏକ, ବାଘୁଆବୋଲର ସୁବଳ ଦଳେଇ, ସଚିନ ନାଏକ, ନନ୍ଦନ ନାଏକ ଏବଂ ବିକ୍ରମପୁର ଥାନା ଗୋବରା ମୁଣ୍ଡାସାହିର ସୋନୁ ଭଦ୍ରା । ଅଭିଯୁକ୍ତମାନେ ତାଳଚେର ବାଘୁଆବୋଲ ରେଲୱେ କ୍ରସିଂ ପାଖରେ ମାରଣାସ୍ତ୍ର ଦେଖାଇ ଏକ କାର ସହ ୬୦ ହଜାର ଟଙ୍କା, ଦୁଇଟି ମୋବାଇଲ, ଦୁଇଟି ଲାପଟପ୍, ସୁନା ଓ ରୁପା ଅଳଙ୍କାର ନେଇଯାଇଥିଲେ । ସେହିପରି ଅନ୍ୟଏକ କାର୍‌ରୁ ଡକାୟତି ଉଦ୍ୟମ କରିଥିଲେ । ପରେ ନବମିଶ୍ର କଲୋନୀ ନିକଟରେ ଏକ ଟ୍ରକ ନେଇଯାଇଥିଲେ । ରବିବାର ବିଳମ୍ବିତ ରାତିରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି । ସେମାନେ ଏହି ଅପରାଧ ଘଟାଇଥିବା ସ୍ୱୀକାର କରିଛନ୍ତି । ସେମାନଙ୍କ ନିକଟରୁ ଡକାୟତି ହୋଇଥିବା ଉପରୋକ୍ତ ସାମଗ୍ରୀ ଜବତ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ପୁଲିସ୍ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି । ଏହି ଅପରାଧୀଙ୍କ ନାମରେ ପୂର୍ବରୁ ତାଳଚେର ଥାନାରେ ମାମଲା ରହିଥିବା ଜଣାପଡ଼ିଛି ।

## ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହେଲେ ସୋନାଲି



ନାଲକୋ ନଗର,୨୮ ।୭ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୩ଶ ସମାବର୍ତ୍ତନ ଉତ୍ସବରେ-୨୦୨୪ ବର୍ଷପାଇଁ +୩ ବାଣିଜ୍ୟ ବିଭାଗରେ ସୋନାଲି ସାହୁ ସର୍ବୋଚ୍ଚ ନମ୍ବର ରଖି ସ୍ୱର୍ଣ୍ଣ ପଦକ ପ୍ରାପ୍ତ କରିଛନ୍ତି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ନାୟକ ଅତିଥି ଭାବେ ଯୋଗଦେଇ ସୋନାଲିଙ୍କୁ ପଦକ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ନାଲକୋ କର୍ମଚାରୀ ସୁଧାକର ସାହୁ ଓ ଶୋଭାଙ୍ଗିନୀ ସାହୁଙ୍କ ଝିଅ ସୋନାଲି ବିଗତ ଦିନରେ ନାଲକୋ ଦିଲ୍ଲୀ ପବ୍ଲିକ ସ୍କୁଲରେ ମାଟ୍ରିକରେ ୯୫.୪ ପ୍ରତିଶତ ଓ +୨ ବିଜ୍ଞାନରେ ୯୭.୪ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଥିଲେ ।

## ଶିଶୁ ଚାଲାଣ ରୋକିବାକୁ ସ୍ୱତନ୍ତ୍ର ଅଭିଯାନ




କିଶୋରନଗର,୨୮ ।୭ (ସମିସ): ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ଓ ରେଲୱେ ପୁଲିସ୍ ମିଳିତ ଉଦ୍ୟମରେ ଅନୁଗୋଳ, ବଇଣ୍ଡା ରେଲୱେ ଷ୍ଟେସନ ଓ ଅନୁଗୋଳ, ତାଳଚେର ବସଷ୍ଟାଣ୍ଡରେ ବିଶ୍ୱମାନବ ଚାଲାଣ ନିରୋଧ ଦିବସ ଜୁଲାଇ ୩୦ ଉପଲକ୍ଷେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ଶିଶୁ ଚାଲାଣ ରୋକିବା ପାଇଁ କିପରି ପଦକ୍ଷେପ ନିଆଯାଇପାରିବ ସେ ଉପରେ ଟ୍ରେନ ଓ ବସ ଯାତ୍ରୀମାନଙ୍କୁ ସଚେତନ କରାଯାଇଥିଲା । ୧୪ ବର୍ଷରୁ କମ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଏବଂ ୧୫ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜନ କରିବା ଦଣ୍ଡନୀୟ ଅପରାଧ । ଯଦି ଏପରି ପିଲାମାନଙ୍କୁ ସନ୍ଦେହଜନକ ପରିସ୍ଥିତିରେ ଯାତ୍ରା କରୁଥିବା ଦେଖନ୍ତି, ତୁରନ୍ତ ଶିଶୁ ସହାୟତା ନମ୍ବର ୧୦୯୮, ରେଳ ସହାୟତା ନମ୍ବର ୧୩୯ରେ ଯୋଗାଯୋଗ କରିବାକୁ କୁହାଯାଇଛି । ବ୍ୟକ୍ତିଗତ ସଚେତନତା, ରାଲି, ଲିଫଲେଟ ମାଧ୍ୟମରେ ଶିଶୁ ଚାଲାଣ ସମ୍ବନ୍ଧୀୟ ଖବର ଟ୍ରେନ ଓ ବସ ଯାତ୍ରୀମାନଙ୍କୁ ଅବଗତ କରାଯାଇଛି । ବିଭିନ୍ନ ଟ୍ରେନର ଜେନେରାଲ କୋଚ ଓ ବସ୍‌ରେ ଯାଞ୍ଚ କରାଯାଇ ଶିଶୁ ଚାଲାଣ ବନ୍ଦ ପାଇଁ ପଦକ୍ଷେପ ନିଆଯାଇଥିଲା । କାର୍ଯ୍ୟକ୍ରମରେ ବିଶ୍ୱ ଯୁବକେନ୍ଦ୍ରର ସଂଯୋଜିକା ପୂଜା ସ୍ୱାଇଁଙ୍କ ନେତୃତ୍ୱରେ ପ୍ରକଳ୍ପ ସହାୟକ ପପି ଦେହୁରୀ, ଦୀପି ଦେହୁରୀ, ସୋନାଲିସା ଶବର, ଲକ୍ଷ୍ମୀ ବେହେରା, ସୁନିତା ମାଝୀ, ପ୍ରଦୀପ ନାୟକ, ପୂର୍ଣ୍ଣଚନ୍ଦ୍ର କିସାନ ପ୍ରମୁଖ ସହଯୋଗ କରିଥିଲେ ।

## ଆଖଣ୍ଡଳମଣିଙ୍କ ପୀଠରେ ବିଶେଷ ପୂଜାର୍ଚ୍ଚନା



ଢେଙ୍କାନାଳ,୨୮ ।୭ (ସମିସ): ସ୍ଥାନୀୟ ଭାଗୀରଥି ସାଗର କୂଳରେ ଥିବା ବାବା ଆଖଣ୍ଡଳମଣିଙ୍କ ପୀଠରେ ଶ୍ରାବଣ ମାସ ୩ୟ ସୋମବାର ବିଶେଷ ପୂଜାର୍ଚ୍ଚନା କରାଯାଇଛି । ପ୍ରାତଃରୁ ମଙ୍ଗଳ ଆଳତି, ମହାସ୍ନାନ, ବେଲପତ୍ର ବିଭିନ୍ନ ପୁଷ୍ପ ଓ ଭୋଗ ଲାଗି କରାଯାଇଥିଲା । ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତି ଓ ଘର୍ଷଣୀ କରାଯାଇ ମେଳା ବେଶ କରାଯାଇଥିଲା । ଚୁଡ଼ାଘଷା ଓ ପଣା ଭୋଗ ଲାଗି କରାଯାଇଥିଲା । ପୂଜକ ତୁଷାର ରଞ୍ଜନ ମିଶ୍ର ଓ ବିଭୂତି ଭୂଷଣ ପଣ୍ଡା ପୂଜାର୍ଚ୍ଚନା କରିଥିଲେ ।

# କପିଳାସରେ ୪ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

ଗଁଦିଆ,୨୮ ।୭ (ସମିସ)

ରାଜ୍ୟର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦ୍ରଶେଖରଙ୍କ ବିଜେ କପିଳାସରେ ସୋମବାର ଶ୍ରାବଣ ତୃତୀୟ ସୋମବାର ୩ ଲକ୍ଷରୁ ଊର୍ଦ୍ଧ୍ୱ କାଉଡ଼ିଆଙ୍କ ସମାଗମ ହୋଇଥିଲା । ତେବେ ପ୍ରଶାସନ ପକ୍ଷରୁ ଘୋର ଅବ୍ୟବସ୍ଥାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ପୀଠରେ ଭିଡ଼ ଏତେ ପରିମାଣରେ ବୃଦ୍ଧି ପାଇଥିଲା ଯାହାକି ପ୍ରଶାସନର ପୂର୍ବ ଆକଳନ ବାହାରେ ଥିଲା ।

**ପ୍ରଶାସନର ଘୋର ଅବ୍ୟବସ୍ଥା; ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ**





ବାବା ଚନ୍ଦ୍ରଶେଖରଙ୍କଠାରେ ଜଳାଭିଷେକ ପାଇଁ ପୁରୁଷ, ମହିଳା ଓ ଛୋଟ ପିଲାମାନେ ଆସୁଥିବା ଦେଖିବାକୁ ମିଳିଥିଲା । ଢେଙ୍କାନାଳ ଜିଲ୍ଲା ସମେତ ପଡ଼ୋଶୀ ଯାଜପୁର, କଟକ, କେନ୍ଦୁଝର, ଭଦ୍ରକ, ଅନୁଗୋଳ, ପୁରୀ, ଜଗତସିଂହପୁର ତଥା ରାଜଧାନୀ ଭୁବନେଶ୍ୱର ଆଦି ସ୍ଥାନରୁ ଶ୍ରଦ୍ଧାଳୁ ଛୁଟିଆସିଥିଲେ । ପୀଠକୁ ୩ଟି ସଂଯୋଗ ରାସ୍ତା ଯଥା ଢେଙ୍କାନାଳ, ଟାଙ୍ଗୀ ଓ ଗଁଦିଆ ପଟରୁ ଶନିବାରଠାରୁ ରବିବାର ମଧ୍ୟରାତ୍ରି ପର୍ଯ୍ୟନ୍ତ କାଉଡ଼ିଆଙ୍କ ଲମ୍ବା ଧାଡ଼ି ଲାଗିରହିଥିଲା । ରବିବାର ପାଗ କୋହଲା ଥିବା ସହ ତୁହାକୁ ତୁହା ବର୍ଷା ଫଳରେ ଭକ୍ତମାନେ ବିଶେଷ କଷ୍ଟ ଅନୁଭବ ନ କରି ଲକ୍ଷ୍ୟ ପଥରେ ଆଗେଇ ଚାଲିଥଲେ । ମାତ୍ର ଏହି ପାଳିରେ ଏପରି ଭିଡ଼ ହେବ ବୋଲି ପ୍ରଶାସନର ଆକଳନ ଭୁଲ ହୋଇଥିଲା । ଦେବୋତ୍ତର ବିଭାଗ ପକ୍ଷରୁ ପୂର୍ବ ପରି କିଛି ହାତଗଣତି ଅସ୍ଥାୟୀ ଟେଣ୍ଟ ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା । ସେହିପରି ବାରବାଙ୍କ ହେଉ କିମ୍ବା ପାହାଚ ପଥ, ଆଖିଦୃଶିଆ ଆଲୋକ ବ୍ୟବସ୍ଥା ନ ଥିବାରୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ପାନୀୟ ଜଳର ଘୋର ଅଭାବ ସ୍ପଷ୍ଟ ବାରି ହେଉଥିଲା । ଏଠାରେ ଯେତିକି ପାଣି ଟାଙ୍କି ଥିଲା ତାହା ସମୁଦ୍ରକୁ ଶଙ୍ଖେ ସଦୃଶ । ପୀଠରେ ନିୟୋଜିତ ବିଭିନ୍ନ ବିଭାଗର କର୍ମଚାରୀଙ୍କ ପରିଚୟପତ୍ର ନ ଥିବାରୁ ଭିଡ଼କୁ ନଜରରେ ରଖି ପୁଲିସ କଟକଣା ଜାରି ରଖିଥଲା । ଏଣୁ ବ୍ୟାପକ ଭାବରେ ପାନୀୟ ଜଳ ଉପଲବ୍ଧ ନ ଥିଲା । ଏହାର ସୁଯୋଗ ନେଇ କିଛି ବ୍ୟବସାୟୀ ଖୁଲମଖୁଲା ଚଢ଼ା ଦରରେ ଭକ୍ତଙ୍କୁ ପାଣି ବୋତଲ ବିକିଥିଲେ । ଜିଲ୍ଲା ପ୍ରଶାସନର ଏପରି ଅବ୍ୟବସ୍ଥା ନେଇ ଅନେକ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା । ରବିବାର ରାତିରୁ ବୃଷଭଙ୍କଠାରୁ ଆରମ୍ଭ କରି ଶିବପାର୍ବତୀ ଓ ଶ୍ରାବଣୀ ଲିଙ୍ଗରେ ଜଳାଭିଷେକ ଆରମ୍ଭ ହୋଇ ସୋମବାର ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା । ଭକ୍ତମାନେ ସିଂହଦ୍ୱାରାଠାରୁ ଲମ୍ବା ଧାଡ଼ିରେ ଠିଆହୋଇ ଠାକୁରଙ୍କ ଦର୍ଶନ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ଏସ୍‌ପି ଅଭିନବ ସୋନକର, ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାପାତ୍ର, ଅତିରିକ୍ତ ତହସିଲଦାର ସୌଭାଗ୍ୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ମୁତୟନ ହୋଇଥିଲେ । ରବିବାର ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ପ୍ରଭୁଙ୍କ ଦର୍ଶନ କରିଥିଲେ ।

## ରଜଡଙ୍ଗ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କଲେ ୯ ୱାର୍ଡ ମେମ୍ବର**



ପାଲଲହଡ଼ା,୨୮ ।୭ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ରଜଡଙ୍ଗ ପଞ୍ଚାୟତର ସରପଞ୍ଚ ଦିବ୍ୟାଭାରତୀ ସାମଲଙ୍କ ନାଁରେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ସୋମବାର ପଞ୍ଚାୟତର ୯ ୱାର୍ଡ ମେମ୍ବର ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ୱାର୍ଡ ସଭ୍ୟ ଏବଂ ନାଏବ ସରପଞ୍ଚଙ୍କ ଅଭିଯୋଗ ଅନୁସାରେ ସରପଞ୍ଚ ସାମଲ ବିନା ପଞ୍ଚାୟତ ବୈଠକରେ ମନମୁଖି କାର୍ଯ୍ୟ କରୁଛନ୍ତି । ସଭାବହିରେ କିଛି ନ ଲେଖି ଧମକଚମକ ଦେଇ ଖୋଲା ଦସ୍ତଖତ ନେଉଛନ୍ତି । ସମସ୍ତ ୱାର୍ଡ ମେମ୍ବରଙ୍କ ଅଗୋଚରରେ ସିଏଫ୍‌ସି, ଏସ୍‌ଏଫ୍‌ସି ଅନୁଦାନକୁ ନିଜ ବାପା ଓ ଦେଢ଼ଶୁରଙ୍କ ଜରିଆରେ ଠିକାଦାରି କରୁଛନ୍ତି । ମନରେଗା କାର୍ଯ୍ୟଗୁଡ଼ିକୁ ଶ୍ରମିକ ବଦଳରେ ମେସିନ ଜରିଆରେ ନିଜେ କରୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଶ୍ରମିକଙ୍କ ମଜୁରି ହଡ଼ପ କରୁଛନ୍ତି । ଗଣତାନ୍ତ୍ରିକ ପଦ୍ଧତିକୁ ହତ୍ୟା କରୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି । ତେଣୁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଉପଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ଅଭିଯୋଗପତ୍ରରେ ପଞ୍ଚାୟତର ନାଏବ ସରପଞ୍ଚ କୁଶଧ୍ୱଜ ସାମଲ, ୱାର୍ଡ ମେମ୍ବର ସୁକାନ୍ତି ସାମଲ, ହେମବତି ସାମଲ, ଭାବନୀ ନାଏକ, ସୁଜାତା ରାଉତ, ପାଣ୍ଡୁ ବେହେରା, ଅକ୍ଷୟ କିଷାନ, ଦିବାକର କିଷାନ, ପ୍ରଶାନ୍ତ କିଷାନ ଦସ୍ତଖତ କରିଛନ୍ତି । ଅନ୍ୟପଟେ ଆଇନ ଅନୁସାରେ ଅଭିଯୋଗର ତର୍ଜମା କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ପଟେଲ କହିଛନ୍ତି ।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଅନୁଗୋଳ,୨୮ ।୭ (ସମିସ): ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅତିରିକ୍ତ ଚିକିତ୍ସା ସୁବିଧା ସହ ପେନସନ୍ ପ୍ରଦାନ ଓ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ ପାଇଁ ସୋମବାର ଅନୁଗୋଳ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଉଦୟନାଥ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ୨୦୨୫-୨୬ ବର୍ଷ ପାଇଁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ନବୀକରଣ ନିମିତ୍ତ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ଏହି ଯୋଜନାରେ ପ୍ରତିବର୍ଷ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଯୋଡ଼ି ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଚଳିତ ସ୍ୱାସ୍ଥ୍ୟବୀମା ଯୋଜନାକୁ ଅଧିକ ହିତାଧିକାରୀ ବୃଦ୍ଧି କରିବା ପାଇଁ ସାମ୍ବାଦିକଙ୍କ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଅବିବାହିତ ନିର୍ଭରଶୀଳ ସନ୍ତାନ ସନ୍ତତିଙ୍କୁ ଅନ୍ତର୍ଭୁକ୍ତ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ସହ ଆୟୁଷ୍ମାନ ଯୋଜନାରେ ସାମିଲ ହିତାଧିକାରୀଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରୁ ବାଦ୍ ଦିଆଯିବା ନିଷ୍ପତ୍ତିର ପୁନର୍ବିଚାର କରି ଶ୍ରୀମନ୍ଦିର ସେବାୟତଙ୍କ ଢାଞ୍ଚାରେ ସାମ୍ବାଦିକଙ୍କ କଲ୍ୟାଣ ପାଇଁ ଉଭୟ ଯୋଜନାର ସୁବିଧା ଉପଲବ୍ଧ କରାଯିବାକୁ ଦାବି କରାଯାଇଛି । ଦେଶର ୧୮ଟି ରାଜ୍ୟ ଭଳି ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାସିକ ଅନ୍ୟୂନ ୧୫ ହଜାର ଟଙ୍କା ପେନସନ୍ ପ୍ରଦାନ ସହ ବୃତ୍ତିଗତ ସୁରକ୍ଷା ପାଇଁ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରାଯିବାକୁ ଦାବି କରାଯାଇଛି । ଜିଲ୍ଲା ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଡ. ରଶ୍ମିରଞ୍ଜନ ମିଶ୍ର, ବିଜୟ ଦେବତା, ପ୍ରିୟମାଧବ ଦାସ, ଚିତ୍ତରଞ୍ଜନ ପାଣି, କୃଷ୍ଣ ସାମଲ, ଦିବ୍ୟ ଶାନ୍ତନୁ ନାଥ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ବିଭିନ୍ନ ଶୈବପୀଠରେ କାଉଡ଼ିଆଙ୍କ ଭିଡ଼



ଭୁବନ,୨୮ ।୭ (ସମିସ): ଶ୍ରାବଣ ତୃତୀୟ ସୋମବାର ପାଇଁ ଭୁବନର ନୀଳକଣ୍ଠପୁର ବ୍ରାହ୍ମଣୀ ନଦୀଘାଟରେ ହଜାର ହଜାର କାଉଡ଼ିଆଙ୍କ ଭିଡ଼ ଲାଗିଥିଲା । କାଉଡ଼ିଆମାନେ ଏଠାରୁ ପବିତ୍ର ଜଳ ଉଠାଇ ମହାଦେବଙ୍କ ମସ୍ତକରେ ଲାଗି କରିବା ପାଇଁ ବାହାରି ଯାଇଥିଲେ । ଭୁବନର ବାବା ବୁଦ୍ଧେଶ୍ୱରଙ୍କ ପୀଠରେ କାଉଡ଼ିଆଙ୍କ ଭିଡ଼ ଲାଗିଥିଲା । କାଉଡ଼ିଆଙ୍କ ପାଇଁ ରବିବାର ରାତିରେ ପ୍ରସାଦ ସେବନ ଓ ରହିବାର ରହିବା ବ୍ୟବସ୍ଥା କରାଯାଇଥିଲା । ଭଜନ କୀର୍ତ୍ତନରେ ମନ୍ଦିର ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଏଠାରେ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା ।

## ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ହିନ୍ଦୋଳ,୨୮ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ମାହଲୁଣ୍ଡା ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମରେ ସାମ୍ବାଦିକ ଚୈତନ୍ୟ ସାମଲଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି । ଗ୍ରାମରେ କଂକ୍ରିଟ କାମ ଚାଲିଥିବା ବେଳେ ଠିକାଦାର ସିମେଣ୍ଟ ଓ ବାଲି ନ ଦେଇ ଖାଲି କ୍ରସର ଗୁଣ୍ଡରେ ନିମ୍ନମାନର କାମ କରୁଥିବା ଅଭିଯୋଗ ହୋଇଥିଲା । ସାମ୍ବାଦିକ ଚୈତନ୍ୟ ସାମଲ ଏ ସମ୍ପର୍କରେ ଠିକାଦାରଙ୍କ ପ୍ରତିନିଧି ମଣ୍ଟୁ ଆଚାର୍ଯ୍ୟଙ୍କୁ ପଚାରିବା ସହ କାର୍ଯ୍ୟର ଫଟୋ ଉଠାଇଥିଲେ । ତେବେ ମଣ୍ଟୁ ଏଥିରେ ଉତ୍ତ୍ୟକ୍ତ ହୋଇ ଚୈତନ୍ୟଙ୍କୁ ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରି ତାଙ୍କ ମୋବାଇଲ ଫୋନ ଛଡ଼ାଇ ନେଇ ଫୋପାଡ଼ି ଦେଇଥିଲେ । ଆଉ କେବେ ଫଟୋ ଉଠାଇଲେ ହାଣି ଦେବାକୁ ଧମକ ଦେଇଥିଲେ । ଏ ନେଇ ଚୈତନ୍ୟ ବାଲିମି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି ।

## ଡା. ମଦନ ମୋହନ ହେଲେ ନୂତନ ସିଡିଏମଓ



ଅନଗୋଳ,୨୮ ।୭ (ସମିସ): ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ କ୍ରମେ ସୋମବାର ଡା. ଗୌରୀଶଙ୍କର ବଳଙ୍କ ସ୍ଥାନରେ ଡା. ମଦନ ମୋହନ ପ୍ରଧାନଙ୍କୁ ଅନୁଗୋଳ ସିଡିଏମଓ ଭାବେ ନିଯୁକ୍ତି ମିଳିଛି । ତାଳଚେର ଏଫ୍‌ସିଆଇ ଅଞ୍ଚଳରେ ଡେଙ୍ଗୁର ପ୍ରାଦୁର୍ଭାବ ଦେଖାଦେଇଥିବା ବେଳେ ଡା. ପ୍ରଧାନଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଭାବେ ଅବସ୍ଥାପିତ କରାଯାଇଛି । ଡା. ପ୍ରଧାନ ଦମନ ମଣିଷ ଭାବେ ଜଣାଶୁଣା । ୨୦୧୭ରେ ଦକ୍ଷିଣ ଓଡ଼ିଶା ସମେତ ଅନେକ ଜିଲ୍ଲାରେ ମ୍ୟାଲେରିଆ ବ୍ୟାପିଥିବା ବେଳେ ଏନ୍‌ଭିଡିସିପି, ଭୁବନେଶ୍ୱରରେ କାର୍ଯ୍ୟରତ ଡା. ପ୍ରଧାନ ଏବଂ ଅନ୍ୟ କେତେଜଣ ମିଶି ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ଯୋଜନା କାର୍ଯ୍ୟକାରୀ କରିବାର ଖସଡ଼ା ପ୍ରସ୍ତୁତ କରିଥିଲେ । ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ ମ୍ୟାଲେରିଆ ନିୟନ୍ତ୍ରିତ ହୋଇଥିଲା । ଡା. ପ୍ରଧାନଙ୍କୁ ଏଥିପାଇଁ ଜାତିସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡା. ପ୍ରଧାନ ତାଳଚେର ମାଟିର ସନ୍ତାନ । ତେଣୁ ମେଡିକାଲ କଲେଜର ଉନ୍ନତି ସହ ଜିଲ୍ଲା ଚିକିତ୍ସାଳୟର ସମସ୍ୟା ସମାଧାନ କରିବାରେ ସେ ଯଥେଷ୍ଟ ଧ୍ୟାନଦେବେ ବୋଲି ଆଶା କରାଯାଉଛି । ଅନ୍ୟପଟେ ଡା. ବଳଙ୍କୁ ଭୁବନେଶ୍ୱର ଜନସ୍ୱାସ୍ଥ୍ୟ ବିଭାଗକୁ ସ୍ଥାନାନ୍ତର କରାଯାଇଛି ।

**● ପୌରପାଳିକାର ମାସିକ ବୈଠକ**

## ପୋଖରୀ ପୁନରୁଦ୍ଧାର, ଡେଲି ମାର୍କେଟ ମରାମତି ଉପରେ ଗୁରୁତ୍ୱ

ଅନୁଗୋଳ,୨୮ ।୭ (ସମିସ): ଅନୁଗୋଳ ପୌରପାଳିକା ସଭା କକ୍ଷରେ ସୋମବାର ପରିଷଦର ମାସିକ ବୈଠକ ଅନୁଷ୍ଠିତ ହୋଇଛି । ନଗରପାଳ ଅକ୍ଷୟ କୁମାର ସାମନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ପଦସ୍ଥ ପୌର ଅଧିକାରୀ, ସଦସ୍ୟଙ୍କ ସମେତ ପୂର୍ତ୍ତ, ଜନସ୍ୱାସ୍ଥ୍ୟ, ଜଳସେଚନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ନଗରପାଳ ସାମନ୍ତ ପୁରୁଣା ବସ୍‌ଷ୍ଟାଣ୍ଡ ରାସ୍ତା ସମେତ ନଷ୍ଟ ହୋଇଥିବା ସହରର କିଛି ରାସ୍ତା ମରାମତି, ଡେଲି ମାର୍କେଟ ମରାମତି, ପୋଖରୀଗୁଡ଼ିକର ପୁରୁଦ୍ଧାର କରାଯିବ ବୋଲି କହିଥିଲେ । ଜନସ୍ୱାସ୍ଥ୍ୟ ବିଭାଗର ପାଣି ପାଇପ ବିଛା ଯୋଗୁଁ ସହରର ଅନେକ ରାସ୍ତା ନଷ୍ଟ ହୋଇଥିବାରୁ ସେ ସବୁକୁ ମଧ୍ୟ ମରାମତି କରାଯିବ । କେନାଲର ସାଇଫନ ଜାମ୍ ରହୁଥିବାରୁ ତାହାର ସଫେଇ କରାଯିବ ବୋଲି ସାମନ୍ତ ପ୍ରକାଶ କରିଥିଲେ । ଆଗାମୀ ସ୍ୱାୟତ୍ତ ଶାସନ ଦିବସକୁ ସରସ ସୁନ୍ଦର କରି ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ବୈଠକରେ ସମସ୍ତ ପାରିଷଦ ଯୋଗଦେଇଥିଲେ ।

# ବିପଦସଙ୍କୁଳ ଅବସ୍ଥାରେ ନନ୍ଦିରା ବ୍ରିଜ

ଅନୁଗୋଳ,୨୮ ।୭ (ସମିସ)

ତାଳଚେର ସାର କାରଖାନାର ନିଜସ୍ୱ ମାଲ ପରିବହନ ପାଇଁ ୮୦ଦଶକରେ ଏଫସିଆଇ ସାର କାରଖାନାଠାରୁ ତେଣ୍ଟଲୋଇ ଗ୍ରାମ ଦେଇ ପ୍ରାୟ ୩ କିମି ରାସ୍ତା ବଳରାମ ପ୍ରସାଦ ଛକରେ ପୂର୍ତ୍ତ ବିଭାଗ ରାସ୍ତାକୁ

- ୮୦ ଦଶକରେ ନିର୍ମାଣ ହୋଇଥିଲା
- ଭାରୀଯାନ ଗଲେ ଥରୁଛି, ଭାଙ୍ଗିଲାଣି ସୁରକ୍ଷା ବାଡ଼



ସଂଯୋଗ କରିଥିଲା । ଏହି ରାସ୍ତାର ନନ୍ଦିରା ଜୋରରେ ଏକ ବ୍ରିଜ ନିର୍ମାଣ ହୋଇଥିଲା । ପରବର୍ତ୍ତୀ ସମୟରେ ଉକ୍ତ ରାସ୍ତା କୁଲାଡ଼ ଗାଁ ନିକଟରେ ଜାତୀୟ ରଜପଥକୁ ସଂଯୋଗ ହୋଇଥିଲା । ଅନୁଗୋଳରୁ ନାଲକୋ ଦେଇ ଏଫସିଆଇ ଓ ତାଳଚେର ଅଞ୍ଚଳକୁ ଏହି ରାସ୍ତା ସୁଗମ ହେଲା । ମାତ୍ର ୨୦୦୦ ମସିହା ବେଳକୁ ଏଫସିଆଇ ସାର କାରଖାନା ବନ୍ଦ ହୋଇଯିବାରୁ ରାସ୍ତା ଅବସ୍ଥା ଜରାଜୀର୍ଣ୍ଣ ହୋଇପଡ଼ିଲା । ପରବର୍ତ୍ତୀ ସମୟରେ ଉକ୍ତ ରାସ୍ତାର ବଳରାମ ପ୍ରସାଦ ଛକରୁ ତାଳଚେର ପର୍ଯ୍ୟନ୍ତ ପ୍ରାୟ ୮/୧୦ କିମି ରାସ୍ତାର ରକ୍ଷଣା ବେକ୍ଷଣ ଏମସିଏଲ ଦ୍ୱାରା ହୋଇଆସୁଛି । ଅନୁଗୋଳରୁ ତାଳଚେର ଯାତାୟାତ ପାଇଁ ଏହି ରାସ୍ତା ଗୁରୁତ୍ୱ ବହନ କରୁଛି । ଇତିମଧ୍ୟରେ ଏଫସିଆଇ ସାର କାରଖାନା ପୁନରୁଦ୍ଧାର କାର୍ଯ୍ୟ ଶେଷ ହେବା ଉପରେ ପହଞ୍ଚିଛି । କାରଖାନା ପୁନରୁଦ୍ଧାର ଓ ପୁନଃନିର୍ମାଣ ପାଇଁ ଏହି ରାସ୍ତା ଦେଇ ବଡ଼ ବଡ଼ ଟ୍ରେଲର ଯୋଗେ ଯନ୍ତ୍ରାଂଶ ସବୁ ଆସିଛି । ତେବେ ଏହି ଯନ୍ତ୍ରାଂଶ ଆସିବା ବେଳେ ଇତିମଧ୍ୟରେ ବ୍ରିଜ ନିର୍ମାଣକୁ ୪ ଦଶନ୍ଧି ବିତିଲାଣି । ଏବେ ଟ୍ରକ, ଟ୍ରେଲର ଆଦି ଭାରୀଯାନ ଯାତାୟାତ ବେଳେ ବ୍ରିଜ ଥରି ଉଠୁଛି । ବ୍ରିଜର ସୁରକ୍ଷା ବାଡ଼ ଭାଙ୍ଗିଗଲାଣି ।




ଗୋଟିଏ ଅତି ଭାରୀ ଯନ୍ତ୍ରାଂଶ ବୋଝେଇ କରି ଆଣିଥିବା ଟ୍ରେଲର ଏହି ବ୍ରିଜକୁ ବିପଦସଙ୍କୁଳ ଦର୍ଶାଇ ଜୋର ମଧ୍ୟରେ ସ୍ୱତନ୍ତ୍ର ଅସ୍ଥାୟୀ ରାସ୍ତା ନିର୍ମାଣ କରି ଜୋର ପାର କରାଯାଇଥିଲା । ଫଳରେ ଯେକୌଣସି ସମୟରେ ଦୁର୍ଘଟଣା ଆଶଙ୍କା ଦେଖାଦେଇଛି । ଏହି ବ୍ରିଜକୁ ନୂତନ ଭାବେ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି ।

## କଳମଛୁଇଁ ଶିଶୁ ମନ୍ଦିରରେ ପୁଷ୍ପ ପ୍ରଦର୍ଶନୀ



ତାଳଚେର,୨୮ ।୭ (ସମିସ): ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁ ବାଟିକା ବିଭାଗ ପକ୍ଷରୁ ଏକ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାହୁ ଓ କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏଥିରେ ବିଭିନ୍ନ ପ୍ରକାର ପୁଷ୍ପ ସବୁ ପ୍ରଦର୍ଶନ କରାଯାଇଥିବା ବେଳେ ଆମ ଜୀବନରେ ଫୁଲମାନଙ୍କର ଭୂମିକା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରାଯାଇଥିଲା । ଶିଶୁ ବାଟିକା ବିଭାଗ ପ୍ରମୁଖ ଅର୍ଚ୍ଚନା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟା ସରସ୍ୱତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ଆଚାର୍ଯ୍ୟା ରୀତା ଭୂତିଆ, ବସନ୍ତ ମହାନ୍ତି, ପୁଷ୍ପାରାଣୀ ବେହେରା, ସବିତା ସାହୁ, ବୈଜୟନ୍ତୀ ସାହୁ, କଳ୍ପନା ସାହୁ, ରଞ୍ଜୁବାଳା ସାହୁ, ରାଗିଣୀ ସ୍ୱାଇଁ, କୁମୁଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ସମ୍ପାଦକୀୟ



ବୟସର ପ୍ରଭାବ ଶାରୀରିକ ତୁଳନାରେ ମାନସିକ ସ୍ତରରେ ଅଧିକ। ସେ ବିଷୟରେ ଚିନ୍ତା ନ କଲେ ତା'ର ପ୍ରଭାବ ଶରୀର ଉପରେ ପଡ଼ିବ ନାହିଁ।
-ମାର୍କ ଟ୍ୱେନ୍

ସକାଳ THE SAKALA

## ବୈଷମ୍ୟର ବିଡ଼ମ୍ବନା

ଆମ ଦେଶରେ ଆର୍ଥିକ ଅସମାନତା ବଢ଼ି ଚାଲିଥିବାରୁ ବର୍ଦ୍ଧିତ ମୁଣ୍ଡପିଛା ଆୟ ଅର୍ଥହୀନ ହୋଇପଡ଼ିଛି। ଅସଲରେ ଜିଡିପି ବା ସାମଗ୍ରିକ ଆୟର ମୁଖ୍ୟାଂଶ ଧନୀଙ୍କ ନିୟନ୍ତ୍ରଣରେ ଥିବାରୁ ଲୋକସଂଖ୍ୟାର ଏକ ବୃହତ୍ ଅଂଶର ଆର୍ଥିକ ସ୍ଥିତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟୁନାହିଁ। ବର୍ଦ୍ଧିତ ମୁଣ୍ଡପିଛା ଆୟ ଯାହା ଦର୍ଶାଯାଇଛି ସେହି ଅନୁପାତରେ ବ୍ୟୟ କରିବାର ଶକ୍ତି ଓ ସାମର୍ଥ୍ୟ ବଢୁନାହିଁ। ୧୪୬ କୋଟି ଜନତାଙ୍କୁ ନେଇ ମୁଣ୍ଡ ଟେକିଥିବା ବଜାର ଅର୍ଥନୀତି ଯେଉଁ ହାରରେ ଗତିଶୀଳ ହୋବାକଥା ତାହା ପରିଲକ୍ଷିତ ହେଉନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ କି ଦେଶର ଏକ ପ୍ରତିଶତ ଧନୀ ପରିବାରଙ୍କ ନିକଟରେ ପ୍ରାୟ ୧୧.୭ ଲକ୍ଷ କୋଟି ଡଲାର ମୂଲ୍ୟର ସମ୍ପତ୍ତି ମହଜୁଦ୍ ଅଛି। ଏଥିରେ ପ୍ରାୟ ୨.୭ ଲକ୍ଷ କୋଟିର ଲିକ୍ୟୁଇଡ୍ ଆର୍ଥିକ ସମ୍ପତ୍ତି ମଧ୍ୟ ଅନ୍ତର୍ଭୁକ୍ତ। ଏସବୁ ସତ୍ତ୍ୱେ ଅର୍ଥନୀତିରେ ବର୍ଦ୍ଧିତ ଜିଡିପିର ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ସେହି ମୋଟ ଉପାର୍ଜନ ବା ଆୟ ଏତେ ବିପୁଳ ଜନସଂଖ୍ୟା ମଧ୍ୟରେ ବିଭାଜିତ ହୋଇ ଯେଉଁ ମୁଣ୍ଡପିଛା ଆୟ ଦର୍ଶାଯାଇଛି ତାହାର ଯେ ମୁଖ୍ୟ ଅଂଶ ଧନଶାଳୀଙ୍କ ନିୟନ୍ତ୍ରଣରେ ଯେ ରହିଯାଉଛି ଏକଥା ଗ୍ରହଣ କରିବାକୁ ପଡ଼ିବ। ତେଣୁ ମୁଣ୍ଡପିଛା ଆୟ ବଢୁଛି ବୋଲି ଯେଉଁ ପରିସଂଖ୍ୟାନ ସାମନାକୁ ଆସୁଛି ତାହା କ'ଣ ଯଥାର୍ଥରେ ଆମ ସାଧାରଣ ଜନତାଙ୍କ ଆୟର ଅନୁରୂପ? ଆମକୁ ଏଠାରେ କହିବାକୁ ପଡ଼ିବ ଯେ ଅର୍ଥନୀତିର ଅସଲ ସ୍ୱରୂପ ସାମନାକୁ ଆସୁନାହିଁ।

ଉପରୋକ୍ତ ତର୍ଜମା ସତ୍ତ୍ୱେ ସମଗ୍ର ବିଶ୍ୱର ଅର୍ଥନୀତି ଏହି ପରିସଂଖ୍ୟାନ ଗତ ବୈଶିଷ୍ଟ୍ୟକୁ ସ୍ୱୀକୃତି ଦେଇଚାଲିଛି। ଆମ ଦେଶ ମଧ୍ୟ ସେହି ପରିସଂଖ୍ୟାନ ଭିତ୍ତିରେ ୪ର୍ଥ ଅର୍ଥନୀତିର ମର୍ଯ୍ୟାଦା ହାସଲ କରିଛି। ୨୦୧୩-୧୪ ରୁ ୨୦୨୪-୨୫ ବିତ୍ତୀୟ ବର୍ଷ ମଧ୍ୟରେ ବର୍ଦ୍ଧିତ ମୁଣ୍ଡପିଛା ଆୟକୁ ଭିତ୍ତିକରି ଦେଶର ଆର୍ଥିକ ପ୍ରଗତି ଘଟୁଛି ବୋଲି ସରକାର ଦାବି କରୁଛନ୍ତି। ତେବେ ଧନୀ ଓ ଗରିବଙ୍କ ମଧ୍ୟରେ ଯେଉଁ ହାରରେ ପାର୍ଥକ୍ୟ ବଢୁଛି ତାହା ନିଶ୍ଚୟ ଉଦ୍‌ବେଗଜନକ। ନିକଟରେ କେନ୍ଦ୍ର ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ସଂସଦରେ ଅର୍ଥନୀତିର ଯେଉଁ ଚିତ୍ର ଉପସ୍ଥାପନ କରିଛନ୍ତି ତାହା ସ୍ୱତନ୍ତ୍ର ଆଲୋଚନା ଦାବି କରେ। ଦେଶରେ ମୁଣ୍ଡପିଛା ଆୟ ୨୦୨୪-୨୫ ଆର୍ଥିକ ବର୍ଷରେ ୧,୧୪,୭୧୦ ଟଙ୍କାକୁ ବୃଦ୍ଧି ପାଇଛି। ଦଶବର୍ଷ ତଳେ ମୁଣ୍ଡପିଛା ନେଟ୍ ଜାତୀୟ ଆୟ ୭୨,୮୦୫ଟଙ୍କାରେ ସୀମିତ ଥିଲା। ଏହି ସମୟ ମଧ୍ୟରେ ଓଡ଼ିଶାର ଅର୍ଥନୀତି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ରାଜ୍ୟର ହାରାହାରି ମୁଣ୍ଡପିଛା ଆୟ ୫୪,୨୦୯ ଟଙ୍କାରୁ ୧୦୬୯୧୮ ଟଙ୍କାକୁ ବୃଦ୍ଧି ପାଇଛି। ଏହି ଦଶକରେ ଓଡ଼ିଶାରେ ମୁଣ୍ଡପିଛା ଆୟ ୯୨.୭ ପ୍ରତିଶତ ହାରରେ ବୃଦ୍ଧି ପାଇଛି। ନବୀନ ସରକାରଙ୍କ ବିତ୍ତୀୟ ସୁପରିଚାଳନା ଯୋଗୁଁ ମୁଣ୍ଡପିଛା ଆୟ ବୃଦ୍ଧି ପ୍ରାୟ ଦ୍ୱିଗୁଣିତ ହୋଇଛି। ଦ୍ରୁତ ଅର୍ଥନୈତିକ ପ୍ରଗତି ଓ ମୁଣ୍ଡ ପିଛା ଆୟରେ ତାହାର ପ୍ରଭାବ ଦୃଷ୍ଟିରୁ ଆମେ ସମଗ୍ର ଦେଶରେ ପ୍ରଥମ।

ଏହି ସଫଳତା ଦାବି କଲାବେଳେ ଅନ୍ୟରାଜ୍ୟର ସ୍ଥିତି ସହ ତୁଳନାତ୍ମକ ତଥ୍ୟ ଉପସ୍ଥାପନ କରିବା ଜରୁରୀ ମନେ ହୁଏ। ଆମ ପଛକୁ କର୍ଣ୍ଣାଟକର ମୁଣ୍ଡ ପିଛା ଆୟ ବୃଦ୍ଧି ହାର ୯୩.୬% ହୋଇଛି। ଦେଶ ବା ରାଜ୍ୟରେ ମୁଣ୍ଡପିଛା ଆୟବୃଦ୍ଧି ଆର୍ଥିକ ସୁପରିଚାଳନା ଉପରେ ନିର୍ଭର କରେ। ଏକଥା ସତ ଯେ ସାମଗ୍ରିକ ଭାବେ ଦେଶର ସବୁ ରାଜ୍ୟରେ ମୁଣ୍ଡପିଛା ଆୟ ବଢ଼ିଛି, କିନ୍ତୁ ଅନୁପାତ ପରସ୍ପରଠାରୁ ଭିନ୍ନ। ଆର୍ଥିକ ବିକାଶର ଦିଗ ନିର୍ଣ୍ଣୟ, ଆଞ୍ଚଳିକ ସ୍ଥିତି ଦୃଷ୍ଟିରୁ ସୁବିଧା ସୁଯୋଗର ଅଭାବ, ସଂରଚନାଗତ ଅସମାନତା, ସର୍ବୋପରି ଶାସନତନ୍ତ୍ରରେ ଥିବା ପାର୍ଥକ୍ୟ ମୁଣ୍ଡପିଛି ଆୟ ବୃଦ୍ଧିକୁ ପ୍ରଭାବିତ କରିଥାଏ ବୋଲି ମନ୍ତ୍ରୀ ଶ୍ରୀଚୌଧୁରୀ ସ୍ୱୀକାର କରିଛନ୍ତି। ଏଥିରୁ ସ୍ପଷ୍ଟ ଯେ ଯେଉଁସବୁ କ୍ଷେତ୍ରକୁ ଓଡ଼ିଶା ସରକାର ପ୍ରାଥମିକତା ପ୍ରଦାନ କରିଛନ୍ତି ତାହା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ। ମୁଣ୍ଡପିଛା ଆୟ କ୍ଷେତ୍ରରେ ଆମଠାରୁ ପଛରେ ପଡ଼ିଥିବା ରାଜ୍ୟ ମଧ୍ୟରେ ବିହାର, ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଆସାମ ଅନ୍ୟତମ। ୨୦୨୩-୨୪ ରେ ବିହାରର ମୁଣ୍ଡପିଛା ଆୟ ୩୨,୨୨୭, ମଧ୍ୟପ୍ରଦେଶରେ ୭୦୪୩୪, ଛତିଶଗଡ଼ରେ ୯୩,୧୬୧, ରାଜସ୍ଥାନରେ ୯୬,୬୩୮ ଓ ଆସାମରେ ହାରାହାରି ମୁଣ୍ଡପିଛା ଆୟ ୮୧,୧୨୭ ଟଙ୍କା ହୋଇଛି। ମନ୍ତ୍ରୀଙ୍କ ମନ୍ତବ୍ୟ ଅନୁଯାୟୀ ଏସବୁ ରାଜ୍ୟରେ ଶାସନତାନ୍ତ୍ରିକ ପାର୍ଥକ୍ୟରୁ ପ୍ରଗତି ଆଶନୁରୂପ ହୋଇପାରିନାହିଁ ବୋଲି ଧରିନେବାକୁ ହେବ।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ରିପୋର୍ଟ ଅନୁଯାୟୀ, ଗତ ଦଶବର୍ଷରେ ଦେଶର ଆର୍ଥିକ ପ୍ରଗତି ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ ମଧ୍ୟ ଆନ୍ତଃ ରାଜ୍ୟ ପରିସଂଖ୍ୟାନରୁ ଅସମାନତା ବାରି ହୋଇପଡୁଛି। ମୁଣ୍ଡପିଛା ଆୟଦୃଷ୍ଟିରୁ କର୍ଣ୍ଣାଟକ ସବୁଠାରୁ ଆଗରେ ଥିବା ବେଳେ ବିହାର ସବୁଠାରୁ ଗରିବ ରାଜ୍ୟ ଭାବରେ ପରିଗଣିତ ହୋଉଛି। ଏକଦା ଅନ୍ୟତମ ଦରିଦ୍ର ରାଜ୍ୟ ରୂପେ ଓଡ଼ିଶାର କୁଖ୍ୟାତି ଥିଲା। ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ଠାରୁ ଆମର ରାଜ୍ୟର ବିକାଶ ଯେ ଅଧିକ ଗତିଶୀଳ ହୋଇଛି ଏକଥା ସ୍ୱୀକାର କରିବାକୁ ପଡ଼ିବ। ତଥାକଥିତ ବିମାରୁ ରାଜ୍ୟର କବଳରୁ ଆମେ ମୁକ୍ତ ହୋଇଛେ। ଆମେ ଜାତୀୟ ହାରକୁ ଅତିକ୍ରମ କରିପାରି ନ ଥିଲେ ମଧ୍ୟ ନିକଟବର୍ତ୍ତୀ ହୋଇଛୁ। ମୁଣ୍ଡପିଛା ଆୟ ହାର ବୃଦ୍ଧି କ୍ଷେତ୍ରରେ ୯୦ ପ୍ରତିଶତ ଅତିକ୍ରମ କରିଛନ୍ତି କେବଳ ଦୁଇଟି ରାଜ୍ୟ। ପ୍ରଥମରେ ଓଡ଼ିଶା ଓ ଦ୍ୱିତୀୟରେ କର୍ଣ୍ଣାଟକ।

ବର୍ଣ୍ଣଷ୍ଟିନ୍ ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁଯାୟୀ ଆମ ଦେଶରେ ସବୁଠାରୁ ଧନୀ ଲୋକ ଅଧିକରୁ ଅଧିକ ବିତ୍ତଶାଳୀ ହେଉଛନ୍ତି। ସେମାନଙ୍କର ୨.୭ ଲକ୍ଷ କୋଟି ଡଲାର ଲିକ୍ୟୁଇଡ୍ ଆର୍ଥିକ ସଂପତ୍ତିର ସୁପରିଚାଳନା କ୍ଷେତ୍ରରେ ପ୍ରପର୍ଟି ମ୍ୟାନେଜରଙ୍କ ପ୍ରାଧାନ୍ୟ ବୃଦ୍ଧି ପାଇଛି। ତେବେ ଏହି ସଂଖ୍ୟା କେବଳ ୧୧ ପ୍ରତିଶତରେ ସୀମିତ ରହିଛି। ସେମାନଙ୍କର ବର୍ଦ୍ଧିତ ସଂଚୟ ଓ ଧନର ମୁଖ୍ୟାଂଶ ଆର୍ଥିକ ସଂପତ୍ତିରେ ରୂପାନ୍ତରିତ ହୋଇଛି। ଭାରତର ପୁଞ୍ଜି ବଜାରରେ ସେମାନଙ୍କର ପ୍ରାଧାନ୍ୟ ବାରି ହୋଇ ପଡ଼ିଛି। ଏସବୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ଘୋଷିତ ମୁଣ୍ଡପିଛା ଆୟ ସାମଗ୍ରିକ ବିକାଶର କଥା କୁହେନି। ଦେଶର ବୃହତ୍ତର ବର୍ଗଙ୍କ କ୍ରୟଶକ୍ତି ନ ବଢ଼ିବା ପର୍ଯ୍ୟନ୍ତ ଆମ ବଜାର ଅର୍ଥନୀତି ବିଶ୍ୱର ବିତ୍ତଶାଳୀ ରାଷ୍ଟ୍ରଙ୍କୁ ଆକୃଷ୍ଟ କରିପାରିବନି। ତେଣୁ ସରକାରଙ୍କୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ହେବ।

# ଅଙ୍ଗାରକ କୃଷି ପଦ୍ଧତି

**ବିଦ୍ୟାଧର ମହାରଣା**

ଜୀବଜଗତର ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଶରୀରରେ ଅଙ୍ଗାର ରହିଛି। ମାଟି, ଜଳ ଓ ବାୟୁରେ ମଧ୍ୟ ଅଙ୍ଗାର ସଜୀବ ଓ ନିର୍ଜୀବ ଆକାରରେ ରହିଛି। ଅଙ୍ଗାରଚକ୍ର ମାଧ୍ୟମରେ ସଜୀବ ଅଙ୍ଗାର ଓ ନିର୍ଜୀବ ଅଙ୍ଗାର ମଧ୍ୟରେ ପରିବର୍ତ୍ତନ ହୋଇଥାଏ। ବାୟୁ ପ୍ରଦୂଷଣ ହେଲେ ଏଥିରେ ଅଙ୍ଗାରକାମ୍ଳ ବାଷ୍ପ ପରିମାଣ ବୃଦ୍ଧି ପାଏ। ଯେହେତୁ ସବୁଜଗୃହ ବାଷ୍ପ ବିଶ୍ୱର ଉତ୍ତାପ ବୃଦ୍ଧି କରି ଜଳବାୟୁ ପରିବର୍ତ୍ତନର ଏକ ମୁଖ୍ୟ କାରଣ ଏବଂ ସବୁଜଗୃହ ବାଷ୍ପ ମଧ୍ୟରେ ଅଙ୍ଗାରକାମ୍ଳ ବାଷ୍ପ ଅନ୍ୟତମ, ଏହାକୁ ବାୟୁମଣ୍ଡଳକୁ ତ୍ୟାଗ ନକରି ମୃତ୍ତିକା ମଧ୍ୟରେ ସାଇତି ରଖିବାକୁ ପ୍ରୟାସ କରାଯାଉଛି। ଏହାକୁ ଅଙ୍ଗାର କୃଷି(କାର୍ବନ ଫାର୍ମିଙ୍ଗ)ବା ଅଙ୍ଗାର ପୃଥକୀକରଣ କୁହାଯାଏ। ବିଭିନ୍ନ ଭୂମି ପରିଚାଳନା କୌଶଳ ଅନୁସରଣ କରି ବାୟୁମଣ୍ଡଳର ଅଙ୍ଗାରକାମ୍ଳ ବାଷ୍ପକୁ ମୃତ୍ତିକା ମଧ୍ୟରେ ଗଚ୍ଛିତ କରି ରଖାଯାଏ। ଏହାଦ୍ୱାରା ବାୟୁମଣ୍ଡଳକୁ ଅଧିକ ଅଙ୍ଗାରକାମ୍ଳ ବାଷ୍ପ ଉତ୍ସର୍ଜନ ନହୋଇ ମୃତ୍ତିକା ମଧ୍ୟରେ ବହୁଦିନ ପର୍ଯ୍ୟନ୍ତ ଗଚ୍ଛିତ ହୋଇ ରହେ।

ଅଙ୍ଗାରକ କୃଷି କେତେକଙ୍କ ପାଇଁ ନୂଆ ହୋଇପାରେ, କିନ୍ତୁ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଏହାର ବିଶେଷ ଗୁରୁତ୍ୱ ରହିଛି। ଏହାକୁ ମଧ୍ୟ ପ୍ୟାରିସ ଚୁକ୍ତି ୨୦୧୫ରେ ଉଲ୍ଲେଖ କରାଯାଇଛି। ବାୟୁମଣ୍ଡଳରେ ସାଧାରଣତଃ ୦.୦୪% ଅଙ୍ଗାରକାମ୍ଳ ବାଷ୍ପ ଥାଏ। କିନ୍ତୁ ଜୀବାଶ୍ମ ଇନ୍ଧନରୁ ଓ କଳକାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ ଓ କାର୍ବନ୍ ମନୋଅକ୍ସାଇଡ୍ ନିର୍ଗତ ହୋଇ ବାୟୁମଣ୍ଡଳକୁ ପ୍ରଦୂଷିତ କରେ। ପ୍ରାକ୍-ଶିଳ୍ପ ସମୟରେ ବାୟୁରେ ୨୮୦ ନିୟୁତାଂଶ ପର୍ଯ୍ୟନ୍ତ ଅଙ୍ଗାରକାମ୍ଳ ବାଷ୍ପ ରହୁଥିଲା ବେଳେ ଏବେ ଏହା ୪୨୬ ନିୟୁତାଂଶ ପର୍ଯ୍ୟନ୍ତ ବଢ଼ିଲାଣି। ସାଧାରଣତଃ ୩୫୦ ନିୟୁତାଂଶରୁ ଏହା ଅଧିକ ହେଲେ ଆମ ପାଇଁ ବିପଦଜନକ ହୋଇଥାଏ। ଏହାର ସମାଧାନ ପାଇଁ ଅଧିକ ଅଙ୍ଗାରକ ପୃଥକୀକରଣ କରି ଉଭିଦ ଓ ମୃତ୍ତିକା ମଧ୍ୟରେ ଗଚ୍ଛିତ ରଖା ଯାଇପାରେ। ଏହାଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି ହେବା ସହ କୃଷକଙ୍କ ରୋଜଗାର ବୃଦ୍ଧି ପାଇବ।

ଅଙ୍ଗାରକ କୃଷିର କେତେକ ବିଶେଷ ଦିଗ ହେଉଛି ଅଙ୍ଗାର ପୃଥକୀକରଣ, ପୁନରୁତ୍ଥାନ ପ୍ରକ୍ରିୟା, ସ୍ୱେଚ୍ଛାପୂର୍ବକ ଅଙ୍ଗାରକ ବଜାରରେ ଅଂଶଗ୍ରହଣ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ। ଅଙ୍ଗାରକ କୃଷି ପ୍ରଥମରେ ଅଷ୍ଟ୍ରେଲିଆ ୨୦୧୨ ମସିହାରେ ଆରମ୍ଭ କରିଥିଲା। ଘରୋଇ ଜମି ମାଲିକ କୃଷି ଓ ବନୀକରଣ ମଧ୍ୟରେ କାର୍ବନ୍ କ୍ରେଡିଟ୍ ହାସଲ କରିବା ପାଇଁ ଅଙ୍ଗାରକ କୃଷି ଅନୁଷ୍ଠାନ ପ୍ରୋତ୍ସାହନ ଯୋଗାଇ ଦେଉଥିଲେ। ଭାରତରେ ମଧ୍ୟ ୫୦ ଗୋଟି ଅଙ୍ଗାରକ କୃଷି ପ୍ରକଳ୍ପ ଦ୍ୱାରା ୧୬.୫ ନିୟୁତ ହେକ୍ଟର ଜମିରେ ଏହାକୁ ଆରମ୍ଭ କରାଗଲାଣି। ହରିୟାନା ଓ ମଧ୍ୟପ୍ରଦେଶ ଅନୁଧ୍ୟାନରୁ ଜଣାଯାଏ ଯେ ଏହି କୃଷି ମୁଖ୍ୟତଃ ବଡ଼ ଚାଷୀ ଗ୍ରହଣ କରୁଛନ୍ତି।

ମୋଟ ଉପରେ ଅଙ୍ଗାରକ କୃଷି ମୁଖ୍ୟତଃ ପାଞ୍ଚଟି ପଦ୍ଧତି ଅନୁସରଣ କରେ। ପ୍ରଥମ ପଦ୍ଧତି ହେଉଛି କୃଷି ବନୀକରଣ। ବନ ଜଙ୍ଗଲରେ ଅଙ୍ଗାର ଅବଶୋଷିତ ହୋଇ ବହୁଦିନ ପର୍ଯ୍ୟନ୍ତ ଗଚ୍ଛିତ ହୋଇରହେ। କିନ୍ତୁ ଜଙ୍ଗଲ କ୍ଷୟ ଯୋଗୁଁ ବାୟୁମଣ୍ଡଳକୁ ପ୍ରାୟ ୧୫-୨୦ ଶତାଂଶ ପର୍ଯ୍ୟନ୍ତ ସବୁଜଗୃହ ବାଷ୍ପ ଉତ୍ସର୍ଜନ ହୋଇଥାଏ। ଆମେ ଯଦି ସଂଧାରଣୀୟ ବନୀକରଣ କରିପାରିବା ତେବେ ଏହି ଜଙ୍ଗଲ ଏକ ଅଙ୍ଗାର କୁଣ୍ଡ ସଦୃଶ ଅଙ୍ଗାରକୁ ବହୁଦିନ ଧରି ଗଚ୍ଛିତ କରି ରଖିପାରିବ। ଫସଲ ସହିତ ବୃକ୍ଷଚାଷକୁ କୃଷି ବନୀକରଣ କୁହଯାଏ। ଏହାଦ୍ୱାରା ମୃତ୍ତିକାରେ ଅଧିକ ଅଙ୍ଗାର ଗଚ୍ଛିତ ହୋଇ ରହେ ଏବଂ ଜୈବବିଭିନ୍ନତା ବୃଦ୍ଧି ପାଏ। ଗଛର ପତ୍ର ଝଡ଼ି ମାଟିରେ ମିଶିଲେ ଏଗୁଡ଼ିକ ଜୈବିକ ଅଙ୍ଗାରରେ ପରିଣତ ହୋଇ ମୃତ୍ତିକା ମଧ୍ୟରେ ଗଚ୍ଛିତ ହୋଇ ରହେ।

ଦ୍ୱିତୀୟ ପଦ୍ଧତି ହେଉଛି ସଂରକ୍ଷଣ କୃଷି। ଏହି ପଦ୍ଧତିରେ ଅଙ୍ଗାର ପୃଥକୀକରଣ ପାଇଁ ବ୍ୟାପକ ସୁଯୋଗ ରହିଛି। ଜମିରେ ଆବରଣ ଫସଲ ଚାଷ କଲେ ମୃତ୍ତିକା କ୍ଷୟ ହ୍ରାସ ପାଏ ଏବଂ ମୃତ୍ତିକା ମଧ୍ୟରେ ଅଙ୍ଗାର ଗଚ୍ଛିତ ହୋଇ ରହେ। ପାରମ୍ପରିକ କୃଷିରେ ଅଧିକ କର୍ଷଣ କରିବା ଫଳରେ ମୃତ୍ତିକା କ୍ଷୟ ହୁଏ ଏବଂ ମାଟି ବସିଯାଇ ଉପ ମୃତ୍ତିକାରେ ଏକ କଠିନ ସ୍ତର ସୃଷ୍ଟି ହେବା ଫଳରେ ଜଳ ନିଷ୍କାସନ ଅସୁବିଧା ହୁଏ। ବାରମ୍ବାର ଚାଷ କଲେ ମୃତ୍ତିକାର ଉପକାରୀ ଅଣୁଜୀବ ସଂଖ୍ୟା କମିଯାଏ। ଶୂନ୍ୟ କର୍ଷଣ ବା ସର୍ବନିମ୍ନ କର୍ଷଣ ଯୋଗୁଁ ମୃତ୍ତିକାର ସଂରଚନା ପରିବର୍ତ୍ତନ ହୁଏନାହିଁ ଏବଂ ଅଧିକ ଅଙ୍ଗାର ପୃଥକୀକରଣ ସମ୍ଭବ ହୁଏ। ମୃତ୍ତିକାରେ ଉପକାରୀ ଅଣୁଜୀବ ସଂଖ୍ୟା ବୃଦ୍ଧିପାଏ ଏବଂ ହ୍ୟୁମସ ଗଠିତ ହୋଇ ମୃତ୍ତିକାର ଉର୍ବରତା ଓ ଜଳଧାରଣ ଶକ୍ତି ବୃଦ୍ଧିପାଏ। ସର୍ବନିମ୍ନ କର୍ଷଣ ସହିତ ଛାଦନ ବ୍ୟବସ୍ଥା କଲେ ମୃତ୍ତିକାର ଜୈବିକ ଗୁଣରେ ଉନ୍ନତିକରଣ ହୋଇଥାଏ ଏବଂ ମୃତ୍ତିକାର ଉର୍ବରତା ବୃଦ୍ଧି ପାଏ। ମୃତ୍ତିକାକୁ ସର୍ବନିମ୍ନ କର୍ଷଣ ସହିତ ଫସଲ ବିବିଧିକରଣ, ଫସଲ ପର୍ଯ୍ୟାୟ, ଅନ୍ତଃ ଫସଲ, ଛାଦନ ଓ ଉନ୍ନତ ଜଳ ପରିଚାଳନା କଲେ ମୃତ୍ତିକା ମଧ୍ୟରେ ଅଧିକ ପରିମାଣର ଅଙ୍ଗାରକ ସଞ୍ଚିତ ହୋଇ ମୃତ୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି କରିବା ସହ ଅଧିକ ଫସଲ ଅମଳ ଦେଇଥାଏ।

ତୃତୀୟ ପଦକ୍ଷେପ ହେଉଛି ପଶୁମାନଙ୍କ ପାଇଁ ନିୟନ୍ତ୍ରିତ ଚାରଣ। ପଶୁପାଳନ ଯୋଗୁଁ ମଳ ମୂତ୍ର ଜମି ରହିଲେ ଏଥିରୁ ମିଥେନ ବାଷ୍ପ ବାୟୁମଣ୍ଡଳକୁ ନିର୍ଗତ ହୁଏ। ଏହା ମଧ୍ୟ ସବୁଜ ଗୃହ ବାଷ୍ପ ପରିମାଣ ବୃଦ୍ଧିକରି ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି କରାଏ। ପାଳି କରି ଗୃହପାଳିତ ପଶୁମାନଙ୍କୁ ଚାରଣ କଲେ ଜୈବିକ ଅଙ୍ଗାର ମାଟିରେ ସଞ୍ଚିତ ହୋଇ ରହେ ଓ ମିଥେନ ଗ୍ୟାସ୍ ନିର୍ଗମନ ହ୍ରାସ ପାଏ। ଚତୁର୍ଥ ପଦକ୍ଷେପ ହେଉଛି ସନ୍ତସନ୍ତିଆ ଜମିର ସଠିକ ପରିଚାଳନା। ଏହି ଜମି ଅଙ୍ଗାର କୁଣ୍ଡ ସଦୃଶ କାମ କରେ। ରୁଆ ଧାନରେ ଅଧିକ ଜଳ ବ୍ୟବହାର ହୁଏ ଏବଂ ଜମିରୁ ମିଥେନ ବାଷ୍ପ ନିର୍ଗତ ହୁଏ। କିନ୍ତୁ ବୁଣା ଧାନରେ ବେଶୀ ଠିଆ ପାଣି ରହୁ ନଥିବାରୁ ମିଥେନ ବାଷ୍ପ ବାହାରେ ନାହିଁ। ସୁତରାଂ ଜମିରୁ ଜଳ ନିଷ୍କାସନ ସହିତ ରୁଆଧାନ ପରିବର୍ତ୍ତେ ଧାନବୁଣା କଲେ ମିଥେନ ଗ୍ୟାସ୍ ନିର୍ଗମନ ହ୍ରାସ ପାଏ। ଜମିରେ ଉତ୍ତମ ଜଳ ପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ପଞ୍ଚମ ପଦକ୍ଷେପ ହେଉଛି ବାୟୋଚାର ବ୍ୟବହାର। ବାୟୋଚାର ଏକ ପ୍ରକାରର ଜୈବିକ ଅଙ୍ଗାର ବା ଚାରକୋଲ୍। ଏହାକୁ ଉଦ୍ଭିଦ ଜୀବାଳି ବା ବାୟୋମାସକୁ ବିନା ଅମ୍ଳଜାନରେ ବିଘଟନ କରି ପ୍ରସ୍ତୁତ କରାଯାଏ। ବାୟୋଚାର ମାଟିରେ ପ୍ରୟୋଗ କଲେ ଏହା ମୃତ୍ତିକା ସଂଶୋଧନ କରିବା ସହିତ ମୃତ୍ତିକାରେ ଜୈବିକ ଅଙ୍ଗାର ପରିମାଣ ବୃଦ୍ଧି କରେ। ଫଳରେ ମାଟିରେ ଅଧିକ ଅଙ୍ଗାର ଗଚ୍ଛିତ ହୋଇଥାଏ। ବାୟୋଚାର ମାଟିରେ ପ୍ରୟୋଗ କରିବା ଫଳରେ ମୃତ୍ତିକାରେ ଜଳ ଧାରଣ ଶକ୍ତି, ଉର୍ବରତା ଏବଂ ଉପକାରୀ ଅଣୁଜୀବଙ୍କର ସଂଖ୍ୟା ବୃଦ୍ଧି ପାଏ। ଏହାଯୋଗୁଁ ମୃତ୍ତିକାରେ ପୋଷକଚକ୍ର ବୃଦ୍ଧି ପାଇ ଫସଲ ପାଇଁ ଅଧିକ ଖାଦ୍ୟ ସାର ମିଳେ। ବାୟୋଚାର ମୃତ୍ତିକାରେ ଅଙ୍ଗାରକୁ ଶହ ଶହ ବର୍ଷ ସାଇତି ରଖିପାରେ ଏବଂ ବାୟୁମଣ୍ଡଳକୁ ସବୁଜ ଗୃହ ବାଷ୍ପ ନିର୍ଗମନକୁ ରୋକାଯାଇ ପାରେ। ସ୍ୱେଚ୍ଛାମୂଳକ ଭାବରେ କାର୍ବନ୍ କ୍ରେଡିଟ୍ ବିକ୍ରୟ କରିବାକୁ ଚାଷୀମାନେ ଅଙ୍ଗାରକ ଗଚ୍ଛିତ ଚାଷପ୍ରଣାଳୀ ଅନୁସରଣ କରିପାରନ୍ତି। ଏହାଦ୍ୱାରା ସେମାନେ ଅଙ୍ଗାର ବଜାରରେ ଅଂଶଗ୍ରହଣ କରି କିଛି ରୋଜଗାର କରିପାରିବେ। ଜାତୀୟସ୍ତରରେ କିମ୍ବା ଆନ୍ତର୍ଜାତିକ ସ୍ତରରେ ସ୍ୱେଚ୍ଛାକୃତ ଭାବରେ ଅଙ୍ଗାରକ ବଜାର ମାଧ୍ୟମରେ ଜଳବାୟୁ ଲକ୍ଷ୍ୟ ପୂରଣ କରାଯାଇ ପାରିବ।

ଅଙ୍ଗାରକ କୃଷି ପାଇଁ କେତେକ ଅସୁବିଧା ମଧ୍ୟ ରହୁଛି। ଆମର ଖଣ୍ଡ ବିଖଣ୍ଡିତ ଚାଷଜମି ଓ କ୍ଷୁଦ୍ର ଯୋତ ବଡ଼ଧରଣର ଅଙ୍ଗାରକ କୃଷି ପାଇଁ ଉପଯୁକ୍ତ ହୋଇ ନପାରେ। ଏଣୁ ଭୂସଂସ୍କାର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିବା ଆବଶ୍ୟକ। ଚାଷୀଙ୍କ ମଧ୍ୟରେ ସଚେତନତା ଏବଂ ଆର୍ଥିକ ସହାୟତା ଅଭାବ ଅଙ୍ଗାରକ କୃଷି ପାଇଁ ପ୍ରତିବନ୍ଧକ ସାଜିପାରେ। ସରକାରୀ ସ୍ତରରେ କାର୍ବନ୍ ବଜାର ଓ କାର୍ବନ୍ କ୍ରେଡିଟ୍ ପାଇଁ ଉପଯୁକ୍ତ ନୀତି ପ୍ରଣୟନ ହେବା ଜରୁରୀ। ସରକାର, ଗବେଷକ, କୃଷକ ଓ ଅନ୍ତର୍ଜାତୀୟ ଅନୁଷ୍ଠାନ ମଧ୍ୟରେ ସହଯୋଗିତା ନହେଲେ ଅଙ୍ଗାରକ କୃଷି ସମ୍ଭବ ହେବ ନାହିଁ। ସାରାଂଶରେ କୁହାଯାଇପାରେ ଯେ ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ସମାଧାନ କରିବା ସହିତ କୃଷି ଉତ୍ପାଦନ ସ୍ଥିର ରଖିବାକୁ ହେଲେ ଅଙ୍ଗାର କୃଷି ଅଧିକ ଉପାଦେୟ ହୋଇପାରିବ। ଏହା ମଧ୍ୟ କୃଷକମାନଙ୍କର ଅର୍ଥନୈତିକ ବିକାଶ ପାଇଁ ସହାୟକ ହୋଇ ପାରିବ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# କଲମ ମୁନରୁ ସତ ଝରୁ

**ରାକେଶ କୁମାର ପାଢ଼ୀ**

ପବିତ୍ର ଗଣତନ୍ତ୍ରର ଚାରୋଟି ସ୍ତମ୍ଭ ହେଲା ବିଧାନସଭା, ପ୍ରଶାସନ, ନ୍ୟାୟାଳୟ ଓ ଗଣମାଧ୍ୟମ। ବିଧାନସଭାରୁ ଯେଉଁ ଆଇନ ପ୍ରଣୟନ ହେବ ତା'କୁ ପ୍ରଶାସନ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା କରିବ। ଏହି ଶୃଙ୍ଖଳାରେ କୌଣସି ତ୍ରୁଟିବିଚ୍ୟୁତି ଘଟିଲେ ନ୍ୟାୟପାଳିକା ତା'କୁ ଶୃଙ୍ଖଳିତ କରିବ ଏବଂ ଆବଶ୍ୟକସ୍ଥଳେ ଦଣ୍ଡବିଧାନ କରିବ। ବ୍ୟବସ୍ଥାରୁ ଦୂରେଇ ରହି ମୁକ୍ତ ଓ ଅବାଧ ଦାୟିତ୍ୱ ଚତୁର୍ଥସ୍ତମ୍ଭ ଗଣମାଧ୍ୟମର ରହିଛି। ସମ୍ପ୍ରତି ଏହାକୁ ଅବଲୋକନ କଲେ ଏହି ଚାରୋଟି ସ୍ତମ୍ଭ ନିଜ ଗୁରୁଦାୟିତ୍ୱ ସଠିକ ନିର୍ବାହ କରୁଛନ୍ତି କି ସେ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ସମସ୍ତ ବ୍ୟବସ୍ଥା ଉପରେ ପରସ୍ତପରସ୍ତ ଧୂଳି ଜମିଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜନୈତିକ ବ୍ୟବସ୍ଥା କେବଳ ଏକ କ୍ଷମତାକେନ୍ଦ୍ରରେ ପରିଣତ ହୋଇଥିବା ବେଳେ ଦଳଗୁଡ଼ିକ ନିଜ ନୀତି ଆଦର୍ଶକୁ ଜଳାଞ୍ଜଳି ଦେଇଦେଇଥିବା ଭଳି ମନେ ହୁଏ। ପୁରପଲ୍ଲୀରୁ ଦିଲ୍ଲୀ ଯାଏଁ ଏହା ପ୍ରତୀୟମାନ। ବିହାରର ଆୟାରାମ ଗୟାରାମ ନୀତୀଶଙ୍କ ଠାରୁ ଆରମ୍ଭ କରି ମହାରାଷ୍ଟ୍ରର ଶିବସେନା, ଏନସିପି ଭଳି ଅନେକ ଦୃଷ୍ଟାନ୍ତ ରହିଛି। ସେହିଭଳି ପ୍ରଶାସନିକ କଳ ରାଜନୀତିକୁ ସୁହାଇଲା ଭଳି କାମ କରିବା ଅବା ରାଜନୀତିକୁ ନିଜ ପ୍ରରୋଚନାରେ ଚଳାଇବାକୁ ଉଦ୍ୟତ ହେଉଥିବାରୁ ସମାଜରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନିକ ଅଧିକାରୀଙ୍କ ଉପରେ ନିୟମିତ ଭିଜିଲାନ୍ସ ଚଢ଼ଉ ଓ ପୁଳା ପୁଳା କଳାଧନ ଜବତ ଘଟଣା ଏହାକୁ ପ୍ରତିପାଦିତ କରୁଛି। ଏପରିକି ରାଜନୈତିକ ସ୍ୱାର୍ଥ ସିଦ୍ଧି ପାଇଁ ନ୍ୟାୟପାଳିକାକୁ ମଧ୍ୟ ଅସ୍ତ୍ର ରୂପରେ ବ୍ୟବହାର କରିବାର ହୀନ ପ୍ରୟାସକୁ ନ୍ୟାୟପାଳିକା ଅନେକାଂଶରେ ନିନ୍ଦା କରନ୍ତି।

ମୁକ୍ତ ଓ ଅବାଧ ଦାୟିତ୍ୱ ନିର୍ବାହ କରୁଥିବା ଗଣମାଧ୍ୟମ ମଧ୍ୟ ରାଜନୈତିକ ପ୍ରଭାବରୁ ମୁକ୍ତ ନୁହେଁ। ବୈଷୟିକ ଜ୍ଞାନକୌଶଳ ପାରମ୍ପରିକ ଗଣମାଧ୍ୟମକୁ ବହୁ ପଛକୁ ଠେଲି ଦେଇଥିବା ଆଲୋଚନା ହୁଏ। ଡିଜିଟାଲ ଯୁଗରେ କମେଣ୍ଟ, ଲାଇକ, ସେୟାର ଜରିଆରେ ଲୋକେ ତ୍ୱରିତ ବେଗରେ ଖବର ପାଉଛନ୍ତି ଏବଂ ସେଥିରେ ପ୍ରତିକ୍ରିୟା ଦେବାର ସୁଯୋଗ ବି ଅଛି। ତେବେ ଏ ସମସ୍ତ ବିଭ୍ରାଟ ପାଇଁ ଦାୟୀ କିଏ? ବୈଷୟିକ ଜ୍ଞାନକୌଶଳ ନା ବିଚାରଧାରାର ଅବମୂଲ୍ୟାୟନ? ଡିଜିଟାଲ ବା ସୋସିଆଲ ମିଡିଆ ଯୁଗରେ ସାମ୍ବାଦିକର ସ୍ଥିତି କ'ଣ? ଏଭଳି ଅନେକ ପ୍ରଶ୍ନ ଏବେ ଅସମାହିତ ଥିବା ମନେ ହୁଏ। ଗଣମାଧ୍ୟମ ହିଁ ଲୋକଙ୍କ ଜାଗ୍ରତପ୍ରହରୀ ଭଳି କାମ କରିବା କଥା। କିନ୍ତୁ କ୍ଷମତା ପିପାସୁଙ୍କ ସକାଶେ କ୍ରୀଡ଼ନକ ଭଳି କାମ କରିବା, ରାଜନୈତିକ ଅଭିସନ୍ଧିରେ ଖବର ପ୍ରସାରଣ କରିବା, ସର୍ବୋପରି ନିଜ ନୀତିଆଦର୍ଶ ଭୁଲି ସତକୁ ମିଛ, ମିଛକୁ ସତ ଭଳି ଖବର ଉପସ୍ଥାପନା ହିଁ ଆଜି ଗଣମାଧ୍ୟମଠାରୁ ଲୋକଙ୍କୁ ଦୂରେଇ ନେଇଛି କହିଲେ ଅତ୍ୟୁକ୍ତି ହେବ ନାହି। ସତ ତଳିତଳାନ୍ତ ହୋଇଛି। ମିଛ ଓ ଗୁଜବ ପ୍ରାଧାନ୍ୟ ବିସ୍ତାର କରିଛି। ଏସବୁରେ ଡିଜିଟାଲ ମିଡିଆ ସବୁଠୁ ବଳି ଯାଇଛି। ତେଣୁ ଲୋକେ ନ୍ୟୁଜ ବା ଖବର ତୁଳନାରେ ନିଜର ମନୋରଞ୍ଜନ ଓ ଓଟିଟି ପ୍ଲାଟଫର୍ମକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଲୋକଙ୍କ ସକାଶେ କେଉଁ ଖବର ସତ, କେଉଁଟା ମିଛ ତାହା ଜାଣିବା କଷ୍ଟକର ବ୍ୟାପାର ହୋଇପଡ଼ିଛି। 'ଅପରେସନ ସିନ୍ଦୂର' ସମୟରେ 'ପ୍ରେସ ଇନଫରମେସନ ବ୍ୟୁରୋ (ପିଆଇବି)'ର ଫ୍ୟାକ୍ଟ ଚେକ ୟୁନିଟ କେବଳ ଭାରତରେ ୧୮ଟି ଭିନ୍ନ ଭିନ୍ନ ମିଥ୍ୟା ଖବର ବଡ଼ ବଡ଼ ଚ୍ୟାନଲରେ ପ୍ରକାଶ ପାଇଥିବା ଜାଣିବାକୁ ପାଇଥିଲା। ସେହିପରି ପାକିସ୍ତାନରେ ଏହି ସଂଖ୍ୟା ୪୦ରୁ ଊର୍ଦ୍ଧ୍ୱ। ତା'ସହ ପାଖାପାଖି କେବଳ ଗୁଜବ ଓ ମିଥ୍ୟା ଖବର ପ୍ରଚାର ପ୍ରସାର ପାଇଁ ଲୋକଙ୍କ ଅଯଥା ପ୍ରାଣହାନି ଘଟିବା ବି ନଜିର ରହିଛି। ମୁଖ୍ୟତଃ ସୋସିଆଲ ମିଡିଆର ପ୍ରଭାବ ଏହାକୁ ଆହୁରି ଦୁର୍ବିସହ କରିଛି। ଖ୍ୟାତନାମା ରାଜନେତା, ତାରକା କିମ୍ବା ପ୍ରସିଦ୍ଧ ବ୍ୟକ୍ତିଙ୍କ ସମ୍ପର୍କିତ ଗୁଜବ ଏକ ପ୍ରହସନରେ ପରିଣତ ହୋଇଛି। ତା' ସହ ବୋମା ଗୁଜବ, ପିଲା ଚୋର ମାତିବା ଭଳି ଅନେକ ଖବରରେ ଲୋକେ ବ୍ୟସ୍ତ ଓ ବିବ୍ରତ। ଲଗାମବିହୀନ ଏହି ଡିଜିଟାଲ ମିଡିଆର ଧାରା ଏତେମାତ୍ରାରେ ବୃଦ୍ଧି ପାଇଛି ଯେ ଏଠାରେ ସତ ଖୋଜିବା ମୂର୍ଖାମୀ ଛଡ଼ା ଆଉ କିଛି ନୁହେଁ।

ଏଭଳି ଏକ ଅନିଶ୍ଚିତ ପୃଥିବୀ, ଯେଉଁଠି ସର୍ବତ୍ର ଧୂଆଁମୟ, କୁହୁଡ଼ିମୟ, ଧୂଳିଧୂସରମୟ, ଯୁଦ୍ଧମୟ, ସେଠାରେ ମିଞ୍ଜି ମିଞ୍ଜି ହୋଇ କ୍ୱଚିତ ଗଣମାଧ୍ୟମରେ ସତ୍ୟର ଶିଖା ଜଳୁଥିବା ପରିଲକ୍ଷିତ ହୁଏ, ଯାହାକି ସମାଜ ପାଇଁ ଆଶାର ଆଲୋକ ସାଜିପାରେ। 'ଅପରେସନ ସିନ୍ଦୂର' ସମୟରେ ଲୋକେ ଭାରତ କିମ୍ବା ପାକିସ୍ତାନ ଗଣମାଧ୍ୟମ ଛାଡ଼ି ସତ୍ୟର ଅନୁସନ୍ଧାନରେ ବିବିସି, ରଏଟର ଓ କିଛି ଅନ୍ୟ ପ୍ରମୁଖ ଅନ୍ତର୍ଜାତୀୟ ଖବର ପ୍ରସାରଣକୁ ଖୋଜିଥିଲେ। ଯେଉଁଠି ଅନେକ ପାରମ୍ପରିକ ଗଣମାଧ୍ୟମ ମରି ହଜିବାକୁ ବସିଲେଣି, ସେଠି ବିବିସି ୧୦୫ବର୍ଷ ହେଲା ଆଜିଯାଏଁ କେମିତି ବଞ୍ଚିଛି ଏବଂ ଡିଜିଟାଲ ପ୍ଲାଟଫର୍ମରେ ତା'ର ଲୋକପ୍ରିୟତା ନିରନ୍ତର କେମିତି ବୃଦ୍ଧି ପାଇବାରେ ଲାଗିଛି ତାହା ଅନୁଶୀଳନର ବିଷୟ ନିଶ୍ଚୟ। ସରକାର ଖବର ପ୍ରସାରଣକୁ ସିନା ସ୍ୱଳ୍ପକାଳ ସକାଶେ ଚାପିଦେବେ, କିନ୍ତୁ ପ୍ରକୃତ ଖବରକୁ ମାରିବ କିଏ? ସତ କେବେ ଲୁଚି ରହେନା। ତାହା ଆଜି ନହେଲେ କାଲି ଆତ୍ମପ୍ରକାଶ ପାଇବ।

ତେବେ ଏହାକୁ ପରିପ୍ରକାଶ କରିବାର ଦାୟିତ୍ୱ ନେଇଥିବା ସାମ୍ବାଦିକ ଜଣକ ନିଷ୍କପଟ ହୋଇ ସମୟାନୁସାରେ ଏହାକୁ ପରିପ୍ରକାଶ କଲେ କୌଣସି ଶକ୍ତି ଏହାକୁ ମାରି ପାରିବନି। ବୈଷୟିକ ଜ୍ଞାନକୌଶଳ ହେଉ କିମ୍ବା ପାରମ୍ପରିକ ଗଣମାଧ୍ୟମ, ସତ୍ୟକୁ ପାଥେୟ କରି ନିଜକୁ ଆଧୁନିକତାରେ ରୂପାନ୍ତରଣ କରି ଲେଖନୀ ମୁନର ସ୍ରୋତକୁ ସତ୍ୟରେ ବ୍ରତୀ କଲେ ପାଠକପାଠିକା, ଦର୍ଶକ, ଶ୍ରୋତା କେହି ମୁହଁ ଫେରାଇବେନି ବରଂ ପ୍ରଶଂସାରେ ପୋତିଦେବେ। ଅଥଚ ଏହାର ମୂଳଦୁଆ ସତ୍ୟରୁ ହିଁ ପରିପ୍ରକାଶ ହେବା ଆବଶ୍ୟକ। ଏହାହିଁ ସବୁ ସମସ୍ୟା ସମାଧାନର ମୂଳମନ୍ତ୍ର। ଯଦି ସମସ୍ତେ ସତ କହିବା, ସତ ଲେଖିବା, ସତ୍ୟରେ ଯଦି ବଞ୍ଚିବା ତେବେ ଆମ ଗାଁ, ଆମ ସହର, ଆମ ଦେଶ, ଆମ ପୃଥିବୀ ସବୁ ଦିଗରୁ ସମୃଦ୍ଧ ଓ ସୁନ୍ଦର ହେବ। ଅରାଜକତା ଲୋପ ପାଇବ। ସମସ୍ତେ ସ୍ୱଚ୍ଛ ହେବେ। ସମସ୍ତ ବ୍ୟବସ୍ଥା ଆପଣାଛାଏଁ ସଠିକ ମାର୍ଗ ଖୋଜିବ। ଚାଲନ୍ତୁ ସମସ୍ତେ ପଣ କରିବା; ଫେଣାରୁ ମହୁ ଭଳି କଲମ ମୁନରୁ ସତ ଝରୁ। ଏଠାରେ ପ୍ରଖ୍ୟାତ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦଙ୍କ କାଳଜୟୀ କବିତା ପଂକ୍ତିକୁ ସାମ୍ବାଦିକମାନେ ଜୀବନମନ୍ତ୍ର କରିବା ଉଚିତ, ଯାହା ଦୃପ୍ତ ଓ ନିର୍ଭୀକ ଭାବରେ ଘୋଷଣା କରେ - 'ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି। ମୋତେ ଏତିକି ଶିଖାଅ ସାଇଁ ହେ ମୋର ଧନ ଜନ ଲୋଡ଼ା ନାହିଁ ହେ...'।

ଜୟପୁର, ମୋ: ୮୨୪୯୨୭୭୭୬୩

## ବିକଳ୍ପ ଚିନି ଓ ସ୍ୱାସ୍ଥ୍ୟ

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ସୁମିଷ୍ଟ ଖାଦ୍ୟ ଲାଗି ଆମର ଆକର୍ଷଣ ଜନ୍ମଗତ। ଏହା ମୂଳରେ ରହିଛି ବିବର୍ତ୍ତନୀୟ ପ୍ରଭାବ। ଆଦ୍ୟକାଳରେ ମଣିଷକୁ ପ୍ରବଳ ଶାରୀରିକ ଶ୍ରମ କରିବାକୁ ପଡୁଥିଲା। ସେଥିପାଇଁ ତା'ର ଆବଶ୍ୟକ ହେଉଥିଲା ଅଧିକ ଶକ୍ତି। ସୁମିଷ୍ଟ ପାଚିଲା ଫଳ ଭୋଜନ ଦ୍ୱାରା ସେ ଏହା ପ୍ରାପ୍ତ ହେଉଥିଲା। କ୍ରମେ ଏପ୍ରକୃତି ତା'ର ଜୈବିକ ଚରିତ୍ରରେ ଲିପିବଦ୍ଧ ହୋଇଗଲା। ଆମ ମସ୍ତିଷ୍କରେ ସୁମିଷ୍ଟ ଖାଦ୍ୟ ଅଧିକ ମାତ୍ରାରେ କ୍ଷରଣ ଘଟାଇଥାଏ 'ଡୋପାମିନ୍' ହରମୋନ୍। ଏହା ଆମକୁ ଆନନ୍ଦଦାୟୀ ଅନୁଭବ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସେ ଖାଦ୍ୟପ୍ରତି ଆକର୍ଷଣ ବୃଦ୍ଧି କରିଥାଏ। ପୁନଶ୍ଚ ଏପରି ଖାଦ୍ୟ ଶରୀରରେ 'ସେରୋଟୋନିନ୍' ନାମକ ସ୍ନାୟୁ ସଂଚରକର ମଧ୍ୟ ମାତ୍ରାବୃଦ୍ଧି ଘଟାଏ, ଯାହାକି ଆମ ଭାବନାକୁ ଉତ୍ତୋଳିତ କରେ ଏବଂ ମନକୁ ପ୍ରଫୁଲ୍ଲ ରଖେ। ଅତଏବ ଆମେ ଅଧିକରୁ ଅଧିକ ସୁମିଷ୍ଟ ଖାଦ୍ୟ ଖାଇବାକୁ ଆଗ୍ରହୀ ହେଉ। ତେବେ ଏହାର ପରିଣାମ ନକାରାତ୍ମକ ହେବାରେ ଲାଗିଛି। ଏହା ସୃଷ୍ଟି କରୁଛି ନାନାଦି ସ୍ୱାସ୍ଥ୍ୟ ସମସ୍ୟା, ଯେପରିକି ଶରୀରର ଓଜନ ବୃଦ୍ଧି, ପୃଥୁଳତା, ଟାଇପ୍-୨ ମଧୁମେହ, ନାନାପ୍ରକାର ହୃଦ୍‌ରୋଗ, ଚର୍ବିଳ ଯକୃତ, ଦନ୍ତରୋଗ, ବିବିଧ କର୍କଟ ରୋଗ ଇତ୍ୟାଦି। ତେଣୁ ଏଭଳି ଖାଦ୍ୟକୁ ସୀମିତ କରବା ଲାଗି ଡାକ୍ତରମାନେ ପରାମର୍ଶ ଦେଉଛନ୍ତି। ତେବେ ଜିହ୍ୱାଲାଳସା ଆମକୁ ତାହା କରିବାକୁ ହେଉନି।

ବର୍ତ୍ତମାନ ଆମ ସୁମିଷ୍ଟ ଖାଦ୍ୟଗୁଡ଼ିକର ପ୍ରସ୍ତୁତିରେ ମୁଖ୍ୟତଃ ବ୍ୟବହାର ହେଉଥିବା ମିଷ୍ଟକାରୀ ପଦାର୍ଥ ଟି ହେଲା ଚିନି। ଏହାର ରାସାୟନିକ ନାମ 'ସୁକ୍ରୋଜ୍'। ସ୍ୱାସ୍ଥ୍ୟ ସଚେତନ ଲୋକେ ଏବେ ଏହା ବଦଳରେ ବ୍ୟବହାର କରିବାକୁ ଲାଗିଲେଣି 'ବିକଳ୍ପ ଚିନି' ବୋଲି କୁହାଯାଉଥିବା ଭିନ୍ନ ଭିନ୍ନ ରସାୟନରେ ପ୍ରସ୍ତୁତ ପଦାର୍ଥମାନ। ଏ ଗୁଡ଼ିକ ମଧ୍ୟରେ ସବୁଠାରୁ ଜନପ୍ରିୟ ହେଲା 'ସ୍ପ୍ଲେଣ୍ଡା'। ତହିଁରେ ଥିବା ମିଷ୍ଟକାରୀ ତତ୍ତ୍ୱଟି ହେଲା 'ସୁକ୍ରଲୋଜ୍'। ପ୍ରଥମେ ପ୍ରଥମେ ଏହାକୁ ନିରାପଦ ବୋଲି ମନେ କରାଯାଉଥିଲା। କିନ୍ତୁ ପରେ ଲୋକଲୋଚନର ଗୋଚରକୁ ଆସିଲାଣି ଏହାର ବିବିଧ ସ୍ୱାସ୍ଥ୍ୟ ହାନିକାରକ ଗୁଣ। ତନ୍ମଧ୍ୟରୁ ଗୋଟିଏ ହେଲା ଯେ 'ସୁକ୍ରାଲୋଜ୍' ହଜମ ହେଲା ବେଳେ ସେଥିରୁ ସୃଷ୍ଟି ହେଉଥିବା 'ଜିନ୍‌ଗରଳ ବା ଜିନୋଟକ୍ସିକ୍ ରସାୟନ। ଏହା ଆମ ଜିନୀୟ ପଦାର୍ଥ ଡିଏନ୍‌ଏକୁ କ୍ଷତି ପହଞ୍ଚାଏ।

ଗବେଷଣାରୁ ଜଣାପଡ଼ିଛି ଯେ ଏହି ରସାୟନଗୁଡ଼ିକ ଆମ ଖାଦ୍ୟନଳୀ ମଧ୍ୟରେ ସୃଷ୍ଟି ହୋଇଥା'ନ୍ତି। ତନ୍ମଧ୍ୟରୁ ଅନ୍ୟତମ ହେଲା 'ସୁକ୍ରୋଲେଜ୍ ୬ ଏସିଟେଟ୍'। ଏହା ଏକ 'ଜିନ୍‌ଗରଳ' ବୋଲି ସୂଚନା ଦେଇଛନ୍ତି ସୁସାନ ସ୍ଲିଫ୍‌ମ୍ୟାନ୍। ଡ୍ୟୁକ୍ ବିଶ୍ୱବିଦ୍ୟାଳୟ ଠାରେ ଆସୋସିଏଟ୍ ପ୍ରଫେସର୍ ରୂପେ କାର୍ଯ୍ୟରତ ବେଳେ ସେ ଦେଖିବାକୁ ପାଇଥିଲେ ଯେ ଏଥିରେ ଥିବା ସେହି ପଦାର୍ଥଟି ଆମେ ଥରକରେ ପିଉଥିବା ପାନୀୟରେ ୟୁରୋପିୟାନ୍ ଫୁଡ ସେଫଟି ଅଥରିଟିର ନିର୍ଦ୍ଧାରିତ ପରିମାଣ (ବ୍ୟକ୍ତି ପ୍ରତି ଦିନକୁ ୦.୧୫ ମାଇକ୍ରୋଗ୍ରାମ୍) ଠାରୁ ଯଥେଷ୍ଟ ଅଧିକ।

ସ୍ଲିଫମ୍ୟାନ ଏବଂ ତାଙ୍କ ସହଯୋଗୀମାନେ ଏଥିପାଇଁ କରିଥିବା ଅଧ୍ୟୟନରେ ଏକ 'ଜୀବେତର' ପରୀକ୍ଷା କରିଥିଲେ। ଏଥିରେ ମଣିଷର କିଛି ରକ୍ତକୋଷକୁ ଏହି ରସାୟନରେ ମିଶାଇ ତା'ର ବିଷାକ୍ତ ପଣ ନିର୍ଦ୍ଧାରଣ କରିଥିଲେ। ତହିଁରୁ ପ୍ରମାଣିତ ହୋଇଥିଲା ଯେ ଏହା ପ୍ରକୃତରେ ଏକ 'ଜିନ୍‌ଗରଳ' ଯାହାକି ଡିଏନ୍‌ଏକୁ ଭଙ୍ଗ କରିଥାଏ। ତତ୍ପରେ ସେମାନେ ଅନ୍ୟ ଏକ ପରୀକ୍ଷାରେ ଖାଦ୍ୟନଳୀର ତନ୍ତୁଗୁଡ଼ିକୁ ମଧ୍ୟ ସୁକ୍ରୋଲେଜ ୬ ଏସିଟେଟ୍ ସହିତ ମିଶାଇଥିଲେ। ଏଥିରୁ ମଧ୍ୟ ଅନୁରୂପ ଫଳାଫଳ ମିଳିଥିଲା। ଏହି ରସାୟନ ସେଠାରେ ଜିନୀୟ କାର୍ଯ୍ୟକଳାପକୁ ମଧ୍ୟ ପ୍ରଭାବିତ କରୁଥିବା ସେଥିରୁ ଜଣାପଡ଼ିଲା।

ଏହି ଅଧ୍ୟୟନ ପରେ ସୁକ୍ରୋଲୋଜ୍ ଏବଂ ତହିଁରୁ ଜାତ ଚୟାପଚୟ ପଦାର୍ଥ ସହିତ ସଂପୃକ୍ତ ବହୁ ସ୍ୱାସ୍ଥ୍ୟ ସମସ୍ୟା ଲୋକଲୋଚନକୁ ଆସିଲାଣି। ସେଥିପାଇଁ ଏହା ଉପରେ ଅଧିକ ପରୀକ୍ଷା ନିରୀକ୍ଷା କରି ବିଭିନ୍ନ ଖାଦ୍ୟରେ ମିଶୁଥିବା ଏହାର ପରିମାଣକୁ ନିୟନ୍ତ୍ରଣ କରିବା ଦିଗରେ ପଦକ୍ଷେପ ନେବା ଏବଂ ଆବଶ୍ୟକ ହେଲେ ଏହାକୁ ନିଷିଦ୍ଧ ମଧ୍ୟ କରିବା ଜନସ୍ୱାସ୍ଥ୍ୟ ପାଇଁ ମଙ୍ଗଳକର ହୋଇପାରିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବୃଦ୍ଧାଶ୍ରମ ନର୍ସଙ୍କ ଆତ୍ମହତ୍ୟା ଉଦ୍ୟମ

ଯୋଡ଼ା,୨୮।୭(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ସହରରେ ଡିଏମଏଫ୍ ଦ୍ୱାରା ନିର୍ମାଣ କରାଯାଇଥିବା ଏବଂ ଆଭା ଫାଉଣ୍ଡେସନ ଦ୍ୱାରା ପରିଚାଳିତ ହେଉଥିବା ବୃଦ୍ଧାଶ୍ରମର ଜିଏନ୍ଏମ (ନର୍ସ) ଲୋପାମୁଦ୍ରା ବାରିକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ରବିବାର ସନ୍ଧ୍ୟାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଟାଟା ଷ୍ଟିଲ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସୋମବାର ସକାଳୁ ତାଙ୍କ ଅବସ୍ଥା ସ୍ଥିର ହେବା ପରେ ସେ ଗଣମାଧ୍ୟମକୁ ବିସ୍ଫୋରକ ବୟାନ ଦେଇଛନ୍ତି। ଗତ ଜୁନ ୧୨ ତାରିଖରେ ବୃଦ୍ଧାଶ୍ରମର ଜନୈକ ଅନ୍ତେବାସିନୀଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ କେନ୍ଦୁଝର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ସହିତ ନର୍ସ ଲୋପାମୁଦ୍ରାଙ୍କ ସହିତ ସଫେଇ କର୍ମଚାରୀ ସୁଷମା କାରୁଆ କଟକ ଡାକ୍ତରଖାନା ଯାଇଥିଲେ। ସେଠାରେ ସୁଷମାଙ୍କ ସହିତ ନର୍ସ ଲୋପମୁଦ୍ରାଙ୍କ ମଧ୍ୟରେ ବିବାଦ ହୋଇଥିଲା। ବିବାଦ ପରେ ସୁଷମା ଲୋପାମୁଦ୍ରାଙ୍କ ନାମରେ ଜାତିଆଣ ଭିତ୍ତିକ ଆକ୍ଷେପ କରିଥିବା ଅଭିଯୋଗ କରିଥିବାବେଳେ ସେ ଏହାକୁ ଖଣ୍ଡନ କରିଥିଲେ। ସେ କହିଥିଲେ ଯେ, ବୃଦ୍ଧାଶ୍ରମରେ ହେଉଥିବା ଅନେକ ଅନିୟମିତତାର ଅଭିଯୋଗ ସେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ କରିଥିଲେ ଏବଂ ତାଙ୍କ ଦରମାରୁ ଦୁଇ ହଜାର ଟଙ୍କା କଟୁଥିବା ସେ ଅଭିଯୋଗ କରିଥିଲେ। ଏନେଇ ଗ୍ରିଭାନ୍ସ ଅଫିସର ହିମାଂଶୁ ଶେଖର ସାହୁ ମଧ୍ୟ ଅବଗତ ଥିବା ସେ କହିଛନ୍ତି। ଅଭିଯୋଗ ପରେ ତାଙ୍କ ବିରୁଦ୍ଧରେ ଏକ ଚକ୍ରାନ୍ତ କରାଯାଇ ତାଙ୍କୁ ହଇରାଣ କରାଯାଇଥିବା ଲୋପାମୁଦ୍ରା କହିଛନ୍ତି। ତାଙ୍କ ବିରୁଦ୍ଧରେ କରାଯାଉଥିବା ଏହିସବୁ ଅଭିଯୋଗ ସମ୍ପର୍କରେ ସେ ପୁଲିସକୁ ଜଣାଇ ନ ଥିବା ତାଙ୍କର ଭୁଲ ଥିଲା ବୋଲି ସେ ସ୍ୱୀକାର କରିଥିଲେ। ପରବର୍ତ୍ତୀ ସମୟରେ ସେ ପୁଲିସ ପାଖରେ ଅଭିଯୋଗ କରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବୃଦ୍ଧାଶ୍ରମର କୋର୍ଡିନେଟର ଦେବ ପ୍ରସାଦ ପଟ୍ଟନାୟକ ତାଙ୍କୁ ବଳାତ୍କାରର ଧମକ ଦେଇଥିବା ସେ ଗଣମାଧ୍ୟମକୁ କହିଛନ୍ତି। ଏ ସମ୍ପର୍କରେ ବୃଦ୍ଧାଶ୍ରମ କୋର୍ଡିନେଟର ଦେବ ପ୍ରସାଦ ପଟ୍ଟନାୟକ କହିଛନ୍ତି ଯେ, ଲୋପାମୁଦ୍ରାଙ୍କ ଅଭିଯୋଗ ନିରାଧାର ଅଟେ। ଲୋପାମୁଦ୍ରା ଓ ସଫେଇ କର୍ମଚାରୀ ସୁଷମା କାରୁଆଙ୍କ ମଧ୍ୟରେ କଟକ ଡାକ୍ତରଖାନାରେ ବୃଦ୍ଧାଶ୍ରମର ଜଣେ ଅନ୍ତେବାସିନୀ ରୋଗୀଙ୍କ ଚିକିତ୍ସାକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ବିବାଦ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୦୦୦ କୋଟିର...

ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଇଓଡବ୍ଲ୍ୟୁ କହିଛି ଯେ ଜମି ବିକ୍ରି ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ମଧ୍ୟ ପାଳନ କରାଯାଇନାହିଁ। ଏହିସବୁ ଜମି ବିକ୍ରି କ୍ଷେତ୍ରରେ ମୋଟ ୭୨ କୋଟି ୮୨ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଛି। ଏମିତିକି ଜମି ବିକ୍ରି କରିବା ପରେ ମଧ୍ୟ ସାହାରାରେ ନିବେଶ କରିଥିବା ଲୋକଙ୍କୁ ଟଙ୍କା ଫେରସ୍ତ କରାଯାଇନାହିଁ। କୋର୍ଟ ସାହାରା ସମ୍ପତ୍ତି ବିକ୍ରି କରିବା ନେଇ ପୂର୍ବରୁ ଦେଇଥିବା ଅନୁମତିରେ ସର୍ତ୍ତାବଳୀ ଲାଗୁ କରିଥିଲେ। ସର୍ତ୍ତ ଅନୁଯାୟୀ, ଜମି କ୍ରେତା ସିଧାସଳଖ ଅର୍ଥକୁ ସେବି-ସୋହାରା ରିଫଣ୍ଡ ଆକାଉଣ୍ଟରେ ଟଙ୍କା ଜମା କରିବେ। କିନ୍ତୁ ଏହି ଘଟଣାରେ ତାହା ଏହା କରାଯାଇ ନ ଥିଲା।ସୂଚନା ଦେଇ ଇଓଡବ୍ଲ୍ୟୁ କହିଛି ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଭୋପାଳରେ ଜମି ବିକ୍ରି କରିବା ପରେ ଟଙ୍କା ସିଧାସଳଖ ରିଫଣ୍ଡ ଆକାଉଣ୍ଟ ନମ୍ବରରେ ଜମା କରାଯିବା କଥା। କିନ୍ତୁ ଏପରି ନ କରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଇଛି।

### ପହଲଗାମ ଆକ୍ରମଣର...

(ଏସଏସଜି) ର ପୂର୍ବତନ କମାଣ୍ଡୋ ଥିଲା। ପରେ ସେ ବିଶ୍ୱ ଆତଙ୍କବାଦୀ ହାଫିଜ ସୟୀଦର ଆତଙ୍କବାଦୀ ସଂଗଠନ ଏଲଇଟିରେ ସାମିଲ ହୋଇଥିଲା।

ସେନା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଗୁଇନ୍ଦା ସୂଚନା ମିଳିବା ପରେ ସୋମବାର ସକାଳ ୧୧ଟାରେ ଲିଡବାସର ହରୱାନ ଜଙ୍ଗଲରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ପହଲଗାମ ଆକ୍ରମଣରେ ଆତଙ୍କବାଦୀ ଯେଉଁ ଉପକରଣ ବ୍ୟବହାର କରିଥିଲେ ଏହି ଆତଙ୍କବାଦୀ ସେହିଭଳି ସାମଗ୍ରୀ ରଖିଥିବା ସୂଚନା ମିଳିଥିଲା। ସୁରକ୍ଷା ବାହିନୀ ଅଭିଯାନ ଆରମ୍ଭ କରିବା ସମୟରେ ଦୂରରୁ ଗୁଳି ମାଡ଼ର ଶବ୍ଦ ଶୁଭି ଥିଲା। ଏହାକୁ ଦେଖି ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ମୁତୟନ ବୃଦ୍ଧି କରାଯାଇଥିଲା। ପ୍ରାୟ ୧୧ଟା ୩୦ରେ ୨୪ ରାଷ୍ଟ୍ରୀୟ ରାଇଫଲ୍ସ ଏବଂ ୪ ପାରା ୟୁନିଟର ଯବାନମାନେ ତିନି ଆତଙ୍କବାଦୀ ଥିବା ଜାଣିବାକୁ ପାଇଥିଲେ। ଏହା ପରେ ଅଚାନକ ଆକ୍ରମଣ କରି ଆତଙ୍କବାଦୀଙ୍କୁ ନିପାତ କରିଥିଲେ। ସୂଚନାଯୋଗ୍ୟ ଯେ ଏପ୍ରିଲ ୨୨ ତାରିଖରେ ହୋଇଥିବା ପହଲଗାମ ଆତଙ୍କବାଦୀ ଅକ୍ରମଣରେ ୨୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ଏହି ଆକ୍ରମଣରେ ୫ରୁ ୭ ଜଣ ଆତଙ୍କବାଦୀ ସାମିଲ ଥିବା କୁହାଯାଉଛି।

### ଇସିଙ୍କ ଉପରେ...

ପ୍ରମାଣପତ୍ର ଚୂଡ଼ାନ୍ତ ନୁହେଁ, ତେବେ ସମାନ ଯୁକ୍ତି ଆଧାର ଏବଂ ଇପିଆଇସି ପାଇଁ ପ୍ରଯୁଜ୍ୟ ହୋଇପାରିବ। ଖଣ୍ଡପୀଠ ପଚାରି ଥିଲେ ଯେ ଯଦି ଗ୍ରହଣ କରାଯାଇଥିବା ଅନ୍ୟ ୧୦ ପ୍ରମାଣପତ୍ର କାଲି ଜାଲ ବୋଲି ଜଣାପଡେ ତେବେ ତାହାର ସୁଧାର କରିବା ପାଇଁ କି ବ୍ୟବସ୍ଥା ଆପଣା ଯାଇଛି। ଏହି ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ବ୍ୟକ୍ତିଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରିବାକୁ ମଧ୍ୟ କୋର୍ଟ କହିଛନ୍ତି। ଏହି ପ୍ରକ୍ରିୟା ଉପରେ ରୋକ୍ ଲାଗଇବାକୁ ମନା କରିଦେଇ କୋର୍ଟ କହିଲେ ଯେ ଆବଶ୍ୟକ ପଡ଼ିଲେ କୋର୍ଟ ହସ୍ତକ୍ଷେପ କରିପାରିବେ ଏବଂ ପ୍ରମାଣ ମିଳିଲେ ଏହି ସଂଶୋଧନ ପ୍ରକ୍ରିୟାକୁ ରଦ୍ଦ ମଧ୍ୟ କରାଯାଇପାରିବ।

### ବିରୋଧୀ-ଶାସକ...

ଆଡ୍ଡାକୁ ଟାର୍ଗେଟ କରାଯାଇଥିଲା ଏବଂ ୭ଟିକୁ ସଂପୂର୍ଣ୍ଣ ରୂପେ ଧ୍ୱଂସ କରି ଦିଆଯାଇଛି। ୪ ଦିନ ଧରି ଚାଲିଥିବା ଏହି କାର୍ଯ୍ୟାନୁଷ୍ଠାନ କାହାରି ଚାପରେ ବନ୍ଦ ହୋଇନଥିଲା। ଭାରତୀୟ ସେନା ଏହାର ଲକ୍ଷ୍ୟ ହାସଲ କରିବା ପରେ କାର୍ଯ୍ୟାନୁଷ୍ଠାନ ବନ୍ଦ କରିଥିଲା। ପାକିସ୍ତାନ ଯଦି ଭବିଷ୍ୟତରେ ପୁଣି ଆତଙ୍କବାଦୀ ଆକ୍ରମଣ କରେ ଅପରେସନ ସିନ୍ଦୂର ମାଧ୍ୟମରେ ପୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଭାରତୀୟ ସେନା। ଏହି ଅବସରରେ ସେ କହିଥିଲେ ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଏବଂ ଅନ୍ୟ ଦୁଇ ଜଣ ଆତଙ୍କବାଦୀଙ୍କୁ ନିରାପତ୍ତା ବାହିନୀର ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ (ଅପରେସନ ମହାଦେବ) ରେ ସଫା କରିଦିଆଯାଇଛି। ଭାରତୀୟ ସେନାର ମନୋବଳକୁ ଦୁର୍ବଳ କଲା ଭଳି ପ୍ରଶ୍ନ କରୁଥିବାରୁ ସେ ବିରୋଧୀ ଦଳଙ୍କର ତୀବ୍ର ସମାଲୋଚନା କରିଥିଲେ।

ବିରୋଧୀ ଦଳ ପକ୍ଷରୁ ଆଲୋଚନା ଆରମ୍ଭ କରି କଂଗ୍ରେସ ସାଂସଦ ଗୌରବ ଗୋଗୋଇ କହିଲେ ଯେ ପହଲଗାମ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ସଂପର୍କରେ ବିଭ୍ରାନ୍ତି ସୃଷ୍ଟି କରାଯାଇଛି। ସତ କଣ ଜଣାପଡୁନାହିଁ। ତେଣୁ ଦେଶବାସୀ ସତ କଣ ତାହା ଜାଣିବାକୁ ଚାହୁଁଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ରୋକିବାର ବିଫଳ ହୋଇଥିବା ସରକାର ଗୁଇନ୍ଦା ସଂସ୍ଥାକୁ ଦୋଷ ଦେଉଛନ୍ତି। ଦେଶରେ ହିଂସା ଏବଂ ଅସ୍ଥିରତା ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର କରିଥିବା ଆତଙ୍କବାଦୀ ପହଲଗାମରେ କେମିତି ଆକ୍ରମଣ କଲେ ଏବଂ ସରକାର ଏହି ଆକ୍ରମଣକୁ ରୋକିବାରେ କାହିଁକି ବିଫଳ ହେଲେ। ଅପରେସନ ସିନ୍ଦୂରରେ ୫-୬ଟା ଜେଟ୍ ବିମାନ ଖସିଛି ବୋଲି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ କହୁଛନ୍ତି। ପୁଣି ଇଣ୍ଡୋନେସିଆରେ ଭାରତର ପ୍ରତିରକ୍ଷା ଅଧିକାରୀ ମଧ୍ୟ କହୁଛନ୍ତି ଯେ ଭାରତ ଏହି କାର୍ଯ୍ୟାନୁଷ୍ଠାନରେ କିଛି ଜେଟ୍ ହରାଇଛି। ସେ କହିଥିଲେ ଯେ ପାକିସ୍ତାନରେ କେବଳ ଆତଙ୍କବାଦୀ ଆଡ୍ଡାକୁ ଆକ୍ରମଣ କରିବା ଲାଗି ଭାରତ ସରକାର ନିର୍ଦ୍ଦେଶ ଦେଇଥିବାରୁ ଭାରତୀୟ ସେନାକୁ ପ୍ରାରମ୍ଭରେ କିଛି କ୍ଷତି ସହିବାକୁ ପଡ଼ିଲା। ତେଣୁ ସତ କଥା କଣ ତାହା ଭାରତ ସରକାର ସ୍ପଷ୍ଟ କରନ୍ତୁ ବୋଲି ଗୋଗୋଇ ଦାବି କରିଥିଲେ।

ଟ୍ରମ୍ପଙ୍କ ମଧ୍ୟସ୍ଥତା ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦେବାକୁ ଯାଇ ବୈଦେଶିକ ମନ୍ତ୍ରୀ ଜୟଶଙ୍କର କହିଲେ ଯେ ଆମେରିକା ସହିତ ଆଲୋଚନା ବେଳେ କୌଣସି ସମୟରେ ବାଣିଜ୍ୟ ଓ ଅପରେସନ ସିନ୍ଦୂର ସଂପର୍କରେ ଆଲୋଚନା ହୋଇନାହିଁ। ତେଣୁ ବାଣିଜ୍ୟ ଆଲୋଚନା ସହିତ ଅପରେସନ ସିନ୍ଦୂରର କୌଣସି ସଂପର୍କ ନାହିଁ। ଦ୍ୱିତୀୟ କଥା ହେଲା ଯେ ଏପ୍ରିଲ ୨୨ରୁ ଜୁନ୍ ୧୭ ମଧ୍ୟରେ ଭାରତର ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ କୌଣସି କଥାବାର୍ତ୍ତା ହୋଇନାହିଁ। ତେଣୁ ଟ୍ରମ୍ପଙ୍କ ଚାପ କି ମଧ୍ୟସ୍ଥତାରେ ଅପରେସନ ସିନ୍ଦୂର ବନ୍ଦ ହେଲା ବୋଲି ଯାହା କୁହାଯାଉଛି, ତାହା ଠିକ୍ ନୁହେଁ।

ଅପରେସନ ସିନ୍ଦୂର ସହିତ ବାଣିଜ୍ୟ କଥାବାର୍ତ୍ତାର କୌଣସି ସଂପର୍କ ନାହିଁ ବୋଲି ଜୟଶଙ୍କରଙ୍କ ମନ୍ତବ୍ୟ ନେଇ ବିରୋଧୀ ଅସନ୍ତୋଷ ପ୍ରକାଶ କରିବା ସହିତ ହୋହାଲ୍ଲା କରିବାରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଲେ, ଯାହା ଲାଗୁଛି ଆମ ବୈଦେଶିକ ମନ୍ତ୍ରୀଙ୍କ କଥାରେ ବିରୋଧୀ ବିଶ୍ୱାସ କରୁ ନାହାନ୍ତି। ସେମାନେ ଅନ୍ୟ ଦେଶର କଥାକୁ ବିଶ୍ୱାସ କରୁଛନ୍ତି। ସେ କହିଲେ ଯେ ବିଦେଶକୁ ନେଇ ବିରୋଧୀ ଦଳରେ କିଛି ମଜବୁରି ରହିଛି। କିନ୍ତୁ ଦଳର ଏହି ମଜବୁରିକୁ ଗୃହ ଉପରେ ଲଦି ଦିଆଯିବା ଠିକ୍ ନୁହେଁ। ଏହି ମଜବୁରି ଯୋଗୁଁ ବିରୋଧୀ ଦଳ ସେମିତି ୨୦ ବର୍ଷ ଧରି ବିରୋଧୀ ବେଞ୍ଚରେ ରହିବେ ଏବଂ ଆମେ ଶାସକ ଦଳ ହୋଇ ରହିବୁ।

ଏହାପୂର୍ବରୁ ଆଜି ବିହାର ପ୍ରସଙ୍ଗକୁ ନେଇ ସଂସଦରେ ପୁଣି ହଟ୍ଟଗୋଳ ହୋଇଥିଲା। ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରାଯାଇଥିବା ବେଳେ ଲୋକସଭାକୁ ୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ଏହାପରେ ପହଲଗାମ ଉପରେ ଆଲୋଚନା ଆରମ୍ଭ ହୋଇଥିଲା।

### ରାଜ୍ୟରେ ବଢୁଛି...

ଶ୍ରୀ ଭୋଇ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଜଣେ ଚିନ୍ତିତ ଲୋକପ୍ରତିନିଧି ଭାବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଭାବେ ବଢୁଥିବା ସଂଗଠିତ ଅପରାଧ ଏବଂ ଅସାମାଜିକ ଗତିବିଧି ସମ୍ପର୍କରେ ଆପଣଙ୍କ ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଛି। ଆଇନର ଗଳାବାଟ ଓ ପ୍ରକ୍ରିୟାଗତ ବିଳମ୍ବତାର ସୁଯୋଗ ନେଇ ସେମାନେ ଅପରାଧ ଘଟାଉଥିବା ଉପବାଚସ୍ପତି କ୍ଷୋଭ ପ୍ରକାଶ କରିଛନ୍ତି। ଅତଏବ ଏହି ଆଇନ ପ୍ରଣୟ ହେଲେ ଗ୍ୟାଙ୍ଗ ନେଟ୍‌ୱର୍କଗୁଡ଼ିକୁ ଚିହ୍ନଟ କରିବା ଏବଂ ଏହା ଉପରେ ରୋକ ଲଗାଇବା ଲାଗି ତଦନ୍ତକାରୀ ସଂସ୍ଥାକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିବ। ଅପରାଧୀଙ୍କ ସମ୍ପତ୍ତି ଆଟାଚ୍ କରିବା ଅଭ୍ୟାସଗତ ଅପରାଧୀଙ୍କ ଉପରେ ପ୍ରତିରୋଧ ଲଗାଯାଇପାରିବ ବୋଲି ଉପବାଚସ୍ପତି ଆଶା ପ୍ରକାଶ କରିଛନ୍ତି।

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ଲଗାତାର ଭାବେ ସରକାରଙ୍କୁ ସମାଲୋଚନା କରି ଆସୁଛନ୍ତି। ବିଶେଷକରି ଗତ ବର୍ଷକ ମଧ୍ୟରେ ମହିଳା ବିରୋଧୀ ହିଂସା ଓ ଦୁଷ୍କର୍ମକୁ ନେଇ ଓଡ଼ିଶା ଜାତୀୟ ସ୍ତରରେ ବଦନାମ୍ ହେଲାଣି। ମାତ୍ର ବିରୋଧୀଙ୍କ ସମସ୍ତ ଅଭିଯୋଗକୁ ଶାସକ ଦଳ ଏବଂ ସରକାର ପ୍ରତ୍ୟାଖ୍ୟାନ କରୁଛନ୍ତି। ଏପରିସ୍ଥଳେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ଏକ ଚିଠି ରାଜ୍ୟରେ ହଟଚମଟ ସୃଷ୍ଟି କରିଛି। ରାଜ୍ୟରେ ଯେ ଆଇନଶୃଙ୍ଖଳା ସ୍ଥିତି ରସାତଳକୁ ଗଲାଣି, ନିଜେ ଉପବାଚସ୍ପତି ନିଜ ଚିଠିରେ ପରୋକ୍ଷରେ ପ୍ରକାଶ କରିବା ସହ ଏନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଉପବାଚସ୍ପତିଙ୍କ ଉଦ୍‌ବେଗ ସରକାରଙ୍କ ପାଇଁ ଆଇନା ସଦୃଶ୍ୟ ଅଟେ। ସରକାର ତୁରନ୍ତ ବାସ୍ତବତାକୁ ହେଜି ରାଜ୍ୟରେ ଅପରାଧ ନିୟନ୍ତ୍ରଣ ଏବଂ ଦମନ କରିବା ପାଇଁ କଠୋର ହେବାକୁ ବୁଦ୍ଧିଜୀବୀ ମହଲ ପରାମର୍ଶ ଦେଇଛି।

### ଖସୁଛି ପାଣି...

ଚାରିଟି ବ୍ଲକ ଜଳେଶ୍ୱର, ଭୋଗରାଇ, ବସ୍ତା ଓ ବାଲିଆପାଳ ପ୍ରଭାବିତ ହୋଇଛି। ଏହାସହିତ ବୈତରଣୀରେ ଜଳସ୍ତର ବଢ଼ିବା ହେତୁ ଭଦ୍ରକର ଧାମନଗର, ତିହିଡ଼ି ଓ ଯାଜପୁରର ଦଶରଥପୁର ବ୍ଲକର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ଆଖୁଆପଦାରେ ବୈତରଣୀ ବିପଦସଂକେତ ତଳକୁ ଆସିବା ପରେ ଧୀରେ ଧୀରେ ସ୍ଥିତିରେ ସାମାନ୍ୟ ସୁଧାର ଆସୁଛି। ମାତ୍ର ସମ୍ପୂର୍ଣ୍ଣ ପାଣି ଛାଡ଼ିବାକୁ ଆହୁରି ପ୍ରାୟ ୪୮ ଘଣ୍ଟା ଲାଗିପାରେ ବୋଲି ଆକଳନ କରାଯାଉଛି।

ରବିବାର ରାତି ୧୧ରେ ବାଲେଶ୍ୱରର ରାଜଘାଟରେ ସୁବର୍ଣ୍ଣରେଖାର ଜଳସ୍ତର ୧୦.୨୭ ମିଟର ପହଁଚିଥିଲା। ଜଳସ୍ତର ହ୍ରାସ ପାଇ ବର୍ତ୍ତମାନ ୯.୮୦ ମିଟର ଅଛି। ରାଜଘାଟରେ ସୁବର୍ଣ୍ଣରେଖାରେ ବିପଦ ସଂକେତ ୧୦.୩୬ ମିଟର ଥିବାବେଳେ ବର୍ତ୍ତମାନ ବିପଦ ସଂକେତ ତଳେ ଜଳ ପ୍ରବାହିତ ହେଉଛି। ସମୁଦ୍ରକୁ ଜଳ ନିଷ୍କାସନ ହେବା ଲାଗି ଦୁଇ ଦିନ ସମୟ ଲାଗିବାକୁ ଥିବାରୁ ଏଠାକାର ଲୋକେ ଆହୁରି ୪୮ ଘଣ୍ଟା ପର୍ଯ୍ୟନ୍ତ ସମସ୍ୟା ଲାଗି ରହିବାର ଆଶଙ୍କା ରହିଛି। ସେହିପରି ଜଳକା ନଦୀର ଜଳସ୍ତର ସତର୍କ ସଂକେତ ପାଖାପାଖି ଅଛି। ବୈତରଣୀର ଜଳସ୍ତର ହ୍ରାସ ପାଇ ଆଖୁଆପଦାରେ ବିପଦସଂକେତ ତଳେ ପ୍ରବାହିତ ହେଉଛି। ତେଣୁ ଭଦ୍ରକ ଓ ଯାଜପୁରର ବିଭିନ୍ନ ଅଞ୍ଚଳରେ ଏବେ ପାଣି କମିବାରେ ଲାଗିଛି। ଅନ୍ୟପକ୍ଷରେ ବର୍ତ୍ତମାନ ହୀରାକୁଦର ଜଳସ୍ତର ୬୧୫.୨୫ ଫୁଟ ରହିଛି। ହୀରାକୁଦରୁ ୨୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ହୀରାକୁଦ ଜଳଭଣ୍ଡାରକୁ ଉପରମୁଣ୍ଡରୁ ପ୍ରତି ସେକେଣ୍ଡରେ ୩.୧୭ ଲକ୍ଷ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୩.୪୫ ଲକ୍ଷ ଘନଫୁଟ ଜଳ ନିଷ୍କାସନ ହେଉଛି। ସୋମବାର ସନ୍ଧ୍ୟା ସୁଦ୍ଧା କଟକର ମୁଣ୍ଡଳୀରେ ୫.୧୮ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଥିଲା। ସେହିପରି ରେଙ୍ଗାଲି ଡ୍ୟାମ୍‌ର ଜଳସ୍ତର ୧୨୧.୯୧ ମିଟର ରହିଥିବା ବେଳେ ଏଠାରେ ତିନିଟି ଗେଟ୍‌ରେ ବ୍ରାହ୍ମଣୀ ନଦୀକୁ ଜଳ ନିଷ୍କାସନ ହେଉଛି।

ବନ୍ୟା ସ୍ଥିତି ସମ୍ପର୍କରେ ସୂଚନା ଦେଇ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବର୍ତ୍ତମାନ ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଅଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ର କିଛି ସ୍ଥାନର ଲୋକେ ରିଲିଫ କେନ୍ଦ୍ରରେ ଅଛନ୍ତି। ରିଲିଫ କେନ୍ଦ୍ରରେ ଥିବା ଲୋକଙ୍କୁ ରନ୍ଧା ଖାଦ୍ୟ, ଘରେ ଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ପାଣି ଛାଡିବା ପରେ କ୍ଷୟକ୍ଷତି ଆକଳନ ଆରମ୍ଭ ହେବ। ଚାଷ ଜମି କ୍ଷୟକ୍ଷତି, ଘର କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ଶକ୍ତି ଓ ଜଳ ସମ୍ପଦ ବିଭାଗର କ୍ଷୟକ୍ଷତି ଆକଳନ କରି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଭରଣା କରିବ। ରିପୋର୍ଟ ଆସିବାର ୨୪ ଘଣ୍ଟା ମଧ୍ୟରେ କ୍ଷତିପୂରଣ ଜିଲ୍ଲା ଓ ବିଭାଗଙ୍କୁ ପଠେଇଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

### ଉଚ୍ଚଶିକ୍ଷା ବିଭାଗରେ...

ଭିଡିଓ ଅପ୍‌ଲୋଡ୍ ହେଲା। ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ଆକାଉଣ୍ଟକୁ ନିଜ ନିୟନ୍ତ୍ରଣକୁ ଅଣାଯାଇଥିଲା। ସମସ୍ତ ଭିଡିଓକୁ ଡିଲିଟ୍ କରିବା ସହ ସହିଦନଗରସ୍ଥିତ ସାଇବର ସିକ୍ୟୁରିଟି ସେଲ୍‌ରେ ଅଭିଯୋଗ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ହ୍ୟାକ୍ ହୋଇଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍‌କୁ ମଧ୍ୟ ନିୟନ୍ତ୍ରଣାଧୀନ କରାଯାଇଛି। ହେଲେ ପୂର୍ବପରି ୱେବ୍‌ସାଇଟ୍ କାର୍ଯ୍ୟକ୍ଷମ ହୋଇପାରିନି। ମାତ୍ରାଧିକ ଧୀମା ଚାଲୁଥିବାରୁ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ ସମେତ ନାମଲେଖା ପ୍ରକ୍ରିୟା ଜାରି ରହିଥିବାରୁ ଛାତ୍ରଛାତ୍ରୀ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇପାରୁ ନାହାନ୍ତି। ବିଶ୍ୱବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ବହୁ ତଥ୍ୟକୁ ହ୍ୟାକର୍ ନେଇଯାଇଥିବା ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଫଳରେ ବହୁ ଛାତ୍ରଛାତ୍ରୀ ଆଶଙ୍କାରେ ଅଛନ୍ତି। ପୂର୍ବରୁ ମଧ୍ୟ ରେଭେନ୍ସା ୱେବସାଇଟ୍ ହ୍ୟାକ୍ ହୋଇଥିବାବେଳେ ଉଚ୍ଚ କ୍ଷମତାସମ୍ପନ୍ନ 'ବ୍ଲେଡ୍ ସର୍ଭର' ଲଗାଯାଇଥିଲା। ଏହା ସତ୍ତ୍ୱେ ହ୍ୟାକ୍ କରିବାରେ ହ୍ୟାକର୍‌ମାନେ କିପରି ସଫଳ ହେଉଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଏସିଡ୍ ଆକ୍ରମଣରେ...

ମାଲିକ ରୁନୁ ଓ ଏମ.ରାମକ୍ରିଷ୍ଣା ନିଜ ଗାଈଙ୍କୁ ନେଇ ପ୍ରାଣୀ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ତେବେ ରବିବାର ରାତିରେ ରୁନୁଙ୍କ ଗାଈର ମୃତ୍ୟୁ ହେବା ପରେ ପରେ ଗାଈର ବାଛୁରୀଟି ମଧ୍ୟ ପ୍ରାଣ ହରାଇଥିଲା। ଗାଈ ଓ ବାଛୁରୀଙ୍କ ମୃତ୍ୟୁକୁ ନେଇ ରୁନୁ ସୋମବାର ଟାଉନ ଥାନାର ଦ୍ୱାରସ୍ଥ ହୋଇଥିଲେ। ଗାଈଙ୍କ ଉପରେ ଏସିଡ୍ ମାଡ଼ କରିଥିବା ରାକେଶ କୁମାର ପଣ୍ଡାଙ୍କୁ ସୋମବାର ସନ୍ଧ୍ୟାରେ ପୁଲିସ ପୁଣି ଥାନାକୁ ଡାକି ଅଧିକା ପଚରାଉଚରା କରିଥିବା ଜଣାପଡ଼ିଛି। ସେପଟେ ଗାଈଙ୍କ ଉପରେ ଏସିଡ୍ ମାଡ଼ କରିଥିବା ରାକେଶଙ୍କ ନାମରେ ଟାଉନ ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ପଶୁମାନଙ୍କ ପ୍ରତି କ୍ରୂରତା ମନୋଭାବ ପୋଷଣ କରିବା ଓ ଏସିଡ୍ ମାଡ଼ କରିବା ନେଇ ବିଏନ୍ଏସ୍‌ର ଅନେକ ସଙ୍ଗୀନ ଦଫାରେ ରାକେଶଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଆଇନ ଅନୁଯାୟୀ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।


**AFFIDAVIT**

I, SHAIKH SHAHABAZ ALI, S/o- Late Shaikh Ansar Ali resident of At: - Jairampur, Po:-Kood, Ps: - Salipur, Dist:-Cuttack Pin- 754221 Odisha declare by this affidavit No.2286 dtd:- 23/07/2025 that now onwards I shall be known as **SHAIKH SHAHBAZ ALI** for all future purposes.

**TO WHOM IT MAY CONCERN**

**Ritarani Patnaik**
**Address not known**

Your flat is canceled as no documents available with us. We contacted your brother, Sh Dhiren Patnaik, regarding registration of sale agreement of his flats, who replyed us that the flats shall be registered when Registration shall be allowed by the Hon'ble Orissa High Court withdrawing the stay on registration. By that time the pending Certificate Case No.23/2025 (under section-6) and Issue No.30 dated 21.03.2025 are issued an order and cease the power for registration by any Director of Mahodadhi Devlopers Pvt Ltd, Bhubaneswar. We are appearing before Hon'ble Court of Sub Collector-cum-Certificate Officer to give 150 days time period to keep our stand. Under the above circumstances, we are forced to refund your deposited money against your flat no.503, fifth floor in Tulasi Vihar, Phase-II, Puri. We are issued any letter to you as we have niether address nor agreement. Hence we communicated through various odia daily to draw your attention and receive your Demand Draft/Cheques from our office with a short period as our office is going to be close.

Managing Director
Mahodadhi Devlopers Pvt Ltd Bhubaneswar

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**PUBLIC HEALTH DIVISION, RAYAGADA.**
**e-mail: -eephd.rgda.od@od.gov.in,eephdrgda@gmail.com**
**NATIONAL COMPETITIVE BIDDING THROUGH e-Procurement**
**INVITATION FOR BIDS (IFB) NO.EEPHDRAYAGADA-14/2025-26 DT.23.07.2025**

| Sl No. | Name of the work | Bid Identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Providing power supply to the PHD Elevated Service Reservoir (ESR) and underground reservoir (UGR) at Seriguda of Rayagada Municipality under ESO No-I in connection to the Project Work "Improvement of Water Supply to Seriguda area of Rayagada Municipality under state plan BASUDHA for the year 2023-24. | EEPHDRAYAGADA-14/2025-26 Dtd.23.07.2025 | 13.95 | HT License | 02 (Two Months) | 01.08.2025 (11.00 Hr) | 11.08.2025 (17.00 Hr) |

Name & Address of Officer Inviting Bid: Executive Engineer, P.H. Division, Rayagada.
Email: eephd.rgda.od@od.gov.in, eephdrgda@gmail.com
- Further details can be seen from the e-Procurement portal "https://www.tendersorissa.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

Sd/- Executive Engineer
P.H. Division, Rayagada
C-744 OIPR - 13052/11/0030/2526

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍**
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ଏହାପରେ ସରଫେଶୀ ଆକ୍ଟ, ୨୦୦୨ କୁହାଯିବ) (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ୍ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ **ସାଙ୍କେତିକ ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ମହାନଦୀ ବିହାର ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଷ୍ଟୁଡିଓ ୭୮୬, ସ୍ୱତ୍ତ୍ୱାଧିକାରୀ: ମହମ୍ମଦ ଅବଦୁଲ ରହିମ୍ / ଗ୍ୟାରେଣ୍ଟିଦାତା: ମହମ୍ମଦ ୟୁସୁଫ୍,** ଉଭୟଙ୍କ ଠିକଣା- ସା: ସରସ୍ୱତୀ ଭବନ, ଚାନ୍ଦିନୀ ଚୌକ, ନିମଚୌଡ଼ି, କଟକ-୭୫୩୦୦୨ | ମହମ୍ମଦ ୟୁସୁଫ୍‌ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ: ନୟାସଡକ, ଚାନ୍ଦିନୀ ଚୌକ, | ତା.୧୩.୦୫.୨୦୨୫ରିଖ ସୁଦ୍ଧା ଟ.୧୪,୪୧,୦୨୧.୯୦ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୩.୦୫.୨୦୨୫ / ୨୨.୦୭.୨୦୨୫ |

ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: କଟକ, ସବ୍-ଡିଷ୍ଟ୍ରିକ୍ଟ: କଟକ ସଦର, ଖାତା ନଂ.: ୬୦୧/୨୦୪, ପ୍ଲଟ୍ ନଂ.: ୧୬୮୮ ଏବଂ ୧୬୮୭, ନୟାସଡକ ଚାନ୍ଦିନୀ ଚୌକ ୟୁନିଟ୍-୧୪, କଟକ ସଦର, କଟକ, ପରିମିତ କ୍ଷେତ୍ର: ୭୮୪ ବର୍ଗଫୁଟ ସହିତ ସେଥିରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର କ୍ଷେତ୍ର: ୭୮୪ ବର୍ଗଫୁଟ ସହିତ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା ଏବଂ ଲାଲା ରଜନୀକାନ୍ତଙ୍କ ପ୍ଲଟ୍, ପଶ୍ଚିମ: ଅହେମଦ ବକ୍ସଙ୍କ ପ୍ଲଟ୍, ଉତ୍ତର: ରାସ୍ତା, ଦକ୍ଷିଣ: ହବି ବକ୍ସ

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୮.୦୭.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**

**AFFIDAVIT**

I Raghubir Kaur, W/o-Sohan Singh Pabla, Resident of Plot No JJ-5, Civil Township, PO-Rourkela-4 PS - Raghunathpalli, Dist-Sundargarh Pin-769004,Odisha,declare vide this affidavit no 74AA 297198 dated 28.07.2025, that in my daughter Baljinder Kaur educational certificates my name is mentioned as Ragbir Kaur instead of my actual name and both names are one and the same person that is myself. Henceforth I shall be know as **RAGHUBIR KAUR** for all purposes.

**AFFIDAVIT**

By virtue of an affidavit before Executive Magistrate, Bissam Cuttack bearing affidavit no.- 1074/25 dtd.14.7.2025, I Sri Ramesh Nag, S/o- Kantaru Nag resident of Vill.- Bhatapur, Po.- Bhatapur, Ps.- Bissam Cuttack, Dist.- Rayagada, declare that, actual name of my son is **RITIK KISAN NAG** but in his Aadhar card his name has been wrongly mentioned as RITIK ROSHAN NAG. Both the names **RITIK ROSHAN NAG** and **RITIK KISAN NAG** are of one and same person for his Aadhar and all purposes.
Sd/- Ramesh Nag

**AFFIDAVIT**

By virtue of an affidavit sworn before Notary Public Titilagarh, dated 23.07.2025. I, Brundabati Meher, Address At/Po-Jogimunda, Ps-Patnagarh, Dist-Balangir, Odisha, Pin- 767027 declare that I have changed my name from **Sunaphul Meher** to **Brundabati Meher**. Henceforth, I shall be known as **Brundabati Meher** for all purposes.
**Brundabati Meher**

**AFFIDAVIT**

By virtue of an affidavit sworn before Notary Public Titilagarh, dated 28.07.2025 I, Doupadi Bagartti, Adress At- Balpadar, Po- Bankel, Ps- Titilagarh, Dist-Balangir, Odisha, Pin- 767037 declare that I have changed my daughter's name from **Chhaya Bagarty** to **Barsa Bagarty.** Henceforth, she shall be known as **Barsa Bagarty** for all purposes.
**Doupadi Bagartti**

**AFFIDAVIT**

I, Sonali Sahu, aged 39 years, W/o- Alok Kumar Sahoo, resident of At-Janardhanpur Sasan, Po-Atopur, Kendujhar Town, Dist- Keonjhar, Odisha, Pin- 758001 declared by this affidavit No-607, dtd-26/07/2025 that now onwards I shall be known as **SONALI SAHOO** for all future purposes.

**AFFIDAVIT**

I, Prasanta Kumar Behera, aged 36 years, S/o- Late Bhaskar Behera, resident of At-Karabalua, Po- Chikiti Pentho, Ps- K.Nuagam, Dist- Ganjam, Odisha, Pin-761010 declared by this affidavit No-A-1457, dtd-13/07/2025 that now onwards I shall be known as **PRASHANTA KUMAR BEHERA** for all future purposes.

**Notice (for Minor)**

By Virtue of an affidavit sworn before Executive, Magistrate, Badasahi, Mayurbhanj, Dated 28.07.2025. I, Sanjib Kumar Dey, address At-Tunagambharia Po-Kuradiha Ps-Badasahi Dist-Mayurbhanj State-Odisha Pin-757017 declare that I Have changed the name of my Daughter from **Tapaswa Dey** to **Tapasya Dey**. Henceforth, she shall be known as Tapasya Dey for all purposes.
**Sanjib Kumar Dey**

**AFFIDAVIT**

I, Soudamini Sahoo, aged 41 years, W/o- Pradeepta Kishore Sahoo, resident of At/Po- Banamalipur, Ps-Balipatna, Dist-Khordha, Odisha, Pin-752103 declared by this affidavit No. CF-72, dtd-18/06/2025 that now onwards I shall be known as **SAUDAMINI SAHOO** for all future purposes.

**AFFIDAVIT**

I, Narendra Nath Patra, S/o-Late Surat Patra, resident of Village- Khanta, Po-Badamtalia, Ps- Rairangpur Rural, Dist- Mayurbhanj Odisha declare by this affidavit No-18, dated. 04.07.2025 that now onwards I, shall be known as **Narendra Kumar Patra** for all future purposes.

**AFFIDAVIT**

I Mobassrin Mahnaz, W/o-MD Junaid Alam, Resident of At - Nala Road Plant Site , PO /PS - Rourkela, Dist - Sundargarh, Pin-769001,Odisha,declare by this affidavit No. 91 dated 23.07.2025 that now onwards I shall be known as **MOBASSERIN MAHNAZ** for all future purposes

**AFFIDAVIT**

I, Deepali Nayak, aged 41 years, D/o- Trinath Parida, resident of Gundar, Karanga, Dist-Cuttack, Odisha, Pin-754004 declared by this affidavit No-606, dtd- 26/07/2025 that now onwards I shall be known as **DIPALI NAYAK** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-28/07/2025. I, **Gopinath Sahu,** aged about 43 years, S/O- Laxmidhar Sahu, Permanent resident of AT-Bankel, PO- Karla, PS- Muribahal, Dist-Balangir, (Odisha), PIN- 767037, now residing at the same place affirm that I have changed my minor son's name from **Josoanta Sahu** (old name) to **Jashobanta Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Jashobanta Sahu** (new name).
**Gopinath Sahu**

**AFFIDAVIT**

I, Gopikrishna Rath, S/o-Tankadhar Rath, resident of At/Po-Bheden, Ps- Bheden, Dist- Baragarh, Odisha, Pin- 768164, declared by this affidavit No. 608, dtd- 27/07/2025 that now onwards I shall be known as **GOPIKRUSHNA RATH** for all future purposes.

**AFFIDAVIT**

I, Badakulu Ada Patra, aged about 36 years, S/o-Badakulu Chandru Patra, resident of At- Sasanapalli, Po- Jagannathpur, Dist-Ganjam, Pin- 761003, Odisha declare by this affidavit No. 1481, dtd. 28/07/2025, that now onwards I shall be known as **BADAKULU ADIADA PATRA** for all future purposes.

**Notice (For Minor)**

By virtue of an affidavit sworn before The Executive Magistrate, Titilagarh, dated- 28/07/2025. I, **Banamali Bagarty,** Address: At/P.O./P.S. Titilagarh (High School Pada), Dist- Bolangir, (Odisha), PIN- 767033 declare that I have changed the name of my daughter from **Shrutirekha Bagarty** to **Shruti Rekha Bagarty.** Henceforth, she shall be known as **Shruti Rekha Bagarty** for all purposes.
**(Banamali Bagarty)**

**AFFIDAVIT**

I, Abhay Kumar Sahoo, S/o- Maheswara Sahoo, resident of Vill- Sirasta, PO- Srichandanpur, PS-Tirtol, Dist- Jagatsinghpur, PIN- 754137, Odisha declared by this affidavit No. 5165, dtd-14/07/2025 that now onwards I shall be known as **ABHAYA KUMAR SAHOO** for all future purposes.

# ଜନଶୁଣାଣି ଶିବିର ଆଗରେ ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ ଧାରଣା

ରାଜନଗର,୨୮।୭ (ସମିସ): ରାଜନଗର ବ୍ଲକ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର ଚାଲିଥିବାବେଳେ ଆଦର୍ଶ ବିଦ୍ୟାଳୟର ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପହଞ୍ଚି ଆମେ ପାଠ ପଢିବୁ। ଆମକୁ ପାଠ ପଢିବାକୁ ଶ୍ରେଣୀ ଗୃହ ଯୋଗାଇଦିଅ।



ଆମର ସ୍କୁଲ ଘର ଦରକାର ସ୍ଲୋଗାନ ଦେଇଥିଲେ। ପ୍ରଶାସନିକ ଅଧିକାରୀ ହଠାତ ଏତେ ସଂଖ୍ୟକ ଛାତ୍ରଛାତ୍ରୀ ପହଞ୍ଚିବା ଦେଖି ବ୍ୟସ୍ତବ ହୋଇପଡ଼ିଥିଲେ। ଅଭିଭାବକ ସଂଘର ଅଶୋକ କୁମାର ପ୍ରଧାନଙ୍କ ନେତୃତ୍ୱରେ ଅଭିଭାବକ ଓ ୩ ଜଣ ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କୁ ସେମାନେ କିପରି ଅସୁବିଧାରେ ପାଠ ପଢୁଛନ୍ତି, ସେ ନେଇ ଅବଗତ କରିଥିଲେ। ଜନଶୁଣାଣି ଶିବିର ସମ୍ମୁଖରେ ସ୍ଲୋଗାନ ଦେବା ସହ ବସି ରହିଥିଲେ। ଏ ନେଇ ସମୀକ୍ଷା କରି ଖୁବଶୀଘ୍ର ବାଘତୈଳାଠାରେ ପାଠପଢା ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ରଘୁରାମ ଆର ଆୟାର ପତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଫେରିଥିଲେ।

ରାଜନଗର ଉଚ୍ଚବିଦ୍ୟାଳୟରେ ୪ ବର୍ଷ ଧରି ଅସ୍ଥାୟୀ ଭାବେ ଆଦର୍ଶ ବିଦ୍ୟାଳୟର ପାଠପଢ଼ା ଚାଲିଛି। ଗୋଟିଏ ଶ୍ରେଣୀ କକ୍ଷରେ ୮୪ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ସେମାନେ ଏଭଳି ଭାବେ ଜାକିଜୁକି ହୋଇ ବସୁଛନ୍ତି ଯେ ବେକ ବୁଲାଇବାକୁ ଜାଗା ରହୁନି। ଖେଳିବାକୁ ପଡ଼ିଆ ନାହିଁ। ବାରଣ୍ଡାରେ ମଧ୍ୟାହ୍ନଭୋଜନ ରୋଷେଇ ହେଉଛି। ବିଜ୍ଞାନାଗାର, ଲାଇବ୍ରେରୀ, କମ୍ପ୍ୟୁଟର ଲ୍ୟାବ ନାହିଁ। ଆମେ ପାଠ କିପରି ପଢିବୁ ବୋଲି ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କୁ କହିଥିଲେ। ରାଜନଗର ବ୍ଲକ୍‌ରେ ୨୦୨୨ରୁ ଆଦର୍ଶ ବିଦ୍ୟାଳୟ ଅସ୍ଥାୟୀ ଭାବେ ରାଜନଗର ହାଇସ୍କୁଲ ପରିସରରେ ଚାଲିଛି। ବାଘତୈଳାଠାରେ ୨୦୨୧ରୁ ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ଫଳରେ ୩୩୬ ଛାତ୍ରଛାତ୍ରୀ ପଢିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ପ୍ରଶାସନ ଦାବି ନ ଶୁଣିବାରୁ ଆଜି ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ପହଞ୍ଚି ଧାରଣା ଦେଇଥିଲେ।

## ରକ୍ଷଣାବେକ୍ଷଣ ଓ ମରାମତି ଅଭାବ

# ସୁନାମି ବନ୍ଧରୁ ଧସୁଛି ପଥର; ରାସ୍ତାରେ ଗର୍ତ୍ତ

ବାଲିକୁଦା,୨୮।୭ (ସମିସ):

ବାଲିକୁଦା ବ୍ଲକର ଉପକୂଳବର୍ତ୍ତୀ ୩ଟି ପଞ୍ଚାୟତର ଜନସାଧାରଣଙ୍କୁ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ଦେବା ତଥା ସୁନାମି ଢେଉକୁ ପ୍ରତିହତ କରିବା ପାଇଁ ପୂର୍ବ ସରକାର ୨୦୧୨ରେ ସୁନାମି ବନ୍ଧ ନିର୍ମାଣ ପାଇଁ ଯୋଜନା କରିଥିଲେ। ଯେଉଁଥିରେ ମରିଚପୁର ପଞ୍ଚାୟତର ଧନୁହରବେଲାରୀ କେଁ କେଇଆଁଠାରୁ ବରମୁଣ୍ଡଳୀ ପଞ୍ଚାୟତର ବାଲିଯୋରି ପର୍ଯ୍ୟନ୍ତ ୨୭ କୋଟି ଟଙ୍କାରେ ସୁନାମି ବନ୍ଧ ପାଇଁ ଟେଣ୍ଡର ଓ ବାଲିଯୋରିଠାରୁ କୁସୁପୁର ପଞ୍ଚାୟତର ଆଠଘରିଆ ପର୍ଯ୍ୟନ୍ତ ୧୭ କୋଟି ଟଙ୍କାର ଟେଣ୍ଡର କରାଯାଇଥିଲା। ଯେଉଁଥିରେ ଉଚ୍ଚତା ସମ୍ପନ୍ନ ମାଟି ବନ୍ଧ ସାଙ୍ଗକୁ ଗମନାଗମନ ପାଇଁ ଅସ୍ଥାୟୀ ଭାବେ ମୋହରମ ରାସ୍ତା ଓ ରାସ୍ତାକୁ ସୁନାମି ଜୁଆରରୁ ସୁରକ୍ଷା ପ୍ରଦାନ ପାଇଁ ଜାଲି ପଥର ପ୍ୟାଚିଂ ବ୍ୟବସ୍ଥା କରାଯାଇଥିଲା। ତେବେ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଏବେ ସୁନାମ ବନ୍ଧରୁ ପଥର ଧସୁଛି। ଏହାର ପ୍ରତିକାର ପାଇଁ ଦାବି ହେଉଛି।

୧୯୯୯ ମହାବାତ୍ୟା ସମୟରେ ସମୁଦ୍ରର ଉଚ୍ଚ ଜୁଆର ପ୍ରଭାବରେ ଏଠାକାର ସ୍ଥାନୀୟ ଜନସାଧାରଣ ନାହିଁ ନ ଥିବା କ୍ଷତି ସହିଥିଲେ। ଏପରିକି ଅନେକ



ନିରୀହ ଜୀବନ ସମୁଦ୍ର ଓ ଦେବୀ ନଦୀର ଜଳରେ ଭାସିଯାଇଥିଲା। ଅନେକ ଦିନ ପର୍ଯ୍ୟନ୍ତ ପାଣି ଘେରରେ ରହି ବହୁ କଷ୍ଟରେ ନିଜର ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ ହଜାର ହଜାର ଲୋକ। ପରବର୍ତ୍ତୀ ସମୟରେ ମଧ୍ୟ ଅନେକ ଥର ସୁନାମି ଢେଉ ପ୍ରଭାବିତ କରିଥିଲା ଏହି ଅଞ୍ଚଳବାସୀଙ୍କୁ। ଯାହାକୁ ନେଇ ହାହାକାର ପଡିବା ପରେ ଏହାର ସ୍ଥାୟୀ ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିବା ପରେ ପୂର୍ବ ସରକାର ଏହାର ସମାଧାନ ନିମନ୍ତେ ସୁନାମି ବନ୍ଧ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ଠିକାଦାରଙ୍କ ନିମ୍ନମାନର କାମ ଓ ପରବର୍ତ୍ତୀ ସମୟରେ ଜଳସମ୍ପଦ ବିଭାଗର ରକ୍ଷଣାବେକ୍ଷଣ ଅଭାବରୁ ଏହି ରାସ୍ତାରୁ ଅତଡ଼ା ଖସିବା ସହ ରାସ୍ତା ଧସିଯିବା ଆଶଙ୍କା ସୃଷ୍ଟି ହୋଇଛି। ଜାଲି ନଷ୍ଟ ହୋଇ ପଥର ଖଣ୍ଡ ଖସି ପଡୁଥିବାବେଳେ ବର୍ଷା ଜଳ ନିଷ୍କାସନ ପ୍ରଭାବରେ ମାଟି ଧୋଇ ରାସ୍ତା ମଧ୍ୟରେ ଅନେକ ଗର୍ତ୍ତ ସୃଷ୍ଟି ହେବା ସହ ମାଟି ଧସେଇ ଦେବୀ ନଦୀରେ ପ୍ରବେଶ କରିଛି। ଯାହାକୁ ନେଇ ଏହି ପଥର ବନ୍ଧର ସୁରକ୍ଷା ନେଇ ପ୍ରଶ୍ନ ଉଠିଥିବାବେଳେ ଏହାର ଉପଯୁକ୍ତ ମରାମତି ନ ହେଲେ ଆଗାମୀ ଦିନରେ ଖଣ୍ଡ ଖଣ୍ଡ ହୋଇ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ପ୍ରକାଶ ପାଇଛି। ଏପରିକି ଗମନାଗମନ ସହଜ ଓ ନଦୀକୂଳିଆ ଲୋକଙ୍କୁ ଉଦ୍ଧାର ପାଇଁ ହୋଇଥିବା ଅସ୍ଥାୟୀ ମୋରମ ରାସ୍ତା ଧସେଇ ଯାଇଥିବା କାରଣରୁ ଏଥିରେ ଚାରିଚକିଆ ଯାନ ଯାତାୟାତ କରିବା ସମ୍ଭବ ହେଉନାହିଁ। ଏଣୁ ଅଞ୍ଚଳର ସୁରକ୍ଷା ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଥିବାବେଳେ ଏହାର ପୁନରୁଦ୍ଧାର ପାଇଁ ଦାବି କରିଛନ୍ତି ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁଙ୍କ ସମେତ ସମାଜସେବୀ ସୁବାସ ନାୟକ, ମୁନା ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ରାଜୁ ମିଶ୍ର, ତପନ ସ୍ୱାଇଁ, ପବିତ୍ର ସ୍ୱାଇଁ, ସତ୍ୟବ୍ରତ ବିଶ୍ୱାଳ, ସଞ୍ଜୟ ନାୟକ, ବନ୍ଧୁ ଚରଣ ନାୟକ। ସୁନାମି ବନ୍ଧ ସମ୍ପର୍କରେ ଏସଡିଓ ସିଦ୍ଧାର୍ଥ ପ୍ରିୟରଞ୍ଜନ ଜେନା କହିଛନ୍ତି, ଏହା ଆମ ଦ୍ୱାରା ସମ୍ଭବ ନୁହେଁ। ଏ ନେଇ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ସରକାରୀ ସ୍ତରୀୟ ଅବଗତ କରାଗଲେ ଏହାର ପୁନଃନିର୍ମାଣ ସମ୍ଭବ। କାରଣ ଜିଲ୍ଲା ଜଳସମ୍ପଦ ବିଭାଗକୁ ଆସୁଥିବା ଅନୁଦାନରେ ଏହାର ନିର୍ମାଣ କାମ ସମ୍ଭବ ନୁହେଁ। ଆମେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବୁ ବୋଲି କହିଛନ୍ତି।

# ଗୋରେଖନାଥଙ୍କୁ ଜଳଲାଗି କଲେ ୫୦ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ

ରଘୁନାଥପୁର,୨୮।୭ (ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରାସ୍ଥ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କୁ ୫୦ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ ଜଳଲାଗି କରିଥିବା ଦେଖିବାକୁ ମିଳିଛି। ଶ୍ରାବଣ ମାସ ତୃତୀୟ ସୋମବାରରେ ପ୍ରଭୁଙ୍କୁ ଜଳଲାଗି ପାଇଁ କାଉଡ଼ିଆଙ୍କ ରବିବାର ସକାଳୁ ପୀଠକୁ ଆଗମନ ହୋଇଥିଲା। ପୂର୍ବାହ୍ନରୁ ଶ୍ରଦ୍ଧାଳୁ ମାନସିକଧାରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ସନ୍ଧ୍ୟା ସୁଦ୍ଧା ପୀଠ ପରିସରରେ ପାଦ ପକାଇବାକୁ ଜାଗା ମିଳି ନ ଥିଲା। ପୀଠକୁ ଆସୁଥିବା ହଜାର ହଜାର କାଉଡ଼ିଆ ତାରପୁର ବାଇପାସଠାରୁ ଜଇପୁର ଛକ ମଧ୍ୟରେ ବିଭିନ୍ନ ସ୍ଥାନରେ ଅଟକି ରହି ବିଶ୍ରାମ ନେଇଥିଲେ। ପୁନଃ ମଧ୍ୟରାତ୍ରରୁ ନିତ୍ୟକର୍ମ ସାରି ସେମାନେ ପୀଠ ଅଭିମୁଖ୍ୟ ଯାତ୍ରା କରିଥିଲେ। ମୁଖ୍ୟ ରାସ୍ତାରୁ ପୀଠକୁ ଆସିବାକୁ ଥିବା ଉଭୟ ପାଶ୍ୱର୍ ରାସ୍ତାରେ ପ୍ରତି ମୁହୂର୍ତ୍ତରେ ଟ୍ରାଫିକ ଜାମ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶତାଧିକ ଯାନବାହନ ରାସ୍ତା ଉପରେ ଫସି ରହିଥିବା ଦେଖାଯାଇଥିଲା। ଆବଶ୍ୟକ ସଂଖ୍ୟକ ପୁଲିସ ମୃତୟନ ନ ଥିବାରୁ ଭିଡ଼ ନିୟନ୍ତ୍ରଣ କରିବା ସମ୍ଭବ ହୋଇ ନ ଥିଲା। ଫଳରେ ସାଧାରଣ ଲୋକ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। କାଉଡ଼ିଆଙ୍କ ରହଣି ପାଇଁ ପୀଠ ପରିସରରେ ଟେଣ୍ଟ ଓ ପାଣିଭାର ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ଯଥେଷ୍ଟ ନ ଥିଲା। ଏହାଛଡା ଫାଷ୍ଟେଡ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାନୀୟଜଳ, ଆଲୋକୀକରଣ ଓ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ହୋଇଥିଲା। ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି



ପୀଠ ପ୍ରଶାସନ ଓ ପୁଲିସ ସହଯୋଗରେ ରାତି ୧୨ଟା ୩୦ରୁ ପ୍ରଭୁଙ୍କ ପହୁଡ଼ ଖୋଲିବା ପରେ କାଉଡ଼ିଆ ବ୍ୟାରିକେଡରେ ଆସି ପ୍ରଭୁଙ୍କୁ ଜଳଲାଗି କରିଥିଲେ। ପୁଲିସ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ରହି କଉଡିଆଙ୍କୁ ସହଯୋଗ କରିଥିଲେ। ପୀଠକୁ ଲାଗି ୮ଟି ସ୍ୱେଚ୍ଛସେବୀ ସଂସ୍ଥା ପକ୍ଷରୁ ଆଗନ୍ତୁକ କାଉଡିଆଙ୍କ ପାଇଁ ମାଗଣା ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ତିର୍ତ୍ତୋଲ ଆଇଆଇସି ପ୍ରଦୀପ୍ତ ସେଠୀ ଓ ରଘୁନାଥପୁର ଆଇଆଇସି ସୁଶାନ୍ତ ସେଠୀ ବିଭିନ୍ନ ସ୍ଥାନରେ ରହି ପାଣିଢଳା ପର୍ବକୁ ପରିଚାଳିତ କରିଥିଲେ। ଅସମ୍ଭବ ଭିଡ ଯୋଗୁଁ ପ୍ରଭୁଙ୍କ ସମ୍ମୁଖରୁ ଅଫିସ ପର୍ଯ୍ୟନ୍ତ ଥିବା ବ୍ୟାରିକେଡ଼କୁ ଖୋଲିଦିଆଯାଇଥିଲା। ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜଳଲାଗି ପାଇଁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା। ଅନୁକୂଳ ପାଗ ତଥା ବହୁ ସଂଖ୍ୟାରେ ଭକ୍ତଙ୍କ ଆଗମନ ହେତୁ ଚତୁପାଶ୍ୱର୍ରେ ଥିବା ବ୍ୟବସାୟୀ ରାତି ଉଜାଗର ରହି କଉଡିଆଙ୍କୁ ସହଯୋଗ କରିଥିଲେ।

# ସଂଗ୍ରାମୀ ମାଧବ ମନୋହାରୀଙ୍କୁ ଭେଟିଲେ ଅଳକା ଆଶ୍ରମ କର୍ମକର୍ତ୍ତା

ଜଗତସିଂହପୁର,୨୮।୭ (ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ନୂଆପଡ଼ା ଗ୍ରାମର ସଂଗ୍ରାମୀ ନେତା ମାଧବାନନ୍ଦ ମନୋହାରୀ ଏବେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ। ଏଭଳି ପରିସ୍ଥିତିରେ ଜଗତସିଂହପୁର ଅଳକା ଆଶ୍ରମର କର୍ମକର୍ତ୍ତା ଓ ସଦସ୍ୟ ଗୌରାଙ୍ଗ ଚରଣ ହୋତା, ବିଜୟ କୁମାର ରଥ, ଭଗବାନ ଦାଶ ଓ ଶଶାଙ୍କଶେଖର ପଣ୍ଡା ପ୍ରମୁଖ



ସଂଗ୍ରାମୀ ଶ୍ରୀ ମନୋହାରୀଙ୍କ ବାସଭବନରେ ପହଞ୍ଚି ତାଙ୍କର ଆରୋଗ୍ୟ କାମନା କରିଛନ୍ତି। ସେହିପରି ସ୍ୱାଧୀନତା ସଂଗ୍ରାମରେ ଜଗତସିଂହପୁର ଜିଲ୍ଲାର ସଂଗ୍ରାମୀଙ୍କ ଭୂମିକା ସମ୍ପର୍କରେ କିଛି ସମୟ ଆଲୋଚନା କରିଥିଲେ। ଅଳକା ଆଶ୍ରମ ପକ୍ଷରୁ ଉତ୍ତରୀୟ ପ୍ରଦାନ ପୂର୍ବକ ସଂଗ୍ରାମୀ ଶ୍ରୀ ମନୋହାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୯୩ ବର୍ଷରେ ପଦାର୍ପଣ କରିଥିବା ଏହି ସଂଗ୍ରାମୀ ନେତା ସୁସ୍ଥ ଥିବା ପର୍ଯ୍ୟନ୍ତ ଜଗତସିଂହପୁର ସହରର ବଡ଼ବଜାରଠାରେ ଥିବା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ ପରିସରରେ ପ୍ରତ୍ୟେକ ବର୍ଷ ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ଓ ଜିଲ୍ଲାର ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ ପାଇଁ ସେମାନଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପାଳନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଥିଲେ।

# ଛାଞ୍ଜୁଣିଆ ଗ୍ରାମ ରାସ୍ତା ମରଣଯନ୍ତା



ଡେରାବିଶ, ୨୮।୭ (ସମିସ): ଡେରାବିଶ ବ୍ଲକ୍ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ ବ୍ଲକ୍ କାର୍ଯ୍ୟାଳୟ କଡ଼ ଦେଇ ଯାଇଥିବା ଛାଞ୍ଜୁଣିଆ ଗ୍ରାମ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା କେନ୍ଦ୍ରାପଡ଼ା ଗୋଲରାହାଟ ରାସ୍ତାର ଡେରାବିଶ ବ୍ଲକ କାର୍ଯ୍ୟାଳୟ ନିକଟରୁ ବାହାରି ଛାଞ୍ଜୁଣିଆ ଗ୍ରାମକୁ ଯାଇଛି। ଏହି ରାସ୍ତା ଆରମ୍ଭରେ ଗୋଟିଏ ପଟରେ ବ୍ଲକ୍ କାର୍ଯ୍ୟାଳୟର ପାଚେରି ଓ ଅନ୍ୟପଟରେ ଜିଲ୍ଲା ଉଦ୍ୟାନ କୃଷି ବିଭାଗର ପାଚେରି ରହିଛି। ଉଭୟ ପାଚେରି ମଧ୍ୟରେ ରହିଥିବା ପକ୍କା ରାସ୍ତାଟି ଭାଙ୍ଗି ଖାଲଖମାରେ ପରିଣତ ହେବା ସହ ଏହା ଉପରେ କାଦୁଅ ଜମି ରହି ବର୍ଷାଦିନେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ଆଣ୍ଠୁଏ କାଦୁଅ ସୃଷ୍ଟି ହେଉଛି। ଏହି ରାସ୍ତାରେ ବ୍ଲକ କୃଷି କାର୍ଯ୍ୟାଳୟ ରହିଥିବାବେଳେ ବିଭିନ୍ନ ସରକାରୀ କର୍ମଚାରୀଙ୍କ କଲୋନୀ ରହିଛି। ଏହି ରାସ୍ତାରେ ବ୍ଲକ କୃଷି କାର୍ଯ୍ୟାଳୟକୁ ଦୈନିକ ଶହ ଶହ ଚାଷୀ ବିଭିନ୍ନ କାର୍ଯ୍ୟ ନିମନ୍ତେ ଯାଇଥା'ନ୍ତି। ଏଥିସହିତ ଛାଞ୍ଜୁଣିଆ ଗ୍ରାମର ଲୋକେ ମଧ୍ୟ ଏହି ରାସ୍ତାଦେଇ ଯାତାୟାତ କରନ୍ତି। ଏଥିସହିତ ରାସ୍ତାର ବିଭିନ୍ନ ସ୍ଥାନ ଖାଲଖମାରେ ଭର୍ତ୍ତି ହୋଇ ନଷ୍ଟ ହୋଇଯାଇଛି। ଚଳିତ ବର୍ଷାଋତୁରେ ଏହି ଖାଲଖମାରେ ବର୍ଷା ପାଣି ଜମି ରହି ଲୋକଙ୍କ ଯାତାୟାତରେ ବହୁ ସମସ୍ୟା ସୃଷ୍ଟି କରୁଛି। ତୁରନ୍ତ ଏହି ରାସ୍ତାକୁ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଉଦ୍ଭିଦ ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ




ଡେରାବିଶ,୨୮।୭ (ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ସମ୍ମାନ ଶ୍ରେଣୀର ନବାଗତ ପାଇଁ ବିଭାଗୀୟ ମୁଖ୍ୟ ଡଃ ସୁଶ୍ରୀ ପ୍ରିୟଦର୍ଶିନୀ ପଣ୍ଡାଙ୍କ ପୌରୋହିତ୍ୟରେ ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ଯୋଗଦେଇ ଛାତ୍ରଛାତ୍ରୀ ଦେଶର ଭବିଷ୍ୟତ। ସେମାନେ ମନରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୋଷଣ କରି ଦୃଢ଼ ସଂକଳ୍ପ, କଠିନ ପରିଶ୍ରମ ଓ ଅନବରତ ଉଦ୍ୟମ ଜାରି ରଖିଲେ ଭବିଷ୍ୟତରେ ନିଶ୍ଚିତ ସଫଳତା ହୋଇପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବୃନ୍ଦାବନ ଦାସ, ନଗେନ୍ଦ୍ର ପାଣି, ଗୁରୁଚରଣ ସେଠୀ, ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ବିଶ୍ୱଜିତ ସାହୁ, ସଂଜୟ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ସଫଳତାପ୍ରାପ୍ତି ପୂର୍ବକ ନିଜ କ୍ୟାରିୟରକୁ କିପରି ଉଜ୍ଜ୍ୱଳ କରିପାରିବେ, ସେ ସମ୍ପର୍କରେ ମତ ରଖିଥିଲେ। ଶେଷରେ ଅଧ୍ୟାପିକା ସୁଭାଷିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅନଲାଇନରେ ବୟସ ତ୍ରୁଟି

# ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତାରୁ ହିତାଧିକାରୀ ବଞ୍ଚିତ

ମହାକାଳପଡ଼ା,୨୮।୭ (ସମିସ):

ମହାକାଳପଡ଼ା ବ୍ଲକ ଖରିନାସୀ ପଞ୍ଚାୟତ ହରିଆବାଙ୍କ ଗ୍ରାମର ବୃଦ୍ଧା ରୁକ୍ମିଣୀ ପ୍ରଧାନ (ସ୍ୱାମୀ ସ୍ୱର୍ଗତ ଅନୀଲ ପ୍ରଧାନ)ଙ୍କ ବୟସ ଅନଲାଇନ ଭୋଟର ଲିଷ୍ଟରେ ତ୍ରୁଟି ରହିଥିବାରୁ ସେ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ରୁକ୍ମଣୀଙ୍କ ପ୍ରକୃତ ବୟସ ୮୦ ହୋଇଥିବାବେଳେ ଅନଲାଇନ ଭୋଟର ଲିଷ୍ଟରେ ତାଙ୍କ ବୟସ ୬୪ ରହିଛି। ଫଳରେ ସେ ବର୍ଦ୍ଧିତ ଭତ୍ତା ରାଶି ୩୫୦୦ ଟଙ୍କା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।

ରୁକ୍ମିଣୀଙ୍କ ଭୋଟର ପରିଚୟପତ୍ର ଓ ଆଧାର କାର୍ଡରେ ବୟସ ୮୦ ବର୍ଷ ରହିଛି। ଦୀର୍ଘ ୨୦ ବର୍ଷ ଧରି ସେ ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ



ଭତ୍ତା ପାଇଆସୁଛନ୍ତି। ତାଙ୍କ ବଡ଼ପୁଅଙ୍କ ବୟସ ୬୨ ବର୍ଷ ହେଲାଣି। ତେବେ ଅନଲାଇନ ଭୋଟର ଲିଷ୍ଟରେ ରୁକ୍ମଣୀଙ୍କ ବୟସଗତ ତ୍ରୁଟି ରହିଛି। ମହାକାଳପଡ଼ା ଅଞ୍ଚଳର ସମାଜସେବୀ ହରେକୃଷ୍ଣ ପାତ୍ରଙ୍କ ସହଯୋଗରେ ସେ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଅନଲାଇନରେ ଆବେଦନ କରିବାକୁ ଚେଷ୍ଟା କରିଥିବାବେଳେ ଏହି ତ୍ରୁଟି ଜଣାପଡିଥିଲା। ସମାଜସେବୀ ହରେକୃଷ୍ଣ ପାତ୍ର ବର୍ଦ୍ଧିତ ଭତ୍ତା ଆବେଦନ ସମ୍ପର୍କରେ ଜିଲ୍ଲା ସାମାଜିକ ସୁରକ୍ଷା ସହକାରୀ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାରୁ ଅନଲାଇନ ଭୋଟର ଲିଷ୍ଟରେ ବୟସ ତ୍ରୁଟି ସଂଶୋଧନ କରିବା ପରେ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ରୁକ୍ମଣୀଙ୍କ ଭଳି ଗ୍ରାମାଞ୍ଚଳର ଗରିବ ଅପାଠୁଆ ହିତାଧିକାରୀ ଏଭଳି ସରକାରୀ ଅଧିକାରୀଙ୍କ ତ୍ରୁଟି ପାଇଁ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଥିବାରୁ ଅନଲାଇନ ଭୋଟର ଲିଷ୍ଟରେ ସଂଶୋଧନ କରିବାକୁ ସମାଜସେବୀ ହରେକୃଷ୍ଣ ପାତ୍ର ଦାବି କରିଛନ୍ତି।

# ବିଜ୍ଞାନ ଶିକ୍ଷକ ନିଲମ୍ବିତ

ରାଜନଗର,୨୮।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଥିବା ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୧୫ ଜଣ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକ ଅସଦାଚରଣ କରିବା ଘଟଣାରେ ଶିକ୍ଷକଙ୍କୁ ଗତକାଲି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବାରିମୂଳ ଜେଲକୁ ପଠାଇ ଦିଆଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅଭିଯୋଗ ଉପରେ କେସ ନମ୍ବର ୯୧ /୨୦୨୫ରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ବିଜ୍ଞାନ ଶିକ୍ଷକ ଅମର ପ୍ରସାଦ ମଲ୍ଲିକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଶିକ୍ଷକଙ୍କୁ ସସପେଣ୍ଡ କରିବା ସହିତ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ତାଙ୍କର ହେଡକ୍ୱାଟର ଫିକ୍ସ କରାଯାଇଛି।

# 'ଭାଷା ସୁରକ୍ଷା କ୍ଷେତ୍ରରେ ସାହିତ୍ୟ ପତ୍ରିକା ଗୁରୁତ୍ୱପୂର୍ଣ୍ଣ'



କୁଜଙ୍ଗ,୨୮।୭ (ସମିସ): ଆଦିକବି ସାରଳା ଦାସ ଓଡ଼ିଆ ଭାଷାକୁ ସାହିତ୍ୟ ସର୍ଜନା ମାଧ୍ୟମରେ ଲିପିବଦ୍ଧ କରି ଓଡ଼ିଆ ଜାତିକୁ ବିଶ୍ୱରେ ପରିଚୟ ଦେବା ସହିତ ଯେଉଁ ମହାନତା ପ୍ରଦର୍ଶନ କରିଯାଇଛନ୍ତି, ଆଜି ଇଂରାଜୀର ବହୁଳ ବ୍ୟବହାର ଯୋଗୁଁ ଓଡ଼ିଆ ଭାଷା ଅସୁରକ୍ଷିତ ହୋଇପଡ଼ିଛି ବୋଲି ସାହିତ୍ୟ ପତ୍ରିକା ଉନ୍ମୋଚନ ଉତ୍ସବରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କୁଜଙ୍ଗ ଅନ୍ତର୍ଗତ କରତୁଠାସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଡଃ କେଶବଚନ୍ଦ୍ର ଦଳାଇଙ୍କ ପୌରୋହିତ୍ୟରେ ଗୀତା ଦାସଙ୍କ ସମ୍ପାଦନାରେ ପ୍ରକାଶିତ ତ୍ରୈମାସିକ ସାହିତ୍ୟ ପତ୍ରିକା 'ଭାଇ ଭଉଣୀ' ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ଯୋଗଦେଇ ମାତୃଭାଷା ଯେଉଁ ସଂକଟଜନକ ଅବସ୍ଥାରେ ଗତି କରୁଛି, ଏହା ଶୁଭ ସୂଚନା ନୁହେଁ। ଏ କ୍ଷେତ୍ରରେ ସାହିତ୍ୟ ପତ୍ର ପତ୍ରିକା ଆଶ୍ୱାସନାର ବିଷୟ ବୋଲି କହିଥିଲେ। ମୁଖ୍ୟବକ୍ତା 'ପ୍ରିୟବନ୍ଧୁ' ଅଧ୍ୟକ୍ଷ ଡଃ ରଘୁନାଥ ସାହୁ ପାରାଦୀପରେ ଗଢି ଉଠିଥିବା ଶିଳ୍ପ ଅନୁଷ୍ଠାନ ବିଜ୍ଞାପନ ପ୍ରଦାନ କ୍ଷେତ୍ରରେ ନିରୁତ୍ସାହିତ ମନୋଭାବ ପୋଷଣ କରୁଥିବାରୁ କୁଜଙ୍ଗରୁ ସାହିତ୍ୟ ପତ୍ରିକା ପ୍ରକାଶ ପାଇବା ସମ୍ଭବ ହେଉ ନ ଥିବାବେଳେ ଗୀତା ଦାସଙ୍କ ଏକକ ଉଦ୍ୟମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଗାଳ୍ପିକ ଡଃ ସନ୍ତୋଷ ସାମଲ, ଦୀପ୍ତି ଖଣ୍ଡୁଆଳ, କବି ପ୍ରଭାତୀ ମାଝୀ ପ୍ରମୁଖ ଓଡ଼ିଆ ପତ୍ର ପତ୍ରିକା ସମ୍ପର୍କରେ ମତ ରଖିଥିଲେ। ପତ୍ରିକାର ଉପଦେଷ୍ଟା ବିଭୂତି ଭୂଷଣଶ ଦାସ ପ୍ରାରମ୍ଭରେ ସଭାର ଆଭିମୁଖ୍ୟ ବର୍ଣ୍ଣନା କରିଥିବାବେଳେ ବିଜୟ ଖଟେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷା ଓ ବନ୍ୟାରେ ଉଜୁଡ଼ିଲା କାଟଣାବଣିଆ ପଞ୍ଚାୟତର ହଜାର ହଜାର ଏକର ଶାରଦ ଧାନ

ରାଜକନିକା,୨୮।୭ (ସମିସ): ଲଗାଣ ବର୍ଷା ଓ ବନ୍ୟାରେ କାଟଣାବଣିଆ ପଞ୍ଚାୟତର ହଜାର ହଜାର ଏକର ଶାରଦ ଧାନ ଫସଲ ଉଜୁଡ଼ିଯାଇଛି। ପ୍ରଥମେ ଲଗାଣ ବର୍ଷାରେ ଗଜା ଧୋଇଗଲା। ପରେ ଚାଷୀ ଯେତେଥର ତଳି ପକାଇଲେ ସବୁଥର ଲଗାଣ ବର୍ଷାରେ ଶାରଦ ଧାନ ତଳି ଉଜୁଡ଼ିଗଲା। କଷ୍ଟେ ମଷ୍ଟେ ଯେଉଁ ତଳି ଉଠିଲା, ତାହା ଦୁଇଥର ବନ୍ୟାରେ ପୂରା ଉଜୁଡ଼ିଲା। ଫଳରେ କାଟଣାବଣିଆ ପଞ୍ଚାୟତ ଧୋୟାଞ୍ଚଳର ବିଶାବାଟ, ଜୟକୁଣ୍ଡା, ବାଜପୁର, ପତରପୁର, ଡାଏଣିଗିରି



ଓ ବିରାଡ଼ିଆ ମୌଜାର ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ପ୍ରଥମରୁ ଗଜାଧୋଇ ହୋଇଥିଲେ ବି ନା ଏଥିପ୍ରତି କୃଷି ବିଭାଗ, ନା ବ୍ଲକ ପ୍ରଶାସନ ସ୍ଥାଣୁ ଅବସ୍ଥାରେ ରହିବା ଲୋକଙ୍କୁ ଅଧିକ ଯନ୍ତ୍ରଣା ଦେଇଛି। ପ୍ରଶାସନର ଫସଲ କ୍ଷୟକ୍ଷତି ଭରଣା ନିୟମ ଥିବାବେଳେ ରାଜସ୍ୱ ବିଭାଗ ହେଉ ବା କୃଷି ବିଭାଗ କେହି ଏ ନେଇ ଆଦୌ ବ୍ୟଥିତ ନ ଥିବାବେଳେ ହଜାର ହଜାର ଚାଷୀ ଶାରଦ ଫସଲ ଆରମ୍ଭ ମାତ୍ରକେ ଏବେ ବେସାହାରା ହୋଇପଡିଛନ୍ତି। ଚାଷୀ ଅଧିକ ଦାମ୍‌ରେ ବିହନ, ସାର, ହଳ, ମଜୁରି ସାରି ତଳି ପକାଇଥିଲେ ହେଁ ଥରକୁ ଥର ବର୍ଷା ଓ ବନ୍ୟାରେ ଉଜୁଡ଼ିଯାଇଛି। ଚାଷୀଙ୍କ ଏବେ କିଏ ଭରସା ହେବ, ସେ ନେଇ କିଛି ଚାଷୀ ମୁହଁ ଖୋଲିଛନ୍ତି। କାଟଣାବଣିଆ ପଞ୍ଚାୟତର ବିଶାବାଟର ୧୫୦, ଡାଏଣିଗିରିର ୬୩୦ ଏକର, ପତରପୁରର ୧୨୬୦ ଏକର, ଜୟକୁଣ୍ଡାର ୫୪୦ ଏକର ଚାଷଜମିର ତଳି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଥିବାରୁ ଚାଷୀଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି। ଜୟକୁଣ୍ଡା ମୌଜାର ମାଙ୍କରଖିଆ, ତରକୁଲା, ଢୋଧୋୟା ପାଖ, ବଳିନାଳି ପାଖ, ଦକ୍ଷିଣପଟ ଆଦି ୫୪୦ ଏକର ଜମିର ଚାଷ ଉଜୁଡ଼ିଯାଇଛି। ଗତକାଲିଠାରୁ ବ୍ରାହ୍ମଣୀ ଓ ବୈତରଣୀର ସଂଗମସ୍ଥଳ ଧୋୟାଞ୍ଚଳର ୫ଟି ଗ୍ରାମର ଚାଷଜମିରେ ୧୦ ଫୁଟର ବନ୍ୟା ଜଳ ଲହଡ଼ି ମାରୁଛି। ଆଜି ପୁଣି ରେଙ୍ଗାଲି ଡ୍ୟାମରୁ ପାଣି ଆସୁଥିବାରୁ ଆଗକୁ ଏହି ଅଞ୍ଚଳ ସବୁଠୁ ବେଶୀ ପ୍ରଭାବିତ ହେବ। ବର୍ଷା ଓ ବନ୍ୟାରେ ଉବୁଟୁବୁ ଚାଷର କ୍ଷତିଭରଣା ପାଇଁ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀ ମହେଶ୍ୱର ଜେନା, କୁଞ୍ଜବିହାରୀ ଜେନା, ଉତ୍ତମ ଦାସ, ଦିଗମ୍ବର ବେହେରା, ପ୍ରଦୀପ୍ତ ବେହେରା, ରାଜେନ୍ଦ୍ର ବେହେରା, ବାଦଲ ବେହେରା, ବିଷ୍ଣୁଚରଣ ଦାସ ପ୍ରମୁଖ ଦାବି କରିଛନ୍ତି।

# ଆଳି-କନିକା ଉନ୍ନୟନ ପରିଷଦର ସଭ୍ୟ ସଂଗ୍ରହ ଅଭିଯାନ




ରାଜକନିକା, ୨୮।୭ (ସମିସ): ରବିବାର ଭୁବନେଶ୍ୱରସ୍ଥ ପ୍ରେସ୍ ଛକରେ ଥିବା ମା' କାଳୀ ମନ୍ଦିରରେ ଆଳି-କନିକା ଉନ୍ନୟନ ପରିଷଦର ସଭ୍ୟ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କଟକ ଓ ଭୁବନେଶ୍ୱରରେ ଥିବା ଆଳି ଓ ରାଜକନିକା ବ୍ଲକ୍‌ର ଜନଗଣଙ୍କୁ ନେଇ ଗଠିତ ହୋଇଥିବା ଏହି ପରିଷଦର ଚଳିତ ବର୍ଷର ସଭ୍ୟ ସଂଗ୍ରହ ଅଭିଯାନକୁ ବ୍ୟାପକ କରିବାକୁ ଛୁଟି ଦିନରେ ପ୍ରୟାସ ରଖାଯାଇଛି। ଉଭୟ ସହରର ବିଭିନ୍ନ ସ୍ଥାନରେ କର୍ମକ୍ଷେତ୍ରରେ ନିଯୁକ୍ତ ଉଭୟ ବ୍ଲକ୍‌ର ଜନଗଣଙ୍କୁ ଏକ ଅନୁଷ୍ଠାନ ସହ ଯୋଡ଼ି ରଖି ଆଞ୍ଚଳିକ ବିକାଶରେ ନିଜର ସହାଭାଗିତା ରଖିବାକୁ ଚେଷ୍ଟା କରୁଥିବା ପରିଷଦର ଏହି ଉଦ୍ୟମରେ ଗତକାଲି ୨୦ରୁ ଅଧିକ ନୂତନ ସଭ୍ୟ ସାମିଲ ହୋଇଥିଲେ। ଆଳି-କନିକା ଉନ୍ନୟନ ପରିଷଦ ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନୂତନ ଭାବେ ଯୋଗ ଦେଇଥିବା ସଦସ୍ୟଙ୍କୁ ପରିଷଦର କାର୍ଯ୍ୟଶୈଳୀ, ଉପାଦେୟତା ଓ ଆବଶ୍ୟକତା ସମ୍ପର୍କରେ ଅବଗତ କରାଯାଇଥିଲା। ଆଗାମୀ ଦିନରେ ଏହି ଅନୁଷ୍ଠାନ କିପରି ଆହୁରି ଗତିଶୀଳ, ବ୍ୟାପକ ଓ ଜନଜାଗରଣ ସୃଷ୍ଟି କରିବାରେ ସକ୍ଷମ ହେବ, ସେଥିପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇଛନ୍ତି। ବୈଠକରେ ଉପସଭାପତି ନନ୍ଦକିଶୋର ଦାସ ପରିଷଦର ପୃଷ୍ଠଭୂମି, କାର୍ଯ୍ୟକାରିତା ଓ ସାମାଜିକ ଗୁରୁଦାୟିତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ପରିଷଦର ଅନ୍ୟତମ ମାର୍ଗଦର୍ଶକ ପ୍ରଦୀପ ରାଉତ ପରିଷଦର ବିଗତ ଦିନର ଜନମଙ୍ଗଳ କାର୍ଯ୍ୟ ଓ ଆଗାମୀ ଦିନର ଯୋଜନା ନେଇ ଆଲୋଚନା କରିଥିଲେ।

# ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପରୀକ୍ଷା

କେନ୍ଦ୍ରାପଡା,୨୮।୭ (ସମିସ): କେନ୍ଦ୍ରାପଡ଼ା ବ୍ଲକ ଅଧୀନସ୍ଥ ଇନ୍ଦୁପୁରଠାରେ କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବବୃହତ୍ ପଞ୍ଚକଳା ଶିକ୍ଷାନୁଷ୍ଠାନ ପାୟଲ ମ୍ୟୁଜିକ୍ ସ୍କୁଲ ପରିସରରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପରିଚାଳିତ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ନୃତ୍ୟ, ସଙ୍ଗୀତ, ବାଦ୍ୟ ବିଷୟରେ ପ୍ରାଟିକାଲ୍ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଛି। ଏହି ପରୀକ୍ଷା ଦେବାକୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଥିବା ପାୟଲ ମ୍ୟୁଜିକ୍ ସ୍କୁଲ ଦ୍ୱାରା ପରିଚାଳିତ ହେଉଥିବା ଶାଖାର ଛାତ୍ରଛାତ୍ରୀ ଓ ପାୟଲ ମ୍ୟୁଜିକ୍ ସ୍କୁଲ ଇନ୍ଦୁପୁରର ପାଖାପାଖି ୨୫୭ ଜଣ ଛାତ୍ରଛାତ୍ରୀ ବାର୍ଷିକ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପରୀକ୍ଷକ ଭାବେ ଗୁରୁ ସମୀକ୍ଷା ଦୀକ୍ଷିତ ଓ ଦେବବ୍ରତ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତ ଗୁରୁ ଭାସ୍କର ଚନ୍ଦ୍ର ବେହେରା, ଓଡ଼ିଶୀ ନୃତ୍ୟଗୁରୁ ଦୀପକ ନନ୍ଦି, ତବଲା ଗୁରୁ ବାଲ୍ମିକ ଦାସ, ମର୍ଦ୍ଦଣ୍ଡ ନୃତ୍ୟ ଗୁରୁ ସୁବାସ ମିଶ୍ର ଓ ବିକ୍ରମ ଦାସ, ଚିତ୍ରକଳା ଗୁରୁ ବିକାଶ କୁମାର ସାହୁ ଉପସ୍ଥିତ ଥିଲେ। ଏହି ବାର୍ଷିକ ପରୀକ୍ଷାକୁ ଅନୁଷ୍ଠାନର ପ୍ରତିଷ୍ଠାତା ଦେବାଶିଷ ସାମଲ ପରିଚାଳନା କରିଥିଲେ।

## ଜିଲ୍ଲା ଅଲ୍ ବ୍ୟାଙ୍କ୍ ଗୋଲ୍ଡ ଅପ୍ରାଇଜର ୟୁନିଅନର ବୈଠକ



କୁଜଙ୍ଗ,୨୮।୭(ସମିସ): ଜିଲ୍ଲା ଅଲ୍ ବ୍ୟାଙ୍କ୍ ଗୋଲ୍ଡ ଅପ୍ରାଇଜର ୟୁନିଅନ୍, ଓଡ଼ିଶା ସ୍ୱର୍ଣ୍ଣକାର ସମାଜ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗଣେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଗୋଲ୍ଡ ଅପ୍ରାଇଜର ଓ ସ୍ୱର୍ଣ୍ଣକାର ବ୍ୟବସାୟୀ ଯୋଗଦେଇ ସ୍ୱର୍ଣ୍ଣକାର ପରିବାର ଓ ବ୍ୟାଙ୍କ୍‌ରେ ସୁନା ଗହଣା ମୂଲ୍ୟ ନିର୍ଦ୍ଧାରଣକାରୀଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଆଲୋକପାତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀବତ୍ସ ସାହୁ, ପ୍ରଦୀପ୍ତ ସାଥୁଆ, ପୂର୍ଣ୍ଣଚନ୍ଦ୍ର ସାହୁ, ନିରଞ୍ଜନ ସାହୁ, ସୁଦାମ ସାହୁ, ଦେବେନ୍ଦ୍ର ସାହୁ, ତପନ ସାହୁ, ରାମଚନ୍ଦ୍ର ସାହୁ, ବିଜୟ ସାହୁ, ଆଲୋକ ସାହୁ, ପ୍ରକାଶ ସାହୁ ଅଂଶଗ୍ରହଣ କରି ନିଜ ନିଜର ମତ ଦେଇଥିଲେ। ସାଧାରଣ ସମ୍ପାଦକ ତାପସ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସମସ୍ତ ଜିଲ୍ଲାର ଅଳଙ୍କାର ବ୍ୟବସାୟୀ ଅଂଶଗ୍ରହଣ କରିଥିଲେ।

## ଭାରତୀୟ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା ପାଇଁ ଆବେଦନ ଆହ୍ୱାନ

ଜଗତସିଂହପୁର, ୨୮।୭(ସମିସ): ଜାତୀୟ ମାନବାଧିକାର ଆୟୋଗଙ୍କ ପକ୍ଷରୁ ୨୦୧୫ରେ ମାନବାଧିକାର ଉପରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ ଏହି ପ୍ରତିଯୋଗିତାର ୧୧ତମ ସଂସ୍କରଣ ପାଇଁ ଆୟୋଗ ପକ୍ଷରୁ ଯେକୌଣସି ବୟସ, ଗୋଷ୍ଠୀ ନିର୍ବିଶେଷରେ ଦେଶର ନାଗରିକଙ୍କଠାରୁ ଅନଲାଇନରେ ଆବେଦନ ଆହ୍ୱାନ କରାଯାଇଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଷ୍ଠ ଚଳଚ୍ଚିତ୍ର ପାଇଁ ପୁରସ୍କାର ରାଶି ଯଥାକ୍ରମେ ୨ ଲକ୍ଷ, ୧ ଲକ୍ଷ ୫୦ ହଜାର ଓ ୧ ଲକ୍ଷ ଟଙ୍କା ରଖାଯାଇଛି। ଜୁରୀଙ୍କ ଦ୍ୱାରା ସୁପାରିଶ କରାଗଲେ ଆୟୋଗ ତିନୋଟି ନଗଦ ପୁରସ୍କାର, ପ୍ରମାଣପତ୍ର ଓ ଟ୍ରଫି ସହିତ ସର୍ବାଧିକ ୪ଟି ଚଳଚ୍ଚିତ୍ରକୁ ୫୦ ହଜାର ଟଙ୍କା ନଗଦ ପୁରସ୍କାର ସହିତ ବିଶେଷ ଉଲ୍ଲେଖ ପ୍ରମାଣପତ୍ର ପ୍ରଦାନ କରିବାକୁ ମଧ୍ୟ ବିଚାର କରିପାରିବେ। ମାନବାଧିକାର ସଂସ୍କୃତି ଓ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ସର୍ବନିମ୍ନ ୩ ମିନିଟ ଓ ସର୍ବାଧିକ ୧୦ ମିନିଟ ମଧ୍ୟରେ କ୍ଷୁଦ୍ର ଚଳଚ୍ଚିତ୍ର ହେବା ଆବଶ୍ୟକ। ଏହି ନାଗରିକ କୈନ୍ଦ୍ରିକ ପଦକ୍ଷେପରେ ଲୋକଙ୍କ ସର୍ବାଧିକ ଅଂଶ ଗ୍ରହଣକୁ ଏହାଦ୍ୱାରା ଉତ୍ସାହିତ କରାଯାଇପାରିବ। ଚଳଚ୍ଚିତ୍ର ହିନ୍ଦୀ, ଇଂରାଜୀ କିମ୍ବା ଯେକୌଣସି ଭାରତୀୟ ଭାଷାରେ ହୋଇପାରେ। ଆବେଦନର ଶେଷ ଦିବସ ଅଗଷ୍ଟ ୩୧ ତାରିଖ ରଖାଯାଇଛି। ଜିଲ୍ଲାର ଆଗ୍ରହୀ ବିଭିନ୍ନ ଅନୁଷ୍ଠାନ, ମହାବିଦ୍ୟାଳୟ, ନାଗରିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପଞ୍ଚାୟତ ଗୁଗୁଲ୍ ଡ୍ରାଇଭ୍ ବ୍ୟବହାର କରି ପ୍ରବେଶଗୁଡ଼ିକ ଅନଲାଇନରେ ପଠାଇ ପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସର୍ବଭାରତୀୟ ପ୍ରତିଯୋଗିତାରେ ପାରାଦୀପ ଗଲ୍ଫ କ୍ଲବର ସଫଳତା



ପାରାଦୀପ,୨୮।୭(ସମିସ): ଚେନ୍ନାଇର ନଇଭେଲିଠାରେ ଚଳିତ ମାସ ୧୯ ଓ ୨୦ ତାରିଖ ଦୁଇଦିନ ଧରି ଆୟୋଜିତ ସର୍ବଭାରତୀୟ ଆମନ୍ତ୍ରଣୀୟ ଗଲ୍ଫ ପ୍ରତିଯୋଗିତା ସିଏମଡି ଟ୍ରଫି-୨୦୨୫ରେ ପାରାଦୀପ ବନ୍ଦର ଗଲ୍ଫ କ୍ଲବ (ପିଜିସି) ସଫଳତା ହାସଲ କରିଛି। ମନୋଜ ମହନ୍ତ, ଦୀପକ ଷଡଙ୍ଗୀ, ଦିଲ୍ଲୀପ ବେହେରା ଓ ରଞ୍ଜିତ ବୋମାଲି ଦଳଗତ ଭାବେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଧର୍ମେନ୍ଦ୍ର ଦାସ ବ୍ୟକ୍ତିଗତ ଇଭେଣ୍ଟରେ ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ସର୍ବଭାରତୀୟ ପ୍ରତିଯୋଗିତାରେ ପାରାଦୀପ ଗଲ୍ଫ କ୍ଲବ୍‌ର ଏହା ପ୍ରଥମ ଦଳଗତ ସଫଳତା।

## ନଦୀକୁ ଡେଇଁ ଯୁବକ ନିଖୋଜ



ରାଜନଗର,୨୮।୭(ସମିସ): ଆଜି ରାତି ପ୍ରାୟ ୯ ଘଟିକା ସମୟରେ ନଦୀକୁ ଡେଇଁ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ଘାଟ ନିକଟରେ ଗାଁର ଅନ୍ୟ ଲୋକମାନେ ବସିଥିବାବେଳେ ଚାଲି ଚାଲି ଆସି ଯୁବକ ଜଣଙ୍କ ନଦୀକୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଲୋକେ ଓ ପୁଲିସ ବୋଟ୍ ମାଧ୍ୟମରେ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କୁ ଠାବ କରାଯାଇପାରିନାହିଁ। ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ନଳିତାପାଟିଆ ଗାଁର ବନମାଳୀ ନାୟକଙ୍କ ପୁଅ ଚୈତନ୍ୟ ନାୟକ (୩୨ ବର୍ଷ ) ରାଜ୍ୟ ବାହାରେ କାମ କରନ୍ତି। ୧୮ ଦିନ ପୂର୍ବେ ତାଙ୍କ ପରିବାରର ସ୍ୱାମୀସ୍ତ୍ରୀ ବନ୍ଦ ଘରେ ଆତ୍ମହତ୍ୟା କରିଥିବାରୁ ଶୁଦ୍ଧି ହେବାକୁ ଗାଁକୁ ଆସିଥିଲେ। ଆଜି ରାତି ପ୍ରାୟ ୯ ଘଟିକା ସମୟରେ ଗାଁ ନିକଟରେ ବହିଯାଇଥିବା ବୈତରଣୀ ନଦୀ ନିକଟକୁ ଚାଲି ଚାଲି ଆସିଥିଲେ। ନଳିତାପାଟିଆ ଘାଟ ନିକଟରେ ନଦୀକୁ ଡେଇଁଥିଲେ। ନଦୀରେ ସ୍ରୋତ ଥିବାରୁ ସେ ଭାସିଯାଇଥିଲେ। ସ୍ଥାନୀୟ ଲୋକେ ଓ ତାଳଚୁଆ ସାମୁଦ୍ରିକ ଥାନା ପୁଲିସ ବୋଟ ମାଧ୍ୟମରେ ଖୋଜା ଖୋଜି ଜାରି ରଖିଛନ୍ତି। ଅନ୍ଧାର ଏଥିରେ ପ୍ରତିବନ୍ଧକ ସୃଷ୍ଟି କରୁଛି।

## ମହାନଦୀରୁ ପାଣି ଉଠାଇ ବିଭିନ୍ନ ଶୈବପୀଠରେ ଜଳଲାଗି କଲେ ୧୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ

ମଣିଜଙ୍ଗା, ୨୮।୭(ସମିସ): ଶ୍ରାବଣ ମାସର ତୃତୀୟ ସୋମବାରରେ ପାଣିଲାଗି କରିବାକୁ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତାର୍ତ୍ତୋଲ ଓ ମଣିଜଙ୍ଗା ମହାନଦୀ ଘାଟରୁ ୧୦ ହଜାରରୁ ଊର୍ଦ୍ଧ୍ୱ କାଉଡିଆ ପାଣି ଉଠାଇ ଗୋରେଖନାଥ ପୀଠ, ପିପ୍ପଳମାଧବର ଧର୍ମେଶ୍ୱର ମହାଦେବ ପୀଠ, ପଞ୍ଚପଲ୍ଲୀ ଗ୍ରାମେଶ୍ୱର ମନ୍ଦିର, ପଶ୍ଚିମେଶ୍ୱର ଆଦି ମନ୍ଦିରକୁ ଯାଉଥିବା ଦେଖିବାକୁ ମିଳିଛି। କାଉଡ଼ିଆଙ୍କ ପାଇଁ ବିଭିନ୍ନ ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଖାଦ୍ୟର ବ୍ୟବସ୍ଥା କରାଯାଇଛି।

### ପାରାଦୀପରେ 'ସକାଳ' ଓ 'ନନ୍ଦିଘୋଷ' ପରିବାର ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ

# 'ବୃକ୍ଷରୋପଣ ହିଁ ପରିବେଶକୁ ସନ୍ତୁଳିତ କରିପାରିବ'

ପାରାଦୀପ, ୨୮।୭(ସମିସ)





ଆଜି ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ। ପ୍ରକୃତି ସଂରକ୍ଷଣର ଏକମାତ୍ର ମାଧ୍ୟମ ହେଉଛି ବୃକ୍ଷ। ବୃକ୍ଷରୋପଣ ଦ୍ୱାରା ହିଁ ପ୍ରକୃତି କ୍ଷୟକୁ ପ୍ରତିହତ କରିବା ସହିତ ପରିବେଶରେ ସନ୍ତୁଳନ ରକ୍ଷା କରାଯାଇପାରିବ ବୋଲି ଓଡ଼ିଶାର ଲୋକପ୍ରିୟ ଟିଭି ଚ୍ୟାନେଲ 'ନନ୍ଦିଘୋଷ' ଟିଭି ଓ ଦୈନିକ ଖବରକାଗଜ 'ସକାଳ' ପକ୍ଷରୁ ଆୟୋଜିତ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

'ସକାଳ' ଓ 'ନନ୍ଦିଘୋଷ' ପରିବାର ପକ୍ଷରୁ ପ୍ରକୃତି, ପରିବେଶ, ପ୍ରକୃତି ଓ ଭୂମିରେ ଜଳର ଆର୍ଦ୍ରତା ବଜାୟ ରଖିବା ପାଇଁ ସ୍ୱତନ୍ତ୍ର ପ୍ରୟାସ କରାଯାଇଛି। ଆଜି ଦିନ ୧୦ଟା ସମୟରେ ପାରାଦୀପ କଲେଜ ପରିସରରେ ୧୦୦ରୁ ଊର୍ଦ୍ଧ୍ୱ ଫଳ ଗଛ ଚାରା ରୋପଣ କରାଯାଇଛି। ପାରାଦୀପର 'ସକାଳ' ଖବରକାଗଜ ପ୍ରତିନିଧି ସୁରେନ୍ଦ୍ର କୁମାର ବିଶ୍ୱାଳ ଓ 'ନନ୍ଦିଘୋଷ' ଟିଭି ରିପୋର୍ଟର ଅରୁଣ କୁମାର ଓଝାଙ୍କ ନେତୃତ୍ୱରେ ଏହି ମେଗା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାଦୀପ କଲେଜର ଅଧ୍ୟକ୍ଷା ସସ୍ମିତା ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହିତ ପାରାଦୀପର ଦୁଇଟି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନୀଳଚକ୍ର ୟୁଥ୍ କ୍ଲବ୍ ଓ କଳିଙ୍ଗ ମହିଳା ସଂଗଠନର ସଦସ୍ୟସଦସ୍ୟାଙ୍କ ସହିତ ପାରାଦୀପ କଲେଜ ଛାତ୍ରଛାତ୍ରୀ ଓ ପାରାଦୀପର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ସହଯୋଗ କରିବା ସହ ବୃକ୍ଷରୋପଣ କରିଥିଲେ। 'ସକାଳ' ଓ 'ନନ୍ଦିଘୋଷ' ଟିଭିର ଏହି ପ୍ରୟାସକୁ ଉଭୟ ସଂଗଠନ ପ୍ରଶଂସା କରିଛନ୍ତି। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷା ଡଃ ସସ୍ମିତା ଶତପଥୀ, ଅଧ୍ୟାପକ ଗଣେଶ୍ୱର ପାତ୍ର ଓ ଅକ୍ଷୟ ମିଶ୍ର, କଳିଙ୍ଗ ମହିଳା ଶକ୍ତି ସଭାପତି ମନୋରମା ଖାଟୁଆ, ସାଧାରଣ ସମ୍ପାଦିକା କମଳା ଓଝା, କୋଷାଧ୍ୟକ୍ଷ ରବୀନ୍ଦ୍ର ମଲ୍ଲିକ, ପ୍ରମିଳା ଗୋଚ୍ଛାୟତ, ଲକ୍ଷ୍ମୀପ୍ରିୟା ପାଲ, କଲ୍ୟାଣୀ ସ୍ୱାଇଁ, ସରୋଜିନୀ ସ୍ୱାଇଁ, ମୀନା କୁମାରୀ, ନୀଳଚକ୍ର ୟୁଥ କ୍ଲବ ସଭାପତି ଦେବ ମଣ୍ଡଳଙ୍କ ସହିତ ସଂଗଠନର ଅନ୍ୟ ସଦସ୍ୟ ଲକ୍ଷ୍ମଣ ପରିଡା, ଚନ୍ଦନ ଗାୟନ ଓ ରାକେଶ ସାହୁ, ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଅଜିତ ଦାସ, ପ୍ରଭାତ ମହାପାତ୍ର, ହରିଶ୍ଚନ୍ଦ୍ର ଲେଙ୍କା, ସୁଦର୍ଶନ ବିଶ୍ୱାଳ, ପ୍ରଶାନ୍ତ ରାଉତ, ବିରଜା ସେଠୀ, ପୁରୁଷୋତ୍ତମ ଶତପଥୀ, ମନୋଜ ସାହୁ ଓ ପରିବେଶ ପାଇଁ କାମ କରୁଥିବା ବାପି ଗୋଚ୍ଛାୟତଙ୍କ ସମେତ ପାରାଦୀପ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### 'ସ୍ମୃତି ମୋ ମାଟିର' ୪୫ତମ ଅର୍ଘ୍ୟରେ ସମାଜସେବୀ ଅନ୍ତର୍ଯ୍ୟାମୀ ପଟ୍ଟନାୟକ

## 'ମାଟିର ଋଣ ପରିଶୋଧ ପାଇଁ ପ୍ରୟାସ କରିବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ'

ଜଗତସିଂହପୁର,୨୮।୭(ସମିସ): ମାଟିର ସଫଳ ବ୍ୟକ୍ତିଙ୍କ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତିରେ ଭାଗିଦାରୀ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ କରୋନ ମହାମାରୀ କାଳରୁ ଆୟୋଜିତ ହୋଇଆସୁଥିବା ମାସିକ ଯୁବ ବୁଦ୍ଧିଜୀବୀ ସଂଗୋଷ୍ଠୀ "ସ୍ମୃତି ମୋ ମାଟିର' କାର୍ଯ୍ୟକ୍ରମର ୪୫ତମ ଅର୍ଘ୍ୟରେ ଜିଲ୍ଲାର ବିଶିଷ୍ଟ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଓ ସମର୍ପିତ ସମାଜସେବୀ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଯୋଗଦେଇ ନିଜ ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ସେ କହିଥିଲେ, ମାଟିର ଋଣ ପରିଷୋଧ ପାଇଁ ପ୍ରୟାସ କରିବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ ଅଟେ। ଯେଉଁ ମାଟି ଆମକୁ ଦୁର୍ବଳରୁ ସବଳ କରିଛି, ତାହା ପ୍ରତି କର୍ତ୍ତବ୍ୟ ନିର୍ବାହ କରିବା ପ୍ରତ୍ୟେକ ମଣିଷର ଦାୟିତ୍ୱ। ଓଡ଼ିଶା ସତ୍ୟସାଇ ସଂଗଠନର ପୂର୍ବତନ ଟ୍ରଷ୍ଟି ତଥା ପାରାଦୀପର ବିଶିଷ୍ଟ ଉଦ୍ୟୋଗପତି ଶ୍ରୀ ପଟ୍ଟନାୟକ ତାଙ୍କ ଯୁବକ ସମୟରୁ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଓ ସଂସ୍କୃତି ପାଇଁ ଅନବରତ କାର୍ଯ୍ୟ କରିଆସୁଛନ୍ତି। ନିଜର ଅନନ୍ୟ ସେବା ଓ ସମର୍ପଣ ପାଇଁ ସେ ଓଡ଼ିଶା ଓ ଓଡ଼ିଶା ବାହାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଜଗତସିଂହପୁର ବିକାଶ ମଞ୍ଚ, ମହାତ୍ମା ଗାନ୍ଧୀ ସର୍ବସାଧାରଣ ଜ୍ଞାନକେନ୍ଦ୍ର ଓ ନୂଆଦିଲ୍ଲୀ ଓଡିଆ ବୁଦ୍ଧିଜୀବୀ ଫୋରମ ଦି ଇଣ୍ଟେଲେକ୍ଟସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରୁଥିବା ଆବାହକ ଶ୍ରୀ ରାଉତ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କୁ ମିଳିତ ଭାବେ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଲେଖିକା ବିଜୟଲକ୍ଷ୍ମୀ ପଟ୍ଟନାୟକ, ସାଇ ଆଶ୍ରିତ ବସନ୍ତ ଲେଙ୍କା, ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ, ଶିକ୍ଷାବିତ ଡଃ ଜ୍ୟୋତିର୍ମୟୀ ମହାନ୍ତି, ଶିକ୍ଷାବିତ ରୁନୁବାଳା ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷାବିତ ସିଦ୍ଧେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଓଁକାର ଧ୍ୱନି ପଣ୍ଡିତ ପ୍ରଦୀପ୍ତ ଶତପଥୀ କରିଥିଲେ। ସଂଯୋଜକ ନଗେନ୍ଦ୍ର ନାଥ ସ୍ୱାଇଁ ଅତିଥିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଯୁବ କବି ସୀତାଂଶୁ ଜେନାଙ୍କ ସଂଯୋଜନାରେ କବିତା ଆସର ଆୟୋଜିତ ହୋଇଥିଲା। କବି ମହମ୍ମଦ ମନସୁର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।

### • ବାସୁଦେବ ବିଦ୍ୟାଳୟରେ ଶିକ୍ଷକ ଅଭାବ

## ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରଛାତ୍ରୀଙ୍କ ଧାରଣା



ନାଉଗାଁ, ୨୮।୭(ସମିସ): ପାଖେଇ ଆସୁଛି ଦଶମ ବୋର୍ଡ ପରୀକ୍ଷା। ସେଥିରେ ପୁଣି ସରକାର ଘୋଷଣା କଲେଣି ଏହି ଶ୍ରେଣୀରେ ଦୁଇଥର ହେବ ବୋର୍ଡ ପରୀକ୍ଷା। ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ପାଠପଢ଼ାରେ ସମସ୍ୟା ଉପୁଜୁଛି। ଏଭଳି ସମସ୍ୟା ଦେଖିବାକୁ ମିଳିଛି ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡାଂଶ ପଞ୍ଚାୟତର ବାସୁଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ। ଫଳରେ ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରଛାତ୍ରୀ ଧାରଣା ଦେଇଛନ୍ତି। ଉକ୍ତ ବିଦ୍ୟାଳୟର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ୮୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ପ୍ରଧାନଶିକ୍ଷକଙ୍କ ସମେତ ତିନିଜଣ ଶିକ୍ଷକ ଅଛନ୍ତି। ୬ ମାସ ଧରି ଗଣିତ ଶିକ୍ଷୟିତ୍ରୀ ଛୁଟିରେ ଥିବାବେଳେ ଏକ ବର୍ଷ ଧରି ବିଜ୍ଞାନ, ହିନ୍ଦୀ, ସଂସ୍କୃତ, ଖେଳ ଶିକ୍ଷକଙ୍କ ପଦବୀ ଖାଲି। ଏଭଳି ସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଛାତ୍ରଛାତ୍ରୀ ଅଧ୍ୟୟନ କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ଭୋଗୁଥିବା ଅଭିଭାବକ ଅଭିଯୋଗ କରୁଛନ୍ତି। ବାରମ୍ବାର ଅଭିଯୋଗ ପରେ କୌଣସି ସୁଫଳ ମିଳୁ ନ ଥିବାରୁ ଆଜି ଏହି ବିଦ୍ୟାଳୟରେ ଅଭିଭାବକଙ୍କ ସହିତ ଛାତ୍ରଛାତ୍ରୀ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ବାହାରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ଛାତ୍ରଛାତ୍ରୀ ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଭିମୁଖେ ଚାଲିଚାଲି ରାସ୍ତାରେ ଯିବାବେଳେ ନାଉଗାଁ ଥାନା ଅଧିକାରୀ ପ୍ରଦୀପ୍ତ କାନୁନଗୋ ପହଞ୍ଚି ବୁଝାସୁଝା କରିବା ପରେ ଘଟଣା ଥମିଥିଲା। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସେ ଏ ନେଇ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରିଛନ୍ତି। ଏଥିପ୍ରତି ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ପାରାଦୀପ ବନ୍ଦରର ରେକର୍ଡ ୫୦ ମିଲିୟନ୍ ମେଟ୍ରିକ୍ ଟନ୍ କାର୍ଗୋ ପରିବହନ

ପାରାଦୀପ, ୨୮।୭(ସମିସ): ଚଳିତ ଆର୍ଥିକ ବର୍ଷର ପ୍ରଥମ ଚାରିମାସ ପୂରା ହେବାକୁ ୪ ଦିନ ବାକି ରହିଥିବାବେଳେ ପାରାଦୀପ ବନ୍ଦର ୫୦ ମିଲିୟନ୍ ମେଟ୍ରିକ୍ ଟନ୍ (ଏମଏମଟି) କାର୍ଗୋ ପରିବହନ କରି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ଯାହାକି ପାରାଦୀପ ବନ୍ଦର ଇତିହାସରେ ସଫଳତାର ନୂଆ ଫର୍ଦ୍ଦ ଯୋଡ଼ିଛି। ପାରାଦୀପ ବନ୍ଦର ଅଧିକାରୀ, କର୍ମଚାରୀ, ଶ୍ରମିକଙ୍କ ଦଳଗତ କାର୍ଯ୍ୟ ଯୋଗୁଁ ଏହି ସଫଳତା ମିଳିଥିବା ନେଇ ପାରାଦୀପ ବନ୍ଦର ପକ୍ଷରୁ କୁହାଯାଇଛି। କୋଇଲା ପରିବହନରେ ୨୨.୦୬ ଏମଏମଟି, କନେର କାର୍ଗୋ ପରିବହନରେ ୨୭.୮୦ ପ୍ରତିଶତ ଅଭିବୃଦ୍ଧି ହୋଇଥିବାବେଳେ ଅଶୋଧିତ ତୈଳ ପରିବହନ କ୍ଷେତ୍ରରେ ୧୧.୩୬ ଏମଏମଟି ପଣ୍ୟ ପରିବହନ କରି ୧୪.୯୭ ପ୍ରତିଶତ ଅଭିବୃଦ୍ଧି ଘଟିଥିବାବେଳେ ଫର୍ଟିଲାଇଜର ପରିବହନରେ ୮.୪୧ ପ୍ରତିଶତ ବୃଦ୍ଧି ପାଇଛି। ଏହି ସଫଳତା ହାସଲ ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ କେନ୍ଦ୍ର ବନ୍ଦର, ଜହାଜ ଚଳାଚଳ ଓ ଜଳମାର୍ଗ ବିଭାଗ ମନ୍ତ୍ରୀଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଏହି ସଫଳତା ମିଳିଥିବା କହିଛନ୍ତି। ଏହି ସଫଳତା ସମଗ୍ର ଦେଶର ବନ୍ଦର ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବା ସହିତ ନୌବାଣିଜ୍ୟ କ୍ଷେତ୍ରରେ ଏହା ଏକ ନୂଆ ଇତିହାସ ରଚନା କରିବ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

କୁଜଙ୍ଗ,୨୮।୭(ସମିସ): କଟକ-ପାରାଦୀପ ରାସ୍ତାର କୁଜଙ୍ଗ-ଭୂତମୁଣ୍ଡାଇ ମଧ୍ୟଭାଗ ୧୬ନଂ ଛକ ନିକଟରେ ଆଜି ସିରିଜ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ପଛରୁ କାର୍ ଧକ୍କା ଦେଇଥିବାବେଳେ ବୁଲେଟ୍‌କୁ ଟ୍ରକ୍ ଧକ୍କା ଦେଇଥିଲା। ବାଇକ୍ ଚାଳକ ଗୁରୁତର ହୋଇଥିବାବେଳେ ଦୁର୍ଘଟଣା ଘଟାଇଥିବା କାର୍ ଓ ବାଇକ କ୍ଷତିଗ୍ରସ୍ତ ହୋଇଛି। ଗୁରୁତରଙ୍କୁ କୁଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଲୋକେ ଟ୍ରକ ଡ୍ରାଇଭରକୁ ମାଡ଼ ମାରିଥିଲେ। ପୁଲିସ ପହଞ୍ଚିବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। କାର୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଗୁରୁତର ଆହତ ହେଇଥିବା ସ୍ଥାନୀୟ ଝିମାଣି ଅଞ୍ଚଳର ଯୁବକ ତଥା ବାଇକ୍ ଆରୋହୀ ଅରକ୍ଷିତ ବାରିକ କୁଜଙ୍ଗ ଥାନାରେ ଅଭିଯୋଗ କରିଛନ୍ତି।

## ୯୦ ପ୍ରତିଶତ ଭିନ୍ନକ୍ଷମଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ଦାବି



କୁଜଙ୍ଗ,୨୮।୭(ସମିସ): ଶରୀରର ୯୦ ପ୍ରତିଶତ ଭିନ୍ନକ୍ଷମ। ତେବେ ନୂଆ ସରକାରଙ୍କ ନୂଆ ଯୋଜନାରେ ୩ ହଜାର ୫ ଶହ ଟଙ୍କା ଭତ୍ତା ଏଯାବତ୍ ମିଳୁନାହିଁ। କୁଜଙ୍ଗ ଥାନା ଚଟୁଆ ପଞ୍ଚାୟତ ଅନ୍ତର୍ଗତ ଜନାର୍ଦ୍ଦନପୁର ଗ୍ରାମର ରାଜେନ୍ଦ୍ର କୁମାର ପାତ୍ରଙ୍କ ପୁଅ ଅମିତ୍ କୁମାର ପାତ୍ର (୧୧) ୯୦ ପ୍ରତିଶତ ଭିନ୍ନକ୍ଷମ। ସେ ଦୀର୍ଘ କିଛିବର୍ଷ ଧରି ହଜାର ଟଙ୍କା ଭିନ୍ନକ୍ଷମ ଭତ୍ତା ପାଇଆସୁଛନ୍ତି। ନୂଆ ସରକାରଙ୍କ ନୂଆ ଯୋଜନାରେ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମଙ୍କୁ ୩ ହଜାର ୫ ଶହ ଟଙ୍କା ଭତ୍ତା ଯୋଜନାରେ ଅମିତଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ଏଥିପାଇଁ ତାଙ୍କ ବାପା ପଞ୍ଚାୟତ ଓ ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ଏ ସମ୍ପର୍କିତ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ କଥା କେହି ଶୁଣୁ ନ ଥିବା ପ୍ରକାଶ କରିଛନ୍ତି। ତେବେ ଅମିତଙ୍କୁ ସରକାର ୩ ହଜାର ୫ ଶହ ଟଙ୍କା ଭିନ୍ନକ୍ଷମ ଭତ୍ତା ଯୋଗାଇ ଦେବା ସହିତ କୌଣସି ସଂସ୍ଥା କିମ୍ବା ବଦାନ୍ୟ ବ୍ୟକ୍ତି ସାହାଯ୍ୟ କରିବାକୁ ଜନାର୍ଦ୍ଦନପୁର ଗ୍ରାମବାସୀ ଦାବି କରିଛନ୍ତି।

### • ଶିକ୍ଷକଙ୍କ ଡେପୁଟେସନ ବାତିଲ ଦାବି

## ସ୍କୁଲ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା



କୁଜଙ୍ଗ,୨୮।୭(ସମିସ): କୁଜଙ୍ଗ ବ୍ଲକ୍ ବଗଦିଆ ପଞ୍ଚାୟତର ଝିମୀଣୀସ୍ଥ ଜନତା ବିଦ୍ୟାପୀଠରେ ଆଜି ଛାତ୍ରଛାତ୍ରୀ ଓ ଅଭିଭାବକ ୨ ଜଣ ଶିକ୍ଷକଙ୍କ ଡେପୁଟେସନ ବାତିଲ ଦାବିରେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ଓ କଳା ଶିକ୍ଷକଙ୍କୁ ଅନ୍ୟତ୍ର ଡେପୁଟେସନରେ ପଠାଯାଇଥିବା ସୂଚନା ପାଇବା ପରେ ଏହି ଧାରଣା ଦିଆଯାଇଥିବା ଜଣାପଡ଼ିଛି। ତିନି ଘଣ୍ଟା ପରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରଧାନଶିକ୍ଷକ ଜାନକୀ ବଲ୍ଲଭ ମହାନ୍ତିଙ୍କ ଜରିଆରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟକୁ ଦାବିପତ୍ର ପଠାଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଏହି ଦାବିକୁ ବିଚାର କରି ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଜନତା ବିଦ୍ୟାପୀଠରେ କାର୍ଯ୍ୟରତ ବିଜ୍ଞାନନ ଶିକ୍ଷକ ଉପାନନ୍ଦ ମହାନ୍ତି ଓ କଳା ଶିକ୍ଷକ ୬୦ ପ୍ରତିଶତ ଭିନ୍ନକ୍ଷମ ଆଶୁତୋଷ ମୁଦୁଲୀଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଅନ୍ୟତ୍ର ଡେପୁଟେସନରେ ପଠାଇଛନ୍ତି। ଛାତ୍ରଛାତ୍ରୀଙ୍କ ତୁଳନାରେ ଶିକ୍ଷକଙ୍କ ସଂଖ୍ୟା କମ୍ ଥିବାରୁ ଅଭିଭାବକ, ଛାତ୍ରଛାତ୍ରୀ ବିରୋଧ କରିଥିଲେ। ସ୍କୁଲ ଖୋଲିବା ପୂର୍ବରୁ ଛାତ୍ରଛାତ୍ରୀ ଧାରଣାରେ ବସିଥିଲେ।

## ଶାରଳା ମନ୍ଦିର ନୂତନ ପରିଚାଳନା କମିଟି ଗଠିତ

ପାରାଦୀପ, ୨୮।୭ (ସମିସ): ବନ୍ଦର ସହରରେ ଥିବା ମା' ଶାରଳା ମନ୍ଦିରର ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ମନ୍ଦିର ପରିସରରେ ବୈଠକ ବସିଥିଲା। ପରିଚାଳନା କମିଟିର ସଦସ୍ୟ ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ବୈଠକକୁ ବହୁ ପୁରୁଣା ସଦସ୍ୟଙ୍କ ସମେତ କେତେକ ନୂତନ ସଦସ୍ୟଙ୍କୁ ନିମନ୍ତ୍ରଣ କରାଯାଇଥିଲା। ନୂତନ ପରିଚାଳନା କମିଟିରେ ସଭାପତି ଭାବେ ଅମରେଶ ରାଉତରାୟ, ଉପସଭାପତି ଭାବେ ଅରୁଣ ଲେଙ୍କା, ମନୋଜ ମହାନ୍ତି, ସାଧାରଣ ସମ୍ପାଦକ ଭାବେ ସରୋଜ ନାଥ, ସହସମ୍ପାଦକ ରଣଜିତ ସାହୁ, କୋଷାଧ୍ୟକ୍ଷ ଭାବେ ସବ୍ୟସାଚୀ ମହାପାତ୍ର ମନୋନୀତ ହୋଇଛନ୍ତି। କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ମାନସ ବିଶ୍ୱାଳ, ଆଡଭୋକେଟ ସଂଜୟ ମିଶ୍ର, ନିରଞ୍ଜନ ପାତ୍ର, କୃଷ୍ଣଚରଣ ବିଶ୍ୱାଳ, ତାପସ ପରିଡା, ରତ୍ନାକର ସ୍ୱାଇଁ ଓ ଧୂଳେଶ୍ୱର ମଲ୍ଲିକ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ଭାବେ ଅର୍ନ୍ତଯ୍ୟାମୀ ସାହୁ, ପ୍ରହଲ୍ଲାଦ ସାହୁ, ନରେନ୍ଦ୍ର ପରିଡା, ଗଗନ ସାହୁ, ଆଡଭୋକେଟ୍ କୈଳାସ ସାହୁ, ଅୟସକାନ୍ତ ସାମଲ, ଶଶାଙ୍କ ଶେଖର ଆଚାର୍ଯ୍ୟ, ପ୍ରଭାସ ଦାସ, ସଦାନନ୍ଦ ମଲ୍ଲିକ, ସନ୍ତୋଷ ଭାରତୀ, ମୁରଲୀଧର ବେହେରା ପ୍ରମୁଖ ରହିଛନ୍ତି। ତେବେ ମନ୍ଦିର ପରିଚାଳନା କମିଟିର ସଭାପତି ଥିବା ଅମରେଶ ରାଉତରାୟ ଉକ୍ତ ବୈଠକରେ ଉପସ୍ଥିତ ନ ଥିବାରୁ କିଛି ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା

## ଧର୍ମପ୍ରାଣ ମହିଳାଙ୍କ ଏକାଦଶାହରେ ସ୍ମୃତିସଭା

ପାରାଦୀପ,୨୮।୭(ସମିସ):ପାରାଦୀପ ନିର୍ବାଚନମଣ୍ଡଳୀ ସିରସ୍ତା ଗ୍ରାମର ଧର୍ମପ୍ରାଣ ମହିଳା ବାସନ୍ତୀଲତା ଦାସଙ୍କ ଏକାଦଶରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ମୃତିସଭାରେ ସମସ୍ତ ଜ୍ଞାତିକୁଟୁମ୍ବଙ୍କ ସହ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଗ୍ରାମ ଯୁବକ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱାମୀ ବିଜୟ ଦାସ ଓ ପୁତ୍ର ମଣ୍ଟୁ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ଗୋଟିଏ ଅଭିଯୋଗର ତ୍ୱରିତ ସମାଧାନ

ଜଗତସିଂହପୁର,୨୮।୭(ସମିସ)



ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶିବିରରେ ପ୍ରଶାସନିକ ଅଧିକାରୀ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ୮୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ମାତ୍ର ଗୋଟିଏ ଅଭିଯୋଗର ତ୍ୱରିତ ସମାଧାନ ହୋଇଛି। ଆଜିର ଜନଅଭିଯୋଗ ଶୁଣାଣି ଶିବିରରେ ୮୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିକ ୭୧ଟି ଓ ଗୋଷ୍ଠୀଗତ ସମସ୍ୟା/ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୧ଟି ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୧୦ଟି, ଆବାସ ୧୫ଟି, ଜମିଜମା ସମସ୍ୟା ସମ୍ପର୍କିତ ୨୦ଟି, ପୁଲିସ ସହାୟତା ପାଇଁ ୨ଟି,ପେନସନ ପାଇଁ ୮ଟି ଓ ଅନ୍ୟାନ୍ୟ ୧୫ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଗୋଟିଏ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ବାଲିକୁଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକାଶ ମହାନ୍ତି, ତହସିଲଦାର ବିକାଶ ରଞ୍ଜନ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।

ସକାଳ
THE SAKALA



## ମହାପ୍ରଭୁଙ୍କୁ ପୁଣି ଅସମ୍ମାନ

# ପା'ପୋଛରେ ଶ୍ରୀଜଗନ୍ନାଥଙ୍କ ଫଟୋ

### ଭକ୍ତ, ସେବାୟତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ପୁରୀ,୨୮।୭(ସମିସ): ପୁଣି ମହାପ୍ରଭୁଙ୍କୁ ଅପମାନ। ଏଥର ଏକ ଅନ୍‌ଲାଇନ୍ ସପିଙ୍ଗ୍ ସାଇଟ୍ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇବା ଭଳି ଗୁରୁତର ଅପରାଧ କରିଛି। ଏହି ସାଇଟ୍‌ରେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋ ଛପାଥିବା ପା'ପୋଛ ଅନ୍‌ଲାଇନ୍‌ରେ ବିକ୍ରି ହେଉଛି। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ ଓ ସେବାୟତ।

କୋଟିକୋଟି ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସର ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କ ସାନ୍ନିଧ୍ୟ ପାଇବା ପାଇଁ କାହିଁ କେତେଦୂରରୁ ଭକ୍ତମାନେ ଛୁଟି ଆସିଥା'ନ୍ତି ଶ୍ରୀକ୍ଷେତ୍ର ଧାମ। ବିଶ୍ୱନିୟନ୍ତାଙ୍କ ମାହାତ୍ମ୍ୟ ଏବଂ ମହିମା ଅପାର। ହେଲେ ମହାପ୍ରଭୁଙ୍କୁ ଅପମାନିତ କରିବା ଭଳି ଏକ ଘଟଣା ଏବେ ନଜରକୁ ଆସିଛି। ଘର ଦୁଆରେ, ବାଥ୍‌ରୁମ୍, ରୋଷେଇ ଘର ଦୁଆରେ ପକାଯାଉଥିବା ପା'ପୋଛରେ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋ। ଅର୍ଥାତ୍ ଯେକେହି ବାଥ୍‌ରୁମ୍ କି ରୋଷେଇ ଘରକୁ ପଶିଲା ମାନେ ମହାପ୍ରଭୁଙ୍କୁ ପାଦରେ ମାଡ଼ି ଯିବେ। ଏହା ଜଣାପଡ଼ିବା ପରେ ଏହାକୁ ନେଇ ଭକ୍ତ ଓ ସବାୟତମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଭକ୍ତ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, ଏହା ନିଶ୍ଚିତ ଦୁଃଖଦାୟକ ଓ ଦୁର୍ଭାଗ୍ୟଜନକ। ଏଭଳି ଦୁଃସାହସ କରିଥିବା ବ୍ୟକ୍ତି କ୍ଷମାର ପାତ୍ର ନୁହନ୍ତି। ତୁରନ୍ତ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଏ ଦିଗରେ ବିହୀତ ପଦକ୍ଷେପ ଗ୍ରହଣ କରିବା ଉଚିତ୍। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଚୁପ୍ ବସିବା ଉଚିତ୍ ନୁହେଁ। ସେହିପରି ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର ଏହାକୁ ତୀବ୍ର ବିରୋଧ କରିଛନ୍ତି।

■ ବଲାଙ୍ଗୀ ନାବାଳିକାକୁ ପୋଡ଼ିଦେବା ଘଟଣା

## ଏମ୍‌ସରେ ପୀଡ଼ିତାର ତୃତୀୟଥର ବୟାନ ରେକର୍ଡ

ବଲାଙ୍ଗୀ, ୨୮।୭(ସମିସ): ବଲାଙ୍ଗୀ ନାବାଳିକା ପୋଡ଼ି ଘଟଣା ଆଜକୁ ୧୧ ଦିନ ବିତିଗଲା। ପୀଡ଼ିତା ନାବାଳିକାଙ୍କ ଘରେ ପୁଲିସ ପକ୍ଷରୁ ୨୪ ଘଣ୍ଟିଆ ସୁରକ୍ଷା ଯୋଗାଇ ଦିଆଯାଇଛି। ସେପଟେ ଦିଲ୍ଲୀ ଏମ୍ସରେ ସୋମବାର ପୁଲିସ ୩ୟ ଥର ବୟାନ ରେକର୍ଡ କରିବ। ଅନ୍ୟପକ୍ଷେ ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କର ଆରମ୍ଭ ହୋଇଛି ତୃତୀୟଥର ଅସ୍ତ୍ରୋପଚାର। ଦିନ ୧୧ଟାରୁ ଓଟିକୁ ଯାଇଛନ୍ତି ପୀଡ଼ିତା। ଆମେରିକାରୁ ୯ ଲକ୍ଷ ଟଙ୍କାର ମେଡିସିନ୍ ଆସିଥିବା ସୂଚନା ମିଳିଛି। ଏପଟେ ପୀଡ଼ିତାଙ୍କ ବାପା ଓ ପିଉସୀଙ୍କୁ ୩୦ ମିନିଟ୍‌ରୁ ଅଧିକ ସମୟ ଦିଲ୍ଲୀରେ ବଲାଙ୍ଗୀ ପୁଲିସ ପଚାରଉଚରା କରିଛନ୍ତି। ଯଦି ଏମ୍ସ ଅନୁମତି ଦେବେ ଅସ୍ତ୍ରୋପଚାର ପରେ ପୀଡ଼ିତାଙ୍କ ବୟାନ ନେବ ପୁଲିସ।



**ପୀଡ଼ିତାଙ୍କ ଘରେ ୨୪ଘଣ୍ଟିଆ ସୁରକ୍ଷା ଯୋଗାଇଲା ପୁଲିସ**

## ଅନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍ ଠାବ; ୫ ଗିରଫ



କେନ୍ଦୁଝର, ୨୮।୭ (ସମିସ): ଓଡ଼ିଶା ସମେତ ପଡ଼ୋଶୀ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରୁ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ସୁନାଚେନ୍ ଲୁଟ୍‌ପାଟ୍ କରି ପୁଲିସ୍‌ର ନିଦ ହଜାଇ ଦେଇଥିବା ଏକ ଅନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗକୁ ଆଜି କେନ୍ଦୁଝର ପୁଲିସ୍ ଠାବ କରିବା ସହ ଗ୍ୟାଙ୍ଗ୍‌ର ୫ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ, ଚିନ୍ମୟ ପ୍ରଧାନ, ବିଜୟ ପ୍ରଧାନ, ଏ. ଆଶୁ, ଏମ୍ ଅନୀଲ ଓ ସୁନୀଲ ଦାସ। ସେମାନଙ୍କଠାରୁ ପୁଲିସ୍ ୮ଟି ସୁନା ଚେନ, ୨୧ଟି ମୋବାଇଲ, ୧୪ଟି ବାଇକ୍ ଓ ନଗଦ ୧୧ହଜାର ଟଙ୍କା ଜବତ କରିଛି ପୁଲିସ। ଗିରଫ ଲୁଟେରାଙ୍କୁ ନେଇ ପୁଲିସ୍ ସହର ଭିତରେ ସିନ-ରିକ୍ରିଏସନ୍ କରାଇବା ପରେ ସେମାନଙ୍କୁ କୋର୍ଟଚାଲାଣ କରିଛି। ଜିଲ୍ଲା ପୁଲିସ୍‌କୁ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର ଦଗଡୁ ଏହି ସୂଚନା ଦେଇଛନ୍ତି।

ଗତ ୧୬ ତାରିଖ ସନ୍ଧ୍ୟାରେ କେନ୍ଦୁଝର ସହରର ବିଭିନ୍ନ ସ୍ଥାନରୁ ଚେନ୍ ଚୋରି ଅଭିଯୋଗ ହୋଇଥିଲା। ଲୁଟେରାମାନେ ସିରିଜ୍ ଲୁଟ୍ କରି ପୁଲିସ୍‌କୁ ନାକେଦମ୍ କରିଦେଇଥିଲେ। ଏହା ଏକ ଗ୍ୟାଙ୍ଗ୍‌ର କାମ ହୋଇଥିବା ସନ୍ଦେହରେ ଜିଲ୍ଲା ପୁଲିସ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ସିସିଟିଭି ଫୁଟେଜ୍, ସାଧାରଣ ଗୁଇନ୍ଦା ରିପୋର୍ଟ ଅନୁସାରେ ଜିଲ୍ଲା ପୁଲିସ ଏହି ଘଟଣାର ମୁଖ୍ୟ ସ୍ଥାନରେ ପହଞ୍ଚିଥିଲେ। ଘଟଣାରେ ପୁଲିସ ଯାଜପୁର ଜିଲ୍ଲାର ଦଶମାଣିଆ, ମୁଣ୍ଡମାଳ ଓ ପୂର୍ବକୋଟର ଗ୍ୟାଙ୍ଗ ସାମିଲ ବୋଲି ବୋଲି ଜାଣିବାକୁ ପାଇଥିଲା। ଯାଜପୁର ଜିଲ୍ଲା ପୁଲିସ ସହାୟତାରେ କେନ୍ଦୁଝରର ସ୍ୱତନ୍ତ୍ର ଟିମ୍ ଏହି ରାକେଟର ଗ୍ୟାଙ୍ଗ ସଦସ୍ୟଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ପୁଲିସ ଛାନଭିନ୍‌ରୁ ଜଣାପଡ଼ିଛି, ଓଡ଼ିଶା ଓ ଆଖପାଖ ରାଜ୍ୟରୁ ଏମାନେ ଏକ ହଜାରରୁ ଅଧିକ ଚେନ୍ ଲୁଟ୍ କରିଛନ୍ତି।

## ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦଙ୍କ ଅଡୁଆ ବଢ଼ିଲା

### ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ଖାରଜ

କଟକ, ୨୮।୭(ସମିସ): ବ୍ରିଜ୍ ଆଣ୍ଡ ରୁଫ୍ ଲାଞ୍ଚ କାରବାର ଘଟଣାରେ ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଅଡୁଆ ବଢ଼ିଛି। ଶ୍ରୀ ସେଠୀ ପକ୍ଷରୁ ଦାୟର ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେବା ପୂର୍ବରୁ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷାକୁ ମଧ୍ୟ ହଟାଇ ଦେଇଛନ୍ତି। ଶ୍ରୀ ସେଠୀଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଭି. ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାର ଶୁଣାଣି ଶେଷ କରି ଗତ ଜୁଲାଇ ୧୮ରେ ହାଇକୋର୍ଟ ରାୟକୁ ସଂରକ୍ଷିତ ରଖିଥିବା ବେଳେ ଆଜି ରାୟ ପ୍ରକାଶ ପାଇଛି। ଆବେଦନକାରୀ ଭାରତୀୟ ପ୍ରଶାସନିକ ସେବାର ଜଣେ ବରିଷ୍ଠ ଅଧିକାରୀ। ଏଣୁ ଆଗୁଆ ଜାମିନ ପ୍ରଦାନ ଦ୍ୱାରା ମିଳିଥିବା ତଥ୍ୟ ଆଧାରରେ ତାଙ୍କୁ ପଚରାଉଚରା କରାଯିବା ଏକ ନିରର୍ଥକ ପ୍ରୟାସ ବୋଲି ସିବିଆଇ ପକ୍ଷରୁ ଉପସ୍ଥାପନ ହୋଇଥିବା ଯୁକ୍ତିକୁ ହାଇକୋର୍ଟ ଗ୍ରହଣ କରି ଏପରି ରାୟ ଶୁଣାଇଛନ୍ତି। ଭ୍ରଷ୍ଟାଚାରର ଶକ୍ତି ଏକ ଛାୟା ଭଳି। ଏହା କ୍ଷମତାଧାରୀଙ୍କ ପିଛା କରିଥାଏ। ଆବେଦନକାରୀ ଜଣେ ବରିଷ୍ଠ ଅଧିକାରୀ ହୋଇଥିବାରୁ ନିଃସନ୍ଦେହ ତାଙ୍କର କ୍ଷମତା ରହିଛି। ଏଣୁ ଆଗୁଆ ଜାମିନ ଭଳି ବିନା କୌଣସି ବାଧାରେ ଘଟଣାର ନିରପେକ୍ଷ ଯାଞ୍ଚ କରାଯାଇପାରିବ ବୋଲି ଅଦାଲତ ପ୍ରକାଶିତ ରାୟରେ ଉଲ୍ଲେଖ କରିଛନ୍ତି।

ପ୍ରକାଶଥାଉକି ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଲିମିଟେଡ୍‌ର ଗ୍ରୁପ୍ ଜେନେରାଲ ମ୍ୟାନେଜର୍‌ଙ୍କ ଦ୍ୱାରା ଏକ ପ୍ରକଳ୍ପ ବିଲ୍ ବାବଦରେ ଜଣେ ଅଭିଯୋଗକାରୀଙ୍କଠାରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ ଘଟଣାରେ ଶ୍ରୀ ସେଠୀଙ୍କ ଭୂମିକା ରହିଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗରେ ଶ୍ରୀ ସେଠୀଙ୍କ ଘରେ ସିବିଆଇ ଚଢ଼ଉ ହୋଇଥିଲା। ପରେ ଶ୍ରୀ ସେଠୀ ଗିରଫଦାରୀ ଏଡ଼ାଇବାକୁ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜୁଲାଇ ୩ରେ ହାଇକୋର୍ଟ ତାଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ, ଯାହାକୁ ଆଜି ଅଦାଲତ ହଟାଇଦେବା ସହ ଆବେଦନକୁ ଖାରଜ କରିଛନ୍ତି।

## ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

ଜଗତସିଂହପୁର,୨୮।୭(ସମିସ): ଜଗତସିଂହପୁର ଜିଲ୍ଲାରେ ବିଗତ କିଛି ଦିନ ମଧ୍ୟରେ ଏକାଧିକ ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଥିବା ବେଳେ ଆଜି ପୁଣି ଜଣେ ନାବାଳିକା ଗର୍ଭବତୀ ହେବା ଘଟଣା ଜିଲ୍ଲା ପାଇଁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଛି। କୁଜଙ୍ଗ ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏହି ୧୬ବର୍ଷୀୟ ଛାତ୍ରୀଜଣଙ୍କ ଗର୍ଭବତୀ ଅବସ୍ଥାରେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେବା ପରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ତାଙ୍କର ଚିକିତ୍ସା କରିଥିଲେ। ତେବେ ଚିକିତ୍ସା ସମୟରେ ଗର୍ଭସ୍ଥ ଶିଶୁ ମୃତ ଅବସ୍ଥାରେ ବାହାରିଥିଲା। ପରେ ରକ୍ତ ଦିଆଯାଇ ନାବାଳିକାର ଚିକିତ୍ସା ଜାରି ରହିଛି ଓ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତର ସରୋଜ କୁମାର ଜେନା ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ପୀଡ଼ିତା ନାବାଳିକାଙ୍କ ପିତା କୁଜଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ ସୂଚନା ଦେଇଛନ୍ତି। ଏହି ଘଟଣାରେ ଅଭିଯୁକ୍ତକୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଶ୍ରୀ ରାଉତ ପ୍ରକାଶ କରିଛନ୍ତି।

## ଉତ୍ତମ କାର୍ଯ୍ୟ ଲାଗି ମିଳିବ ରାଜ୍ୟ ପଞ୍ଚାୟତ ପୁରସ୍କାର

### ୯ଟି ଥିମ୍ ଓ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଦିଆଯିବ ୧୨୯ ପୁରସ୍କାର

ଭୁବନେଶ୍ୱର,୨୮।୭(ସମିସ): ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଉନ୍ନତ ପ୍ରଦର୍ଶନକୁ ଅଭିପ୍ରେରିତ କରିବା ପାଇଁ ଦିଆଯିବ ରାଜ୍ୟ ପଞ୍ଚାୟତ ପୁରସ୍କାର। ୯ଟି ଥିମ୍ ଓ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୨୯ଟି ପୁରସ୍କାର ଦିଆଯିବା ସହ ଏଥିପାଇଁ ସରକାର ୪ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି।

ସୋମବାର ମନ୍ତ୍ରୀ ଶ୍ରୀ ନାଏକ ଗଣମାଧ୍ୟମକୁ ରାଜ୍ୟ ପଞ୍ଚାୟତ ପୁରସ୍କାର ବିଷୟରେ ସୂଚନା ଦେବା ସହ 'ପଞ୍ଚାୟତ ଆଡ୍‌ଭାନ୍ସମେଣ୍ଟ ଇଣ୍ଡେକ୍ସ' ସ୍କୋର୍‌ରେ ପ୍ରଦର୍ଶନ ଅନୁଯାୟୀ ମନରେଗା, ସ୍ୱଚ୍ଛତା-ବାହ୍ୟ ମଳମୁକ୍ତ, ଜଳ ଜୀବନ ମିଶନ, ସୁଶାସନ, ଦକ୍ଷତା ବିକାଶ, ଆୟ ଉତ୍ସ ବୃଦ୍ଧି, ଅନ୍‌ଲାଇନ ଅଡିଟ, ଉନ୍ନତ ଜିପିଡିପି, ଜିଏସ୍ ପୋର୍ଟାଲରେ ଗ୍ରାମ ପଞ୍ଚାୟତର ତଥ୍ୟ ଅପ୍‌ଲୋଡ୍ ଆଦି ୯ଟି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ଦିଆଯିବ। ରାଜ୍ୟ, ଜିଲ୍ଲା, ବ୍ଲକ ଓ ସଂସ୍ଥାଗତ ସ୍ତରରେ ୪ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯିବ। ରାଜ୍ୟ ସ୍ତରରେ ଯୋଗ୍ୟ ବିବେଚିତ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତଗୁଡିକୁ ପ୍ରଥମ ସ୍ଥାନ ପାଇଁ ୧୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୧୦ ଲକ୍ଷ ଏବଂ ତୃତୀୟ ସ୍ଥାନ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ଜିଲ୍ଲା ପରିଷଦଗୁଡ଼ିକୁ ପ୍ରଥମ ସ୍ଥାନ ପାଇଁ ୨୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ୨୦ ଲକ୍ଷ ଓ ତୃତୀୟ ସ୍ଥାନ ପାଇଁ ୧୫ ଲକ୍ଷର ଅର୍ଥରାଶି ପ୍ରଦାନ କରାଯିବ। ଏହି ଅର୍ଥରାଶି ସାମଗ୍ରିକ ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଡିଜିଟାଲ ଓ ସାର୍ବଜନୀନ ଲାଇବ୍ରେରୀ, ସ୍ୱତନ୍ତ୍ର ଦିବସ ପାଳନ, ଅଙ୍ଗନବାଡ଼ି କେନ୍ଦ୍ରର ମରାମତି ଓ ପୁନଃନବୀକରଣ, ଶିଶୁମାନଙ୍କ ପାଇଁ ବିନୋଦନ ସୁବିଧା, ଦିବ୍ୟାଙ୍ଗଜନଙ୍କ ବିକାଶ, ସୂଚନା-ଶିକ୍ଷା-ସଞ୍ଚାର ଆଦି କ୍ଷେତ୍ରରେ ଖର୍ଚ୍ଚ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ଘଟଣା

## ଏସ୍‌ସିବିରୁ ଡିସଚାର୍ଜ ହେଲେ ଜ୍ୟୋତିପ୍ରକାଶ

କଟକ, ୨୮।୭(ସମିସ): ଆତ୍ମଦାହ ବେଳେ ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିବା ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଆଜି ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ହସ୍ପିଟାଲର ବର୍ଣ୍ଣ ୟୁନିଟ୍‌ରେ ଚିକିତ୍ସିତ ହେଉଥିବା ଛାତ୍ର ଶ୍ରୀ ବିଶ୍ୱାଳଙ୍କ ସୋମବାର ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଏଥିସହ ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ଅପରାହ୍ଣରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡା. ବିଭୂତି ଭୂଷଣ ନାୟକ କହିଛନ୍ତି ଯେ ଜ୍ୟୋତିପ୍ରକାଶ ଏବେ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି। ଆସନ୍ତା ୧୫ ଦିନ ପରେ ସେ ପୁଣି ମେଡିକାଲ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରାଇବେ ଏବଂ ତାଙ୍କୁ ସମସ୍ତ ଔଷଧ ଓ ଖାଦ୍ୟପେୟ ସମ୍ପର୍କରେ କୁହାଯାଇଛି। ଅନ୍ୟପଟେ ଜ୍ୟୋତିପ୍ରକାଶ କିନ୍ତୁ ବାଲେଶ୍ୱର ଘଟଣା ସମ୍ପର୍କରେ ମୁହଁ ଖୋଲିନାହାନ୍ତି। ଏହି ଘଟଣା ସମ୍ପର୍କରେ କିଛି କହିବାକୁ ଚାହୁଁନି। ଏସ୍‌ସିବିରେ ସମସ୍ତ ଚିକିତ୍ସା ମିଳିଛି ଏବଂ ସମସ୍ତେ ସହଯୋଗ କରିଛନ୍ତି ବୋଲି ଜ୍ୟୋତି କହିଛନ୍ତି। ସୂଚନାଥାଉକି, ଜୁଲାଇ ୧୨ ତାରିଖରେ ଏଫ୍‌ଏମ୍ କଲେଜରେ ଛାତ୍ରୀ ସୌମ୍ୟାଶ୍ରୀ ବିଶି କଲେଜରେ ଆତ୍ମାହୁତି ଦେବା ବେଳେ ଉଦ୍ଧାର କରିବାକୁ ଯାଇ ଜ୍ୟୋତି ଗୁରୁତର ଆହତ ହୋଇଥିଲେ। ଉକ୍ତ ଅଘଟଣରେ ତାଙ୍କ ଶରୀରର କିଛି ଅଂଶ ପୋଡ଼ି ଯାଇଥିଲା। ଜ୍ୟୋତିଙ୍କୁ ପ୍ରଥମେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ସିବିର ବର୍ଣ୍ଣ ଆଇସିୟୁରେ ଜ୍ୟୋତିପ୍ରକାଶଙ୍କ ଚିକିତ୍ସା ଚାଲିଥିବା ବେଳେ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡା. ନାୟକଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସାରେ ନିୟୋଜିତ ରହିଥିଲେ।

## ନଦୀରେ ବୁଡ଼ି କାଉଡ଼ିଆଙ୍କ ମୃତ୍ୟୁ

ଗୁଣୁପୁର,୨୮।୭(ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ୍ ପୁଟାସିଂ ଥାନା ଅଧୀନ ଭୀମପୁର ପଞ୍ଚାୟତ ଦିନବନ୍ଧୁପୁର ନିକଟରେ ପ୍ରବାହିତ ମହେନ୍ଦ୍ରତନୟା ନଦୀରେ ବୁଡ଼ି ଜଣେ କାଉଡ଼ିଆ ଭକ୍ତଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ୍ ଅଧୀନ କେ. ଝାଲାରସିଂ ଗ୍ରାମର ଦେବଦତ୍ତ ବେହେରା ଦଳେଇ। ସୂଚାନାନୁଯାୟୀ, ଦେବଦତ୍ତ ଗ୍ରାମର ୩୦ଜଣ ଭକ୍ତଙ୍କ ସହ ଭୀମପୁର ଶୈବପୀଠକୁ ଜଳାଭିଷେକ ଲାଗି ଆସିଥିଲେ। ତେବେ ଶୌଚ ପାଇଁ ନଦୀକୁ ଯାଇ ସେ ଆଉ ଫେରି ନଥିଲେ। ଫଳରେ ସାଥିରେ ଥିବା ଅନ୍ୟ କାଉଡ଼ିଆ ଭକ୍ତମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରିଥିଲେ। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିବା ବେଳେକୁ ସ୍ଥାନୀୟ ଲୋକେ ମୃତଦେହକୁ ଉଦ୍ଧାର କରିଥିଲେ। ନୂଆଗଡ଼ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୁଟାସିଂ ପୁଲିସ ଶବକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଉପଖଣ୍ଡ ଚିକିତ୍ସାଳୟର ଡା. ଲକ୍ଷ୍ମଣ ପାତ୍ର ଶବକୁ ବ୍ୟବଚ୍ଛେଦ କରିବା ପରେ ସ୍ୱର୍ଗରଥ ଗାଡ଼ିରେ ମରଶରୀରକୁ ତାଙ୍କ ନିଜ ଗ୍ରାମକୁ ସମ୍ପର୍କୀୟମାନେ ନେଇଯାଇଥିବା ସୂଚନା ମିଳିଛି।



## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନିବେଶରୁ ଦୂରେଇ ରହିବେ। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**ବୃଷ:** ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଉଧାର ଧନ ଫେରିପାଇବେ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମିଥୁନ:** ଧନ ଆଗମନ ଯୋଗ ଅଛି। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ପ୍ରସନ୍ନ ରହିବ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ ଏବଂ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ସରକାରୀ କାମ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବେ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମଠ ତଥା ମନ୍ଦିରରେ ଦାନ କରିବେ।

## ପୁରୀ ରଥଯାତ୍ରାରେ ଦୁର୍ଘଟଣାଗ୍ରସ୍ତ ଯବାନଙ୍କ ମୃତ୍ୟୁ

ନୂଆପଡ଼ା, ୨୮।୭ (ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ଭରୁଆମୁଣ୍ଡା ଗାଁର ଲକ୍ଷ୍ମଣ ମାଝୀ (୪୨)ନାମକ ଜଣେ ଆଇଆରବି ଯବାନଙ୍କ ମୃତ୍ୟୁ ଘଟିଛି। ଚଳିତବର୍ଷ ସେ ପୁରୀରେ ରଥଯାତ୍ରା ସମୟରେ ସେ କାର୍ଯ୍ୟରତ ଥିଲେ। ହେଲେ ଜୁନ୍ ୨୪ରେ ଦୁର୍ଘଟଣାର ସମ୍ମୁଖୀନ ହେବାରୁ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଦୀର୍ଘ ମାସେ କାଳ ଜୀବନ ସହ ସଂଗ୍ରାମ କରିବା ପରେ ରବିବାର ରାତିରେ ଆଖି ବୁଜିଛନ୍ତି। ତାଙ୍କ ମରଶରୀରକୁ କଟକରେ ବ୍ୟବଚ୍ଛେଦ ପରେ ନିଜ ଭିଟାମାଟିକୁ ଅଣାଯାଉଛି। ମଙ୍ଗଳବାର ଅନ୍ତିମ ସଂସ୍କାର କରାଯିବ। ୧୭ବର୍ଷ ତଳେ ସେ ଆଇଆରବିରେ ଯୋଗ ଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲା ବିଶେଷକରି ମାଓବାଦୀ ଅଞ୍ଚଳରେ କାମ କରିଥିଲେ। ବର୍ତ୍ତମାନ ସେ ରାୟଗଡ଼ା କ୍ୟାମ୍ପରେ ଅବସ୍ଥାପିତ ଥିଲେ। ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ ସକାଶେ ପୁରୀରେ କାର୍ଯ୍ୟରତ ଥିଲେ। ପୁରୀରେ ସକାଳୁ ବୁଲୁଥିବା ସମୟରେ ଏକ ଗାଡ଼ି ପଛପଟୁ ଧକ୍କା ଦେଇ ଚାଲିଯାଇଥିଲା। ତାଙ୍କ ମୁଣ୍ଡରେ ଶକ୍ତ ଧକ୍କା ଲାଗିଥିବା ବେଳେ ଗୋଡ଼ ଦୁଇଟି ଭାଙ୍ଗିଯାଇଥିଲା। ସେହି ଦିନଠାରୁ ସେ କଟକ ବଡ଼ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ଏହି ଘଟଣା ପରେ ୪ଝିଅଙ୍କୁ ନେଇ ଲକ୍ଷ୍ମଣଙ୍କ ସ୍ତ୍ରୀ ଜ୍ୟୋତିର୍ମୟୀ ଭାଙ୍ଗିପଡ଼ିଛନ୍ତି। ତେଣୁ ସରକାରଙ୍କ ତରଫରୁ ସହାୟତା ଯୋଗାଇବା ସହ ସ୍ତ୍ରୀଙ୍କୁ ଚାକିରି ଏବଂ ଝିଅମାନଙ୍କ ପାଠପଢ଼ା, ଭରଣପୋଷଣ ପାଇଁ ସହାୟତା ଯୋଗାଇଦେବାକୁ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଦାବି କରିଛି। ସୂଚନାଯୋଗ୍ୟ, ପୂର୍ବରୁ ଜଣେ ଦୁଇ ଜଣ ଆଇଆରବିଏନ୍ ଯବାନଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ଓଡିଶା ପୁଲିସ ତରଫରୁ ରାଷ୍ଟ୍ରୀୟ ସମ୍ମାନ ଦିଆଯାଇନି। ଏବେ ଲକ୍ଷ୍ମଣଙ୍କ ମର ଶରୀରକୁ ସମ୍ମାନ ଦେବାକୁ ଦାବି କରାଯାଇଛି।

### ମାଓବାଦୀଙ୍କ ସହିଦ ସପ୍ତାହ ଆରମ୍ଭ

## ମାଲକାନଗିରି ଜିଲ୍ଲାରେ ହାଇଆଲର୍ଟ

ଭୁବନେଶ୍ୱର,୨୮।୭(ସମିସ): ଆଜିଠୁ ମାଓବାଦୀ ପାଳନ କରୁଛନ୍ତି ସହିଦ ସପ୍ତାହ। ସହିଦ ସାଥୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜୁଲାଇ ୨୮ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ମାଓବାଦୀ ଏହି ଦିବସ ପାଳନ କରିଥାଆନ୍ତି ଓ ଏହି ସପ୍ତାହରେ ନିଜର ଦବ୍‌ଦବା ଦେଖାଇବା ନିମନ୍ତେ ବିଭିନ୍ନ ଅଘଟଣ ଘଟାଇଛନ୍ତି। ଏହି ପରିପ୍ରେକ୍ଷୀରେ ମାଓ ହିଂସା ଆଶଙ୍କାରେ ପ୍ରଭାବିତ ଅଞ୍ଚଳରେ ପୁଲିସ କଡ଼ା ସୁରକ୍ଷା ବ୍ୟବସ୍ଥା କରିଛି। ସୀମା ସିଲ୍ ସହ

■ ମାଓବାଦୀଙ୍କ ଗତିବିଧି ଉପରେ ଡ୍ରୋନ୍ ଦ୍ୱାରା ନଜର
■ ଦମନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି: ଏଡିଜି

କମ୍ବିଂ ଓ ସର୍ଚ୍ଚ ଅପରେସନ୍ ଜୋରଦାର କରାଯାଇଛି। ପୁନଶ୍ଚ ଆକାଶ ମାର୍ଗରୁ ଡ୍ରୋନ୍ ମାଧ୍ୟମରେ ମାଓବାଦୀଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି। ଏହା ସହ ସାଟ୍‌ଲାଇଟ୍ ଫଟୋ ଜରିଆରେ ମଧ୍ୟ ପୁଲିସ ମାଓବାଦୀଙ୍କ ଗତିବିଧି ନଜର ରଖିଛି ବୋଲି ସୂଚନା ଦେଇଛନ୍ତି ଆଣ୍ଟି ନକ୍ସଲ ଅପରେସନ ଏଡିଜି ସଞ୍ଜୀବ ପଣ୍ଡା। ସେ କହିଛନ୍ତି ଯେ ମାଲକାନଗିରି ଜିଲ୍ଲାରେ ହାଇଆଲର୍ଟ ଜାରି କରାଯାଇଛି। ସହିଦ ସପ୍ତାହ ଆରମ୍ଭ ପୂର୍ବରୁ ଆନ୍ଧ୍ର-ଓଡ଼ିଶା-ଛତିଶଗଡ଼ ସୀମା ସିଲ୍ ହୋଇଛି। ତିନି ରାଜ୍ୟର ପୁଲିସ ଓ ସୁରକ୍ଷାବଳ ପକ୍ଷରୁ କମ୍ବିଂ, ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରାଯାଇଛି। ସହିଦ ସପ୍ତାହକୁ ନେଇ ମାଲକାନଗିରି ଜିଲ୍ଲାରେ ପୁଲିସ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ନାକା ଲଗାଇଛି। ଅଜଣା ବ୍ୟକ୍ତି ଓ ଯାନବାହନ ଯାଞ୍ଚ ପରେ ଜିଲ୍ଲା ଭିତରକୁ ଛଡ଼ାଯାଉଛି। ନ ହେଲେ ଆହୁରି ମଧ୍ୟ ଜଙ୍ଗଲ ରାସ୍ତାରେ ମଧ୍ୟ ପୁଲିସ ନଜର ରଖିଛି। ଗାଁ ଭିତରକୁ ଯେପରି କେହି ମାଓବାଦୀ ପ୍ରବେଶ କରିନପାରିବେ ସେଥିପାଇଁ ପୁଲିସ ସଜାଗ ରହିଛି।

ଗତକାଲି ସରଣ୍ଡା ଜଙ୍ଗଲରେ ମାଓବାଦୀ ମାଟି ତଳେ ଲୁଚାଇଥିବା ୩୫ଲକ୍ଷ ଟଙ୍କାକୁ ପୁଲିସ ଜବତ କରିଛି। ବର୍ଷାପାଗ ଯୋଗୁ ମାଓବାଦୀମାନେ ଟଙ୍କା ସାଥିରେ ନେବା ଅସମ୍ଭବ ହୋଇପଡୁଛି। ତେଣୁ ସେମାନେ ଜଙ୍ଗଲ ଭିତରେ ଏକ ଗଛ ମୂଳରେ ପୋତି ଦେଉଛନ୍ତି। ପୂର୍ବରୁ ଓଡିଶାରେ ମଧ୍ୟ ମାଓବାଦୀ ଜଙ୍ଗଲ ଭିତରେ ମାଟିତଳେ ବନ୍ଧୁକ ଏବଂ ଅନ୍ୟ ବିସ୍ଫୋରକ ପୋତି ରଖୁଥିଲେ। ଏବେ ସେମାନେ ଟଙ୍କା ଲୁଚାଇବା ପାଇଁ ଏଭଳି ପନ୍ଥା ଆପଣାଉଛନ୍ତି। ପୁଲିସର କୁମ୍ବିଂ ଅପରେସନ୍ ଜୋରଦାରକୁ ନଜରରେ ରଖି ଏଭଳି ପଦେକ୍ଷପ ନେଉଛନ୍ତି ବୋଲି ସେ କହିଛନ୍ତି।

### ୪ ଥର ଆସିବା ପରେ ହେଉନି ସମାଧାନ

## ପ୍ରତିଶ୍ରୁତି ପତ୍ରକୁ ଚିରି ଫିଙ୍ଗିଦେଲେ ଦିବ୍ୟାଙ୍ଗ

ଭୁବନେଶ୍ୱର,୨୮।୭(ସମିସ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅଭିଯୋଗ ନେଇ ଆସିବା ପରେ ମଧ୍ୟ ସମସ୍ୟାରେ ସମାଧାନ ହେଉନାହିଁ। ଏତେ ଦୂରରୁ ଟଙ୍କା ଖର୍ଚ୍ଚ କରି ଆସିବା ଓ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଦାଖଲ ପରେ ମଧ୍ୟ ଏହାର ସୁଫଳ ମିଳୁନାହିଁ। ଯାହାଫଳରେ ଅନେକ ଲୋକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି।

ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ କିଛି ଦୃଶ୍ୟ ସାମନାକୁ ଆସିବା ପରେ ସରକାରୀ ବ୍ୟବସ୍ଥା ଓ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ପାଳନର ବାସ୍ତବ ସ୍ଥିତିକୁ ପଦାରେ ପକାଇଛି। ବୁର୍ଲା ସ୍ଥିତ ନାରାୟଣ ବାଗ ନାମକ ଜଣେ ବ୍ୟକ୍ତି ଭୀମସାର କଲେଜ ବିରୋଧରେ ଅଭିଯୋଗ ଆଣିଛନ୍ତି। ୪ ଥର ହେଲା ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିଲେ ବି ତାଙ୍କ ଅଭିଯୋଗର କୌଣସି ସମାଧାନ ହେଉନଥିବା ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ସରକାରୀ ଚାକିରୀରେ ଥିବା ବେଳେ ତାଙ୍କୁ ବିନା ନୋଟିସରେ ୨୦୦୭ ଜାନୁଆରି ୬ ତାରିଖରୁ ବାହାର କରି ଦିଆଯାଇଥିଲା। ବର୍ତ୍ତମାନ

### ଆତ୍ମାହୁତି ଧମକ ଦେଲେ ଅଭିଯୋଗକାରୀ

କୋର୍ଟ ପୁନର୍ବାର ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାଙ୍କ ନିଯୁକ୍ତି ହୋଇପାରୁ ନାହିଁ। ଭୀମସାର କଲେଜର ଲିଗାଲ ସେଲ୍ ଅଫିସର ପ୍ରସନ୍ନ ସ୍ୱାଇଁ ତାଙ୍କୁ ହଇରାଣ କରୁଛନ୍ତି। ଆତ୍ମାହୁତି ଦେଲେ ହୁଏତ ଏହି ଅଭିଯୋଗର ସମାଧାନ ହେବ ବୋଲି ସେ ଅଭିଯୋଗ କରିଛନ୍ତି।

ସେହିପରି ବାଲେଶ୍ୱର ବସ୍ତା ଅଞ୍ଚଳର ରଞ୍ଜିତ ମାନା ଅଭିଯୋଗ ପ୍ରକୋଷ୍ଠରୁ ମିଳିଥିବା ପ୍ରତିଶ୍ରୁତିପତ୍ର ଚିରି ଦେଇଛନ୍ତି। ଦିବ୍ୟାଙ୍ଗ ରଞ୍ଜିତ ପୂର୍ବରୁ ୮୫ ପ୍ରତିଶତ ଦିବ୍ୟାଙ୍ଗ ଥିବା ବେଳେ ବର୍ତ୍ତମାନ ତାଙ୍କୁ ୭୦ ପ୍ରତିଶତ କରିଦେଇ ଭତ୍ତା କମାଇ ଦିଆଯାଇଛି। ଯେଉଁଥିପାଇଁ ସେ ବାରମ୍ବାର ବାଲେଶ୍ୱର ଜିଲ୍ଲାପାଳଙ୍କୁ ଦେଖା କରି ଜଣାଇଥିଲେ ବି ଏହି ସମସ୍ୟାର ସମାଧାନ ହୋଇନାହିଁ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଏ ବାବଦରେ ସେ ତିନିଥର ଜଣାଇଥିଲେ ବି କିଛି ସୁଫଳ ମିଳିପାରି ନାହିଁ। ବିଭାଗୀୟ ମନ୍ତ୍ରୀ ତାଙ୍କୁ ପୁଣି ଜିଲ୍ଲାପାଳଙ୍କ ନିକଟକୁ ଯିବାକୁ ପରାମର୍ଶ ଦେଉଛନ୍ତି। ତେଣୁ ଜିଲ୍ଲାପାଳଙ୍କ ପାଖରୁ ନିରାଶ ଫେରିଥିବା ଲୋକ ଅତି କଷ୍ଟରେ ପ୍ଲାଟଫର୍ମରେ ଶୋଇ ଏହି ଅଭିଯୋଗ ପ୍ରକୋଷ୍ଠକୁ ଆସି ଦୁଃଖ ଜଣାଇବା ପରେ ପୁଣି କାହିଁକି ସେଠାକୁ ଯିବ ବୋଲି ସେ ପ୍ରଶ୍ନ କରିବା ସହ ତାଙ୍କ ପ୍ରତିଶ୍ରୁତି ପତ୍ରକୁ ଚିରି ଦେଇଛନ୍ତି।

ଅନ୍ୟ ଏକ ଘଟଣାରେ ଆମ୍ବୁଲାନ୍ସ କର୍ମଚାରୀ ସଂଘର କିଛି ବ୍ୟକ୍ତି ୫ ଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିଲେ ମଧ୍ୟ କୌଣସି ସମାଧାନ ହେଉ ନ ଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ୧୦୮ ଆମ୍ବୁଲାନ୍ସ ପରିଚାଳନା ସଂସ୍ଥା ବଦଳିବା ପରେ ନିର୍ଦ୍ଦିଷ୍ଟ ଭାବେ ସେମାନେ ଟାର୍ଗେଟ୍ କରି ୭୦ ଜଣ କର୍ମଚାରୀଙ୍କୁ ଛଟେଇ କରିଛନ୍ତି। ସେମାନଙ୍କୁ କିପରି ପୁନଃ ନିଯୁକ୍ତି ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୫ ଥର ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

## 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ

# ରାଜ୍ୟର ୧୧ ସହର, ୨୦୦ ବ୍ଲକ୍‌ରେ ଚାରା ବଣ୍ଟନ

ଭୁବନେଶ୍ୱର, ୨୮।୭ (ସମିସ):

'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂସ୍ଥା ପକ୍ଷରୁ ଏକ ନିଆରା ପଦକ୍ଷେପ ହାତକୁ ନିଆଯାଇ ରାଜ୍ୟବ୍ୟାପି ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଛ ବଞ୍ଚିଲେ ପରିବେଶ ସୁରକ୍ଷିତ ରହିବ। ଏହି ଉକ୍ତିକୁ ସଫଳ କରିବାର ପ୍ରୟାସରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ରାଜ୍ୟର ୧୧ସହର ଏବଂ ୨୦୦ରୁ ଅଧିକ ବ୍ଲକରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ରାଜଧାନୀ ଭୁବନେଶ୍ୱର ସମେତ, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା, ଢେଙ୍କାନାଳ, ପୁରୀ, ସମ୍ବଲପୁର, ମୟୂରଭଞ୍ଜ, ନୟାଗଡ଼ ଏବଂ ପାରାଦୀପର ବିଭିନ୍ନ ସ୍ଥାନରେ ବନ ବିଭାଗ ପକ୍ଷରୁ ପ୍ରଦତ୍ତ ୧୦ହଜାରରୁ ଅଧିକ ଚାରା ବଣ୍ଟନ କରାଯାଇଥିଲା।

ରାଜଧାନୀ ଭୁବନେଶ୍ୱରରେ ଚନ୍ଦ୍ରଶେଖରପୁରସ୍ଥିତ ବିସିସିଏଲ୍ ପେଟ୍ରୋଲ ପମ୍ପ ପରିସରରେ ଚାରା ବଣ୍ଟନ କରାଯାଇଥିଲା। ସକାଳ ୮ଟାରୁ ୧୨ଟା ମଧ୍ୟରେ ଛାଇ ପ୍ରଦାନକାରୀ ଶାଳ, ଶିଶୁ, ଚନ୍ଦନ ଭଳି ଦେଶୀୟ ବୃକ୍ଷ ରହିଥିଲା ବେଳେ ଆମ୍ବ, ପିଜୁଳି, ଲେମ୍ବୁ, ସଜନା ଭଳି ଫଳନ୍ତି ଗଛର ଚାରା ବଣ୍ଟାଯାଇଥିଲା। ଏହାବ୍ୟତିତ ବାସ୍କେଟ୍‌ରେ ଫୁଲ ଏବଂ ଔଷଧୀୟ ବୃକ୍ଷର ଚାରା ମଧ୍ୟ ରହିଥିଲା। ବହୁ ସଂଖ୍ୟାରେ ଲୋକ ସ୍ୱତଃପ୍ରବୃତ ଭାବେ ଆସି ଚାରା ସଂଗ୍ରହ କରିଥିଲେ। ପେଟ୍ରୋଲ୍ ପମ୍ପକୁ ତେଲ ପକାଇବାକୁ ଆସିଥିବା ଗ୍ରାହକମାନେ ହାତ ପାଆନ୍ତାରେ ଚାରା ପାଇ ଅତ୍ୟନ୍ତ ଖୁସି ଅନୁଭବ କରିବା ସହ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଏଭଳି ପ୍ରାୟସକୁ ପ୍ରଶଂସା କରିଥିଲେ।

ଭୁବନେଶ୍ୱରଠାରେ ବିପିସିଏଲ୍ ସର୍ଭିସ ପ୍ରୋଭାଇଡର୍ ଚନ୍ଦ୍ରଶେଖର ପଣ୍ଡା ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଚାରା ବଣ୍ଟନ କରିଥିଲେ। ଏହି ଅବସରରେ ଶ୍ରୀ ପଣ୍ଡା କହିଥିଲେ, ବୃକ୍ଷ ଆମ ଜୀବନର ଏକ ଅଭିନ୍ନ ଅଙ୍ଗ। ଏହା ବିନା ମାନବଜାତି ବଞ୍ଚି ରହିବା କଷ୍ଟ। ଏଭଳି ପ୍ରୟାସ ପାଇଁ ସେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ଟିମ୍‌କୁ ଧନ୍ୟବାଦ ଦେଇଥିଲେ। 'ସକାଳ' ବିଜ୍ଞାପନ ବିଭାଗ ଏଜିଏମ୍ ଦିଲ୍ଲୀପ ମହାପାତ୍ର କହିଛନ୍ତି ପରିବେଶ ସୁରକ୍ଷା ପାଇଁ ଏହା ଆମର ଏକ ଛୋଟ ପ୍ରାୟସ। ଆଗକୁ ଆମେ ପ୍ରତ୍ୟେକବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବୁ। କାର୍ଯ୍ୟକ୍ରମରେ 'ସକାଳ' ପ୍ରସାର ବିଭାଗର ପ୍ରମୋଦ ନାୟକ, ପ୍ରିୟବ୍ରତ ଦାସ, ଚନ୍ଦନ ନାୟକ, ସୁଧାଂଶୁ ସାହୁ, ବିଜୟ ସାସ୍‌ମଲ୍, ବିଜ୍ଞାପନ ବିଭାଗ ପକ୍ଷରୁ କ୍ଷୀରୋଦ ବେହେରା, ଅଭିଷେକ ସାହୁ, ନନ୍ଦନକାନନ ପ୍ରତିନିଧି ଦୁଃଷ୍ମନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ ପାର୍ଶ୍ୱର ଖମାରିସାହି ନାୟକ ପେଟ୍ରୋଲିୟମ୍‌ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶତାଧିକ ଲୋକଙ୍କୁ ଚାରା ବଣ୍ଟନ କରାଯାଇଥିଲା। ସେହିଭଳି ମୟୂରଭଞ୍ଜ ଜିଲ୍ଲାର ବେତନଟୀସ୍ଥିତ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱର ସ୍ୱସ୍ତିକ ପେଟ୍ରୋଲ ପମ୍ପରେ ସକାଳ ୮ ଟାରେ ଚାରାବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।



ଭୁବନେଶ୍ୱର


ପାରାଦୀପ


ଢେଙ୍କାନାଳ


ସମ୍ବଲପୁର



ନୟାଗଡ଼



ବ୍ରହ୍ମପୁର


ପୁରୀ


ବାଲେଶ୍ୱର


ବାରିପଦା


ରାଉରକେଲା

In Association with...
vedanta transforming for good | MCL Mahanadi Coalfields Limited | AM/NS India | imfa | Jindal Panther TMT Rebars | ନାଲକୋ NALCO | TPWODL TP Western Odisha Distribution Limited | JSW BPSL Better Everyday | Paradeep Phosphates
Virat Group of Institutions | GN Electronics | GLR infra | Vedic Group of Institutions | Badriprasad Institute of Technology | Pinnacle Group of Institution, Sambalpur | Popular Mobile | PK Academy | TVS Balasore TVS

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

## ମହିଳା ୟୁରୋ: ଇଂଲଣ୍ଡ ଚାମ୍ପିଅନ୍



ବାସେଲ,୨୮ ।୭ (ଏଜେନ୍ସି): ୟୁରୋପ ମହାଦେଶର ଶ୍ରେଷ୍ଠ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ୟୁଫା ୟୁରୋ ଚାମ୍ପିଅନସିପ୍‌ରେ ଇଂଲଣ୍ଡ ଚାମ୍ପିଅନ ହୋଇଛି। ରବିବାର ରାତିରେ ସୁଇଜରଲାଣ୍ଡର ବାସେଲରେ ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ଇଂଲଣ୍ଡ ସୁଟ୍‌ଆଉଟ୍‌ରେ ୩-୧ ଗୋଲ୍‌ରେ ସ୍ପେନ ମହିଳା ଦଳକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚ୍ ୧-୧ରେ ବରାବର୍ ରହିବା ପରେ ଅତିରିକ୍ତ ୩୦ ମିନିଟ୍ ଖେଳାଯାଇଥିଲା। ଏଥିରେ ମଧ ଫଳାଫଳ ବାହାରି ନ ଥିଲା। ଶେଷରେ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଇଂଲଣ୍ଡ ଗୋଲ୍‌ରକ୍ଷକ ହାନ୍ନା ହମ୍ପଟନ ଚମତ୍କାର ପ୍ରଦର୍ଶନ କରି ପ୍ରତିପକ୍ଷର ୨ଟି ସଟ୍‌କୁ ଅଟକାଇଦେଇଥିଲେ। ଫଳରେ ଇଂଲଣ୍ଡ ମହିଳା ଦଳ ପ୍ରଥମଥର ଲାଗି ବିଦେଶ ମାଟିରେ ଏକ ମେଜର ଟାଇଟଲ୍ ଜିତିବାରେ ସଫଳ ହୋଇଛି।

## ସୁପ୍ରିମ କୋର୍ଟରୁ ଲକ୍ଷ୍ୟଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୨୮ ।୭ (ଏଜେନ୍ସି); ଭାରତୀୟ ତାରକା ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍‌ଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଜନ୍ମ ପ୍ରମାଣପତ୍ର ନେଇ ଲକ୍ଷ୍ୟ, ତାଙ୍କ ପରିବାର ସଦସ୍ୟ ଓ ପ୍ରଶିକ୍ଷକଙ୍କ ନାମରେ ରୁଜୁ ହୋଇଥିବା ଏଫ୍‌ଆଇଆର୍‌କୁ ସୋମବାର ସୁପ୍ରିମ କୋର୍ଟ ରଦ୍ଦ କରିଦେଇଛନ୍ତି।

**ଜାଲ ଜନ୍ମ ପ୍ରମାଣପତ୍ର ମାମଲା ରଦ୍ଦ**

ଜଷ୍ଟିସ ସୁଧାଂଶୁ ଧୁଲିଆ ଓ ଅରବିନ୍ଦ କୁମାରଙ୍କୁ ନେଇ ଗଠିତ ବେଞ୍ଚ୍ କହିଛନ୍ତି, 'ଲକ୍ଷ୍ୟ ସେନଙ୍କ ବିରୋଧରେ ଅପରାଧିକ ମାମଲା ଜାରି ରଖିବା ଅନୁଚିତ ଓ ଏହା କୋର୍ଟ ପ୍ରକ୍ରିୟାର ଅପବ୍ୟବହାର'। ଏମ୍‌ଜି ନାଗରାଜ ଅଭିଯୋଗ ଆଣିଥିଲେ ଯେ, ଲକ୍ଷ୍ୟ ଓ ତାଙ୍କ ଭାଇ ଚିରାଗ ସେନଙ୍କ ଜନ୍ମ ପ୍ରମାଣପତ୍ରରେ ଜାଲିଆତି କରାଯାଇଛି। ଲକ୍ଷ୍ୟଙ୍କ ପିତା-ମାତା ଧୀରେନ୍ଦ୍ର ଓ ନିର୍ମଳା ସେନ୍, ପ୍ରଶିକ୍ଷକ ବିମଳ କୁମାର ଓ କର୍ଣ୍ଣାଟକ ବ୍ୟାଡ୍‌ମିଣ୍ଟନ ସଂଘର କର୍ମକର୍ତ୍ତା ଜନ୍ମ ପ୍ରମାଣପତ୍ର ରେକର୍ଡରେ ଜାଲିଆତି କରିଛନ୍ତି। ଗତ ଫେବୃଆରୀ ୧୯ରେ କର୍ଣ୍ଣାଟକ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମ କୋର୍ଟରେ ଏହି ମାମଲା ଦାୟର କରାଯାଇଥିଲା। କିନ୍ତୁ ସୋମବାର କର୍ଣ୍ଣାଟକ ହାଇକୋର୍ଟଙ୍କ ରାୟକୁ ସଠିକ୍ ଦର୍ଶାଇ ସୁପ୍ରିମ କୋର୍ଟ ଆବେଦନକୁ ଖାରଜ କରିଦେଇଥିଲେ।

● ଗ୍ରୀନ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ସ୍ନୁକର

## ସୁବ୍ରତ, ଚିରାଗ, ରାକେଶଙ୍କ ଡବଲ୍ ବିଜୟ

ଭୁବନେଶ୍ୱର,୨୮ ।୭ (ସମିସ): ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଏଠାରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର ମୁଖ୍ୟ ପର୍ଯ୍ୟାୟ ସୋମବାରଠୁ ଆରମ୍ଭ ହୋଇଛି। ମୁଖ୍ୟ ପର୍ଯ୍ୟାୟରେ ସୋମବାର ୧୬ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସୁବ୍ରତ ଦାସ, ରାକେଶ ପ୍ରଧାନ ଓ ଚିରାଗ ଆରୋରା ଡବଲ୍ ବିଜୟ ହାସଲ କରିଛନ୍ତି। ସୁବ୍ରତ ୩-୨ ଫ୍ରେମରେ ଅଲି ଖାନଙ୍କୁ ଓ ୩-୧ ଫ୍ରେମ୍‌ରେ ନିଶ୍ଚୟ ମିଶ୍ରଙ୍କୁ ପରାସ୍ତ କରିଥିଲେ। ସେହିଭଳି ରାକେଶ ପ୍ରଥମେ ୩-୦ରେ ଅମୀୟ ନାୟକଙ୍କୁ ଓ ୩-୦ରେ ଅଲ୍‌ତାଫ୍ ଅଲିଙ୍କୁ ହରାଇଛନ୍ତି। ଚିରାଗ ମଧ ରାହୁଲ ହାଲି ଓ ଅମିତ୍ ସିଂଙ୍କୁ ଯଥାକ୍ରମେ ୩-୦ ଓ ୩-୧ ଫ୍ରେମ୍‌ରେ ପରାସ୍ତ କରିଛନ୍ତି।

ମହିଳା ଚେସ୍ ବିଶ୍ୱକପ୍‌ରେ ଇତିହାସ ରଚିଲା ଭାରତ

# ଦିବ୍ୟା ପ୍ରଥମ ଚାମ୍ପିଅନ, ହମ୍ପି ରନର୍ସ ଅପ୍



- ଚେସ୍ ବିଶ୍ୱକପ୍ ଜିତିବାରେ ଦିବ୍ୟା ସର୍ବକନିଷ୍ଠା
- ଭାରତର ପ୍ରଥମ ଟାଇଟଲ ବିଜେତା
- ଚତୁର୍ଥ ମହିଳା ଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ
- ପାଇ ନ ଥିଲେ ଗୋଟିଏ ଜିଏମ୍ ନର୍ମ
- ପୁରସ୍କାର ବାବଦରେ ୪୧.୬ ଲକ୍ଷ ଟଙ୍କା

ନୂଆଦିଲ୍ଲୀ,୨୮ ।୭ (ଏଜେନ୍ସି)

ଭାରତର ଦିବ୍ୟା ଦେଶମୁଖ ଫିଡେ ଆନୁକୂଲ୍ୟରେ ଅନୁଷ୍ଠିତ ମହିଳା ଚେସ୍ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଛନ୍ତି। ଜର୍ଜିଆର ବାଟୁମିଠାରେ ଆଜି ଶେଷ ହୋଇଥିବା ଏହି ପ୍ରତିଯୋଗିତାର ଫାଇନାଲରେ ସେ ଆଉ ଜଣେ ଭାରତୀୟ ତଥା ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପିଙ୍କୁ ପରାସ୍ତ କରିଥିଲେ। ପ୍ରଥମଥର ଲାଗି ଭାରତର ଜଣେ ମହିଳା ଖେଳାଳି ୧୯ ବର୍ଷୀୟା ନାଗପୁରର ଦିବ୍ୟା ଏହି ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ଟାଇଟଲ ବିଜୟ ସହ ସେ ସିଧାସଳଖ ଗ୍ରାଣ୍ଡମାଷ୍ଟର ଆଖ୍ୟା ଅର୍ଜନ କରିଛନ୍ତି। ଦିବ୍ୟା ମଧ ଭାରତର ୮୮ତମ ଓ ଚତୁର୍ଥ ମହିଳା ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ଫାଇନାଲରେ ପ୍ରବେଶ ସହ ଉଭୟ ଖେଳାଳି କ୍ୟାଣ୍ଡିଡେଟ୍ସ ଚେସ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ପୂର୍ବରୁ ଭାରତର କୌଣସି ଖେଳାଳି ଚେସ୍ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରି ନ ଥିଲେ। ଚଳିତବର୍ଷ ଏକାଥରକେ ଦୁଇଜଣ ଫାଇନାଲରେ ପ୍ରବେଶ କରି ପ୍ରଥମ ଇତିହାସ ସୃଷ୍ଟି କରିବା ସହ ଜଣେ ହେଲେ ଭାରତୀୟ ଚାମ୍ପିଅନ ହେବା ସ୍ପଷ୍ଟ କରିଥିଲେ। ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିବା ବିଶ୍ୱ ରାପିଡ ଚେସ୍ ଚାମ୍ପିଅନ ହମ୍ପି ଟାଇମ ପ୍ରେସରର ଉଚିତ ମୁକାବିଲା କରି ନ ପାରି ଗୋଟିକ ପରେ ଗୋଟିଏ ତ୍ରୁଟି କରିଥିଲେ।

ଫିଡେ ମହିଳା ବିଶ୍ୱକପ୍‌ରେ ଫାଇନାଲ ମୁକାବିଲା କ୍ଲାସିକ ପର୍ଯ୍ୟାୟରେ ୨ ରାଉଣ୍ଡ ବିଶିଷ୍ଟ ହୋଇଥାଏ। ଏଥିରେ ଫଳାଫଳ ନ ମିଳିଲେ ରାପିଡ ପର୍ଯ୍ୟାୟରେ ଆଉ ୨ ରାଉଣ୍ଡ ଖେଳାଯାଇଥାଏ। କ୍ଲାସିକ ବିଭାଗ ଫାଇନାଲର ପ୍ରଥମ ରାଉଣ୍ଡ ଖେଳର ମୀମାଂସା ହୋଇ ପାରି ନ ଥିଲା। ଦ୍ୱିତୀୟ ରାଉଣ୍ଡରେ ମଧ ସମାନ ଫଳାଫଳ ମିଳିଥିଲା। କ୍ଲାସିକ୍ ପର୍ଯ୍ୟାୟର ୨ଟି ଯାକ ରାଉଣ୍ଡ ଖେଳର ପଏଣ୍ଟ ସଂଖ୍ୟା ସମାନ ରହିବା ପରେ ଆଜି ଟାଇବ୍ରେକ୍ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ରାଉଣ୍ଡରେ ଦିବ୍ୟା ଧଳାଗୋଟି ନେଇ ଖେଳିଥିଲାବେଳେ ହମ୍ପି ମ୍ୟାଚ୍‌କୁ ଡ୍ର କରିବାରେ ସମର୍ଥ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡରେ ଦିବ୍ୟା କଳାଗୋଟି ନେଇ ଖେଳିଥିଲେ ମଧ କ୍ଷୀପ୍ର ଗୋଟିଚାଳନା ଯୋଗୁ ହମ୍ପି ଚାପକୁ ଆସିଯାଇଥିଲେ। ଏହା ଫଳରେ ହମ୍ପିଙ୍କ ଗୋଟିକ ପରେ ଗୋଟିଏ ତ୍ରୁଟିରୁ ଦିବ୍ୟା ପୂରା ଫାଇଦା ଉଠାଇ ଟାଇବ୍ରେକ୍‌ର ଦ୍ୱିତୀୟ ରାଉଣ୍ଡ ସହ ଫାଇନାଲ ଜିତି ଚାମ୍ପିଅନ ହୋଇଥିଲେ। ଚାମ୍ପିଅନ ହେବା ଫଳରେ ସେ ଓପନ ବା ପୁରୁଷ ବିଭାଗରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବାରେ ସମର୍ଥ ହୋଇଥିଲେ। ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବାରେ ସେ ହମ୍ପି, ଆର୍ ବୈଶାଳୀ ଓ ହାରିକା ଦ୍ରୋଣାଭାଲୀଙ୍କ ପରେ ଚତୁର୍ଥ ଭାରତୀୟ ମହିଳା ହୋଇଛନ୍ତି। ଟାଇଟଲ ଜିତିବା ଫଳରେ ଦିବ୍ୟାଙ୍କୁ ୫୦,୦୦୦ ଡଲାର ବା ଭାରତୀୟ ମୁଦ୍ରାରେ ୪୧.୬ ଲକ୍ଷ ଏବଂ ରନର୍ସ ଅପ୍ ହମ୍ପି ୩୫,୦୦୦ ଡଲାର ବା ୨୯.୧ ଲକ୍ଷ ଟଙ୍କା ପୁରସ୍କାର ପାଇଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ ଦିବ୍ୟାଙ୍କ ଅଭିଯାନ ଥିଲା ବେଶ ଉତ୍ସାହଜନକ। ଏହି ଟୁର୍ଣ୍ଣାମେଣ୍ଟରେ ସେ ୧୫ତମ ସିଡ୍ ହୋଇଥିଲାବେଳେ ଟାଇଟଲ ଫେବରାଇଟ ନ ଥିଲେ। କିନ୍ତୁ ସେ ଭୟଶୂନ୍ୟ ହୋଇ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ଜଣଙ୍କ ପରେ ଜଣେ ଶ୍ରେଷ୍ଠ ଖେଳାଳିଙ୍କୁ ପରାସ୍ତ କରିଥିଲେ। ସେ କ୍ରମାଗତ ଭାବେ ୪ଜଣ ଗ୍ରାଣ୍ଡମାଷ୍ଟରଙ୍କୁ ହରାଇଥିଲେ। ପ୍ରି-କ୍ୱାର୍ଟର ଫାଇନାଲରେ ସେ ଚୀନ୍‌ର ଝୁ ଜିନେର, କ୍ୱାର୍ଟର ଫାଇନାଲରେ ଭାରତର ଡି ହାରିକା ଓ ସେମିଫାଇନାଲରେ ଚୀନ୍‌ର ଆଉ ଜଣେ ପ୍ରତିଯୋଗୀ ତାନ ଝୋଙ୍ଗୟିଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ହମ୍ପିଙ୍କୁ ହରାଇ ଟାଇଟଲ ଜିତିବା ପରେ ଭାରତୀୟ ଚେସ୍‌କୁ ଗୌରବମଣ୍ଡିତ କରିଛନ୍ତି। ମାତ୍ର ୧୯ ବର୍ଷ ବୟସରେ ସେ ତାଙ୍କର ଏବଂ ଭାରତର ନାମକୁ ଇତିହାସ ପୃଷ୍ଠାରେ ଲିପିବଦ୍ଧ କରିବା ପରେ ବିଶ୍ୱରେ ଏକ ନୂଆ ତାରକାଙ୍କ ଆବିର୍ଭାବ ହୋଇଥିବା ସ୍ପଷ୍ଟ ସୂଚନା ଦେଇଛନ୍ତି। ଏଭଳି ଖେଳ ପ୍ରଦର୍ଶନ ବଜାୟ ରଖିଲେ ସେ ଯେ ଦୀର୍ଘଦିନ ବିଶ୍ୱରେ ପ୍ରାଧାନ୍ୟ ବିସ୍ତାର କରିବେ ଏଥିରେ ସନ୍ଦେହର ଅବକାଶ ନାହିଁ।

### ଏହା ମୋ ଭାଗ୍ୟରେ ଥିଲା: ଦିବ୍ୟା



ବାଟୁମି,୨୮ ।୭(ଏଜେନ୍ସି): ଏଠାରେ ତାଙ୍କଠାରୁ ଦୁଇଗୁଣା ବୟସ କୋନେରୁ ହମ୍ପିଙ୍କୁ ହରାଇ ୧୯ ବର୍ଷୀୟା ଦିବ୍ୟା ଏକାଥରକେ ଚେସ୍ ବିଶ୍ୱକପ୍ ଚାମ୍ପିଅନ ହେବା ସହ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ଓପନ ବା ପୁରୁଷ ବିଭାଗରେ ଗ୍ରାଣ୍ଡମାଷ୍ଟର ହେବାରେ ସେ ଭାରତର ମାତ୍ର ଚତୁର୍ଥ ମହିଳା। 'ଏ ସବୁ ସଫଳତା ଏକ ସଙ୍ଗେ ପାଇବା ମୋ ଭାଗ୍ୟରେ ଥିଲା' ବୋଲି କହିଛନ୍ତି ମହାରାଷ୍ଟ୍ର ନାଗପୁରର ଏହି ଖେଳାଳି। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ମୋ ନାମରେ ଗୋଟିଏ ହେଲେ ଜିଏମ୍ ନର୍ମ ନ ଥିଲା। ଏବେ ମୁଁ ଗ୍ରାଣ୍ଡମାଷ୍ଟର। କିନ୍ତୁ ବିଶ୍ୱକପ୍ ଜିତିବା ପରେ ଏକାଥରକେ ଦୁଇଟି ସଫଳତା ପାଇବା ମୋର ବିଶ୍ୱାସ ହେଉନି ବୋଲି ପ୍ରଥମ ପ୍ରତିକ୍ରିୟା ଦେଇ ସେ କହିଛନ୍ତି। ଏହି ସଫଳତା ସହ ଏବେ ଖାପ ଖୁଆଇବାକୁ ହେବ। ମୁଁ ସଫଳତା ପାଇବା ପରେ ପରିବାରରେ ବିଶ୍ୱାସ ଜନ୍ମାଇବା ପର୍ଯ୍ୟାପ୍ତ ହେବ। ଏବେ ମୋତେ ସମସ୍ତ ପ୍ରକାର ସହଯୋଗ ମିଳିବ ବୋଲି ଦିବ୍ୟା ଆତ୍ମବିଶ୍ୱାସର ସହ କହିଛନ୍ତି। ଫାଇନାଲରେ ଜିତିବା ପରେ ଦିବ୍ୟା କାନ୍ଦି ପକାଇଥିଲେ। ଏହା ପରେ ସେ ତାଙ୍କ ମା'ଙ୍କୁ କୁଣ୍ଢାଇଧରି ଭୋ ଭୋ କାନ୍ଦିଥିଲେ ଓ ଏହା ପରେ ପ୍ରକୃତିସ୍ଥ ହୋଇ ପ୍ରତିକ୍ରିୟା ଦେଇଥିଲେ।

ଅଲ୍‌ଓଡ଼ିଶା ପିକଲ୍‌ବଲ୍ ଟୁର୍ଣ୍ଣାମେଣ୍ଟ

## ଅନମୋଲ୍‌ଙ୍କୁ ଡବଲ୍ ଟାଇଟଲ୍



ଭୁବନେଶ୍ୱର,୨୮ ।୭ (ସମିସ): ଅଲ୍‌ଓଡ଼ିଶା ପିକଲ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ଅନମୋଲ୍ ଦାଶ ଡବଲ୍ ଟାଇଟଲ୍ ବିଜୟୀ ହୋଇଛନ୍ତି। ପାହାଳସ୍ଥିତ ଏସ୍‌ଏସ୍ ପିକଲ୍‌ବଲ୍ ଏକାଡେମୀରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅନମୋଲ୍ ପୁରୁଷ ଓପନ୍ ଡବଲ୍ସ ଓ ମିଶ୍ରିତ ଡବଲ୍ସରେ ଚାମ୍ପିଅନ୍ ହୋଇଛନ୍ତି। ପୁରୁଷ ଡବଲ୍ସରେ ସେ ଯଶରାଜ ନାୟକ ଓ ମିଶ୍ରିତରେ ପ୍ରସିଦ୍ଧି ପୋଦ୍ଦାରଙ୍କୁ ସାଥୀ କରି ଖେଳିଥିଲେ। ଓଡ଼ିଶା ପିକଲ୍‌ବଲ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ବୟସବର୍ଗର ୪୦ରୁ ଊର୍ଦ୍ଧ୍ୱ ଯୁବ ଖେଳାଳି ଅଂଶଗ୍ରହଣ କରି ଅଭିଜ୍ଞତା ହାସଲ କରିଥିଲେ।

## ଦୁଲୀପ୍ ଟ୍ରଫି: ତିଲକଙ୍କୁ ଦକ୍ଷିଣାଞ୍ଚଳର ନେତୃତ୍ୱ

ନୂଆଦିଲ୍ଲୀ, ୨୮ ।୭ (ଏଜେନ୍ସି): ଆସନ୍ତା ମାସରେ ଦୁଲୀପ୍ ଟ୍ରଫିରୁ ବିସିସିଆଇର ୨୦୨୫-୨୬ ଘରୋଇ ସିଜନ ଆରମ୍ଭ ହେବ। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଲାଗି ଦକ୍ଷିଣାଞ୍ଚଳ ଦଳ ଘୋଷଣା କରାଯାଇଛି। ନିର୍ଭରଯୋଗ୍ୟ ବ୍ୟାଟର୍ ତିଲକ୍ ବର୍ମାଙ୍କୁ ଦଳର ନେତୃତ୍ୱ ଭାର ଦିଆଯାଇଛି। ଗତ ରଣଜୀ ଟ୍ରଫିରେ ରନର୍ସଅପ୍ ରହିଥିବା କେରଳର ୪ଜଣ ଖେଳାଳି ଦକ୍ଷିଣାଞ୍ଚଳ ଦଳରେ ସ୍ଥାନ ପାଇଛନ୍ତି। ୨୨ ବର୍ଷୀୟ ବାମହାତୀ ବ୍ୟାଟର୍ ତିଲକ ବର୍ତ୍ତମାନ ଇଂଲଣ୍ଡରେ ହାମ୍ପଶାୟର ପକ୍ଷରୁ କାଉଣ୍ଟି କ୍ରିକେଟ୍ ଖେଳୁଛନ୍ତି। ଏଥିରେ ସେ ୪ଟି ପାଳିରେ ଯଥାକ୍ରମେ ୧୦୦, ୫୬, ୪୭ ଓ ୧୧୨ ରନ କରିଛନ୍ତି। ଚଳିତ ବର୍ଷ ଦୁଲୀପ୍ ଟ୍ରଫି ଜୋନାଲ୍ ଫର୍ମାଟ୍‌କୁ ଫେରିଛି।

## ବ୍ୟାଡ୍‌ମିଣ୍ଟନ କୋର୍ଟରେ ଟଳି ପଡ଼ିଲେ ଖେଳାଳି

ହାଇଦରାବାଦ୍, ୨୮ ।୭ (ଏଜେନ୍ସି): ହାଇଦରାବାଦ୍‌ର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ବ୍ୟାଡ୍‌ମିଣ୍ଟନ ଖେଳୁଥିବାବେଳେ ଜଣେ ୨୫ ବର୍ଷୀୟ ଯୁବକଙ୍କ ହୃଦ୍‌ଘାତରେ ବିୟୋଗ ଘଟିଛି। ସ୍ଥାନୀୟ ନାଗୋଲି ଷ୍ଟାଡିୟମରେ ସକାଳ ୮ଟାରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ମୃତ ଯୁବକଙ୍କ ନାମ ଗୁଣ୍ଡଲା ରାକେଶ। ସିସିଟିଭି ଫୁଟେଜରୁ ଜଣାପଡ଼ିଛି ଯେ, ରାକେଶ ଡବଲ୍ସ ଇଭେଣ୍ଟରେ ମ୍ୟାଚ୍ ଖେଳୁଥିଲେ। ତଳେ ପଡ଼ିଥିବା ସଟଲକକ୍ ଉଠାଇବାବେଳେ ସେ ଚେତାଶୂନ୍ୟ ହୋଇ ବ୍ୟାଡ୍‌ମିଣ୍ଟନ କୋର୍ଟରେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ସାଥୀ ଖେଳାଳି ରାକେଶଙ୍କୁ ସିପିଆର୍ ଦେବାକୁ ଚେଷ୍ଟା କରିଥିଲେ। ଏଥିରେ ସେମାନେ ସଫଳ ନହେବାରୁ ସ୍ଥାନୀୟ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଗତ ମାସରେ ପଞ୍ଜାବରେ କ୍ରିକେଟ୍ ଖେଳୁଥିବାବେଳେ ଜଣେ ଖେଳାଳି ଛକା ମାରିବା ପରେ ସମାନ ଭାବେ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ।

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଭାଗନେବେ ୭ ଓଡ଼ିଆ



ଭୁବନେଶ୍ୱର, ୨୮ ।୭ (ସମିସ): ଗୁଜରାଟର ଅହମ୍ମଦାବାଦ୍‌ରେ ଅଗଷ୍ଟ ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ଭାଗ ନେବାକୁ ଓଡ଼ିଶାର ୭ଜଣ ପ୍ରତିଯୋଗୀ ଯୋଗ୍ୟତା ଅର୍ଜନ କରିଛନ୍ତି। ଏମାନଙ୍କ ମଧ୍ୟରେ କେବଳ ଜଣେ ପୁରୁଷ ରହିଛନ୍ତି। ଭାରୋତ୍ତୋଳକାରୀମାନେ ହେଲେ ୪୪ କେଜି ୟୁଥ୍‌ରେ ପ୍ରୀତିସ୍ମିତା ଭୋଇ, ୬୩ କେଜି ୟୁଥ୍‌ରେ ଟିକି ମୋହିନୀ ମଲ୍ଲିକ, ୬୩ କେଜି ଜୁନିଅରରେ ବିଦୁସ୍ମିତା ଭୋଇ, ୫୮ କେଜି ୟୁଥ୍‌ରେ ମିନା ସାନ୍ତା, ୫୮ କେଜି ସିନିଅରରେ ରୀମା ଭୋଇ, ୫୩ କେଜି ସିନିଅରରେ ସ୍ନେହା ସୋରେନ୍ ଓ ୮୮ କେଜି ସିନିଅରରେ ହୃଦାନନ୍ଦ ଦାସ ବୋଲି ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଜଣାଇଛନ୍ତି। ଟିକି ଓ ମିନା କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

୧୫ ଓଭର ପୂର୍ବରୁ ମ୍ୟାଚ୍ ଡ୍ର ରଖିବାକୁ ପ୍ରସ୍ତାବ

# ଷ୍ଟୋକ୍ସ ଓ ଇଂଲଣ୍ଡ ଦଳକୁ ସମାଲୋଚନା

ଲଣ୍ଡନ,୨୮ ।୭ (ଏଜେନ୍ସି)

ଓଲ୍ଡ ଟ୍ରାଫୋର୍ଡରେ ଗତକାଲି ଭାରତ ଓ ଇଂଲଣ୍ଡ ମଧ୍ୟରେ ଶେଷ ହୋଇଥିବା ଚତୁର୍ଥ ଟେଷ୍ଟରେ ଡ୍ର ରହିଥିଲା। କିନ୍ତୁ ଏହି ଟେଷ୍ଟରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ବ୍ୟବହାରକୁ ନେଇ ସବୁଆଡୁ ସମାଲୋଚନା ହୋଇଛି। ୫ମ ଦିନ ଖେଳ ଶେଷହେବାକୁ ଆଉ ୧୫ ଓଭର ଥିଲା। ଭାରତ ୪ ୱିକେଟରେ ୩୮୬ ରନ୍ କରିଥିଲାବେଳେ ସହଜରେ ଇଂଲଣ୍ଡ ବୋଲରଙ୍କୁ ମୁକାବିଲା କରୁଥିବା ଜାଡେଜା ୮୯ ଓ ୱାଶିଂଟନ ସୁନ୍ଦର ୮୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଏହି ସମୟରେ ମ୍ୟାଚ୍ ଡ୍ର ରଖିବାକୁ ଷ୍ଟୋକ୍ସ ପ୍ରସ୍ତାବ ଦେଇ ଜାଡେଜାଙ୍କୁ ହ୍ୟାଣ୍ଡସେକ କରିବାକୁ କହିଥିଲେ। କିନ୍ତୁ ଜାଡେଜା ଓ ସୁନ୍ଦର ଏହାକୁ ଅଗ୍ରାହ୍ୟ କରିଥିଲେ ଓ ଉଭୟ ଖେଳାଳି ଶତକ ହାସଲ କରିବା ପରେ ମ୍ୟାଚ୍ ଶେଷ ହୋଇଥିଲା। ଷ୍ଟୋକ୍ସଙ୍କ ଏଭଳି ସମୟରେ ପ୍ରସ୍ତାବକୁ ଇଂଲଣ୍ଡ ଅଧିନାୟକ ନାସେର ହୁସେନଙ୍କ ସହ ଭାରତୀୟମାନେ ସମାଲୋଚନା କରିଛନ୍ତି। ହୁସେନଙ୍କ ମତରେ ଇଂଲଣ୍ଡ ଦଳ ଏତେ ସମୟ କ୍ରିଜ୍‌ରେ ରହି କ୍ଲାନ୍ତ ହୋଇ ପଡ଼ିଥିବା ସ୍ୱାଭାବିକ୍। କିନ୍ତୁ ପ୍ରତିପକ୍ଷ ଦଳର ଖେଳାଳିମାନେ ମାଇଲଷ୍ଟୋନ୍‌ରେ ପହଞ୍ଚିବା ସମୟରେ ଏଭଳି ପ୍ରସ୍ତାବ ଦେବା ଟିକେ ପିଲାଳିଆମୀ ମନେ ହେଉଛି। ପରେ ଷ୍ଟୋକ୍ସ 'ଡୁ ୟୁ ୱାଣ୍ଟ ଟୁ ଗେଟ ହଣ୍ଡ୍ରେଡ ଅଫ୍ ବ୍ରୁକ୍' କହୁଥିବାର ଷ୍ଟମ୍ପ ମାଇକ୍ରୋଫୋନ୍‌ରୁ ଜଣା ପଡ଼ିଥିଲା। ଏହା ପରେ ବ୍ରୁକ୍ ବୋଲିଂ କରିଥିଲେ ଓ ଜାଡେଜା ଶତକ ହାସଲ କରିଥିଲେ। କିନ୍ତୁ କ୍ରିକେଟ ଖେଳ କିଛି ନିୟମ ଅନୁସାରେ ଚାଲିଛି। ଇଂଲଣ୍ଡ ଖେଳାଳିଙ୍କ ମନଇଚ୍ଛାରେ ନୁହେଁ ବୋଲି ଭାରତୀୟ ଖେଳାଳି ଆକାଶ ଚୋପ୍ରା କହିଛନ୍ତି। ସେ ତାଙ୍କ ପୋଷ୍ଟରେ ଷ୍ଟୋକ୍ସଙ୍କ କ୍ରାଏବେବିଜ୍ ଫଟୋ ମଧ ପୋଷ୍ଟ କରିଛନ୍ତି। ଇଂଲଣ୍ଡ ଦଳ ନୈତିକତା ଦୃଷ୍ଟିରୁ ଏପରି କରିଥିଲେ ବୋଲି ସଫେଇ ଦିଆଯାଇଛି। ସେ ଯାହା ହେଉ ଯେଉଁଭଳି ସମୟରେ ଏହା କରିଥିଲେ ତାହା ଆଦୌ ଗ୍ରହଣୀୟ ନୁହେଁ ବୋଲି ଭାରତୀୟମାନେ କହିଛନ୍ତି।



ଭାରତର ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କରଙ୍କ ମତରେ ଷ୍ଟୋକ୍ସ ଯଦି ଏପରି କିଛି ଚାହୁଁଥିଲେ ତେବେ ଇଂଲଣ୍ଡ ଦଳର ପ୍ରଥମ ଇନିଂସ ଆଗରୁ କାହିଁକି ଘୋଷଣା କରୁ ନ ଥିଲେ। ଏହାର ଅର୍ଥ ଭାରତୀୟଙ୍କୁ ଚାପରେ ରଖି ଏହି ମ୍ୟାଚ୍‌କୁ ସହଜରେ ଜିତିବା ତାଙ୍କର ରଣନୀତି ଥିଲା। ଏହା ଯେତେବେଳେ ସଫଳ ନ ହେଲା, ସେତେବେଳେ ଡ୍ର ପ୍ରସ୍ତାବ ଦେବା ଆଦୌ ଯୁକ୍ତିଯୁକ୍ତ ନୁହେଁ ବୋଲି ସେ କହିଛନ୍ତି। ଜୁଲାଇ ୩୧ରେ ପଞ୍ଚମ ଟେଷ୍ଟ ଅନୁଷ୍ଠିତ ହେବ। ଚତୁର୍ଥ ଓ ପଞ୍ଚମ ଟେଷ୍ଟ ମଧ୍ୟରେ ୩ ଦିନ ଫାଙ୍କା ଥିବାରୁ ଉଭୟ ଦଳର ଖେଳାଳିମାନେ ପର୍ଯ୍ୟାପ୍ତ ବିଶ୍ରାମ ପାଇପାରିବେ ନାହିଁ।

୩୧ରୁ ପଞ୍ଚମ ଟେଷ୍ଟ

## ଇଂଲଣ୍ଡ ଦଳରେ ଓଭରଟନ୍, ପନ୍ତଙ୍କ ସ୍ଥାନରେ ଜଗଦୀଶନ

ଲଣ୍ଡନ,୨୮ ।୭ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଲାଗି ଉଭୟ ଦଳ ଜଣେ ଲେଖାଏଁ ଖେଳାଳି ପରିବର୍ତ୍ତନ କରିଛନ୍ତି। ଘରୋଇ ଦଳ ତାହାର ପେସ୍ ବୋଲିଂ ଅଲରାଉଣ୍ଡର ଜାମି ଓଭରଟନଙ୍କୁ ଦଳରେ ସାମିଲ କରିଛି। ସେହିପରି ଭାରତୀୟ ଦଳର ଆହତ ୱିକେଟରକ୍ଷକ ଋଷଭ ପନ୍ତଙ୍କ ସ୍ଥାନରେ ତାମିଲନାଡୁର ୱିକେଟରକ୍ଷକ ଏନ୍ ଜଗଦୀଶନଙ୍କୁ ସାମିଲ କରାଯାଇଛି। ଜଗଦୀଶନ ରବିବାର ଟିମ୍ ସହ ଯୋଗଦେଇଛନ୍ତି। ସାହସିକ ଖେଳ ପ୍ରଦର୍ଶନ କରି ଚତୁର୍ଥ ଟେଷ୍ଟକୁ ଡ୍ର ରଖିଥିବା ଭାରତୀୟ ଦଳରେ ପଞ୍ଚମ ଟେଷ୍ଟ ଲାଗି ଏକାଧିକ ପରିବର୍ତ୍ତନ କରାଯିବାର ସମ୍ଭାବନା ରହିଛି। ୱିକେଟ ରକ୍ଷକ ପନ୍ତ୍‌ଙ୍କ ସ୍ଥାନରେ ଧ୍ରୁବ ଜୁରେଲ ପଞ୍ଚମ ଟେଷ୍ଟ ଖେଳିବେ। ସେହିପରି ଦୁଇ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ଶାର୍ଦ୍ଦୁଳ ଠାକୁର/ ଅଂଶୁଲ କାମ୍ବୋଜଙ୍କୁ ଏହି ଟେଷ୍ଟ ଖେଳିବାରୁ ବଞ୍ଚିତ ହେବାକୁ ପଡ଼ିପାରେ। ଏମାନଙ୍କ ସ୍ଥାନରେ ଭାରତ ଦୁଇ ଜଣ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସୁଯୋଗ ଦେଇପାରେ। ଅନ୍ୟ ଟେଷ୍ଟ ପରି ପଞ୍ଚମ ଟେଷ୍ଟ ଖେଳାଯିବାକୁ ଥିବା ପିଚ୍ ଯଦି ଫ୍ଲାଟ ରୁହେ ତେବେ ଅର୍ଶଦୀପ ଓ କୁଲଦୀପ ସିଂହ ଶେଷ ଟେଷ୍ଟରେ ଖେଳିବାର ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ। ବୁମ୍‌ରା ଖେଳିଲେ ମଧ ଅର୍ଶଦୀପଙ୍କୁ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS